READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୫ | ସଂଖ୍ୟା-୩୬ | ୨୦ - ୨୬ ସେପ୍ଟେମ୍ବର, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-36 | 20th - 26th SEPTEMBER, 2021 | BHUBANESWAR | ₹ 5/- (8 Pages)


### ଡିଆରଡିଓ ତଥ୍ୟ ଲିକ୍ ମାମଲା

## ଅନୁପ୍ରବେଶକାରୀଙ୍କ ଉପରେ ସନ୍ଦେହ



**ଭୁବନେଶ୍ୱର :** ବାଲେଶ୍ୱର ଚାନ୍ଦିପୁରରେ ଥିବା ପ୍ରତିରକ୍ଷା ପରୀକ୍ଷଣ କେନ୍ଦ୍ରରୁ ତଥ୍ୟ ଲିକ୍ ମାମଲାରେ ବାଂଲାଦେଶୀ ଶରଣାର୍ଥୀଙ୍କ ସମ୍ପୃକ୍ତି ଥିବା ନେଇ ସୂଚନା ମିଳିବା ପରେ ନିକଟରେ ଥିବା ବସ୍ତିରେ ପହଞ୍ଚିଛି କ୍ରାଇମବ୍ରାଞ୍ଚ। ଏଠାରେ ଥିବା ୪ଜଣ ବାଂଲାଦେଶୀ ଶରଣାର୍ଥୀଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ନେଇଥିବା କୁହାଯାଉଛି। ଏମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଉତ୍ତରପ୍ରଦେଶର ହ୍ୟାଣ୍ଡେଲର ମାଧ୍ୟମରେ ଆଇଟିଆରର କର୍ମଚାରୀଙ୍କ ପାଇଁ ପାକିସ୍ତାନରୁ ଟଙ୍କା ଆସିଥିବା ଜଣାପଡିଛି। ଆତଙ୍କବାଦୀଙ୍କ ପାଇଁ ବାଂଲାଦେଶୀଙ୍କ ବ୍ୟାଙ୍କ ଆକାଉଣ୍ଟ ଭଡାରେ ଲାଗିଥିବା ନେଇ ସନ୍ଦେହ ଦୃଢ଼ୀଭୂତ ହେଉଛି। ଯାହା ଜଣାପଡିଛି ଏହି ୪ ବାଂଲାଦେଶୀ ଶରଣାର୍ଥୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା କରିଛି। ଅନ୍ୟପଟେ ୫ଜଣଙ୍କୁ ରିମାଣ୍ଡରେ ଆଣିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଆବେଦନ କରିଥିବା ନେଇ ମଧ୍ୟ ସୂଚନା ମିଳୁଛି। ପାକିସ୍ତାନୀ ସୁନ୍ଦରୀଙ୍କ ହନିଟ୍ରାପ୍‌ରେ ପଡ଼ି ଗିରଫ ହୋଇଛନ୍ତି ଚାନ୍ଦିପୁର ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ(ଆଇଟିଆର)ର ୪ ଠିକା ଓ ଜଣେ ସ୍ଥାୟୀ କର୍ମଚାରୀ। ଡିଆରଡିଓର ଗୁପ୍ତ ତଥ୍ୟ ଦେବା ଅଭିଯୋଗରେ ଏମାନେ ଗିରଫ ହୋଇଛନ୍ତି। ତେବେ ଏଠି ସାଧାରଣରେ ପ୍ରଶ୍ନ ଉଠୁଛି, ୫ ଜଣ ଗିରଫ ହେବା ପରେ ଚାନ୍ଦିପୁର ଆଇଟିଆର୍ ଓ ଭଦ୍ରକ ଜିଲ୍ଲାରେ ଥିବା ଅବଦୁଲ୍ କାଲାମ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର କେତେ ସୁରକ୍ଷିତ ? ଓଡ଼ିଶାରେ ରହିଛି ବିସ୍ତିର୍ଣ୍ଣ ବେଳାଭୂମୀ। ବାଲେଶ୍ୱରରୁ ପୁରୀ। ପୁରୀରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଲମ୍ବିଛି ସମୁଦ୍ରର ନୀଳ ଜଳରାଶି। ଏହି ବିସ୍ତିର୍ଣ୍ଣ ବେଳାଭୂମିରେ ଗଢ଼ି ଉଠିଛି ଅନେକ ଛୋଟ ବଡ଼ ଗାଁ। ଯେଉଁଠି ରହୁଛନ୍ତି ଶହଶହ ବାଂଲାଦେଶୀ। ଏମାନେ ଛଦ୍ମବେଶରେ ଅନାୟସରେ ସବୁ ଅଞ୍ଚଳ ଘୂରି ବୁଲୁଛନ୍ତି। ତେବେ ଏଠି ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି, ତଥ୍ୟ ଲିକ୍ ମାମଲାରେ ୫ ଜଣ ଗିରଫ କରେ ପରେ କେତେ ସୁରକ୍ଷିତ ଚାନ୍ଦିପୁର ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ ? ତା'ସହ ଶତ୍ରୁଙ୍କ ପାଇଁ କେତେ ଅଭେଦ୍ୟ ପଡ଼ୋଶୀ ଭଦ୍ରକ ଧାମରାରେ ଥିବା ଅବଦୁଲ୍ କାଲାମ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ? ଧାମରା ମଧ୍ୟ କେତେ ବିପଦମୁକ୍ତ ?

➤ ପୃ-୬

### ସୁରଟ୍‌ର ଓଡ଼ିଆ ଭୋଟରଙ୍କୁ ଭୁଲିଗଲା ବିଜେଡି !

## ପହଞ୍ଚିଲା ବିଜେପି



**ଭୁବନେଶ୍ୱର :** ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ। ଏହାପୂର୍ବରୁ ଗୁଜୁରାଟର ସୁରଟରେ ରହୁଥିବା ଓଡ଼ିଆ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି ବିଜେପି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସୁରଟରେ ରହୁଥିବା ଓଡ଼ିଆ ଭୋଟରଙ୍କୁ ପ୍ରଭାବିତ କରିବା ନିମନ୍ତେ ବିଜେଡି ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲା ଏବେ ସେସବୁ ଭୁଲି ଯାଇଥିବାରୁ ତା'ର ରାଜନୀତିକ ଫାଇଦା ନେବା ପାଇଁ ବିଜେପି ନିଜର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସୁରଟ ପଠାଇଛି। ଏହି ଟିମ୍ ସୁରଟ ଗସ୍ତ କରିଥିବାବେଳେ ସେଠାରେ ୩ଦିନ ରହି ସୁରଟରେ ଦଳୀୟ ସାଂଗଠନିକ ସ୍ଥିତି ଓ ବ୍ୟବସ୍ଥା, ସାଂଗଠନିକ ବୈଠକ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ

➤ ପୃ-୬

## 'ମୂର୍ତ୍ତି ଉଚ୍ଚତା ସହ ପୂଜାର ସମ୍ପର୍କ ନାହିଁ'



**କଟକ :** କଟକରେ ମା' ଦୁର୍ଗାଙ୍କ ମୂର୍ତ୍ତି ଉଚ୍ଚତା ବିବାଦ ମାମଲାର ରାୟ ହାଇକୋର୍ଟରେ ଶୁଣାଣି ହୋଇଛି। ମୂର୍ତ୍ତି ଉଚ୍ଚତା ବୃଦ୍ଧି ନେଇ ହୋଇଥିବା ଆବେଦନକୁ ଖାରଜ କରିଛନ୍ତି ହାଇକୋର୍ଟ। କଟକରେ ମା' ଦୁର୍ଗାଙ୍କ ୪ ଫୁଟ୍ ଉଚ୍ଚତାକୁ ବିରୋଧ କରି କଟକ ବାଲୁବଜାର ପୂଜା କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଗତକାଲି ମାମଲାର ଶୁଣାଣି କରି କୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ହାଇକୋର୍ଟ ଏହାର ରାୟ ଶୁଣାଇଛନ୍ତି। ପୂଜା କମିଟି ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର କରାଯାଇ ୫ଶହ ବର୍ଷର ପୁରୁଣା ପରମ୍ପରା ବଜାୟ ରଖିବାକୁ ଆବେଦନ ହୋଇଥିଲା। କିନ୍ତୁ ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। କୋଭିଡ୍ ସଂକ୍ରମଣ ଦୃଷ୍ଟିରୁ ୪ଫୁଟରୁ ଅଧିକ ଉଚ୍ଚର ମୂର୍ତ୍ତି ନିର୍ମାଣ ହୋଇପାରିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଥିଲେ।

➤ ପୃ-୬

## ଶାନ୍ତି ଓ ସୁରକ୍ଷା ସବୁଠାରୁ ବଡ ଚ୍ୟାଲେଞ୍ଜ : ପ୍ରଧାନମନ୍ତ୍ରୀ




**ନୂଆଦିଲ୍ଲୀ :** ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନ(ଏସ୍‌ସିଓ)ସମ୍ମିଳନୀ ୨୦ ବର୍ଷ ପୂର୍ତ୍ତି ପାଳନ କରିଛି। ଭିଡିଓ କନଫରେନ୍ସିଂ ଜରିଆରେ ଆୟୋଜିତ ଏହି ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଫଗାନିସ୍ତାନ କଥା ଉଠାଇଛନ୍ତି। ଏଥିସହ ଏସିଆ ମହାଦେଶର ଦେଶଗୁଡ଼ିକ ପାଇଁ କଠୋରତାବାଦ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଓ ଏହାର ଉଦାହରଣ ଭାବେ ଆଫଗାନିସ୍ତାନକୁ ନିଆଯାଇ ପାରେ ବୋଲି ସେ କହିଛନ୍ତି। ମୋଦି ରାଡିକାଲାଇଜେସନ ବା କଠୋରୀକରଣ କଥା କହିବା ବେଳେ ତାଙ୍କ ଉଦବୋଧନକୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମଧ୍ୟ ଶୁଣିଥିଲେ। ମୋଦି କହିଛନ୍ତି, "ଏସ୍‌ସିଓର ୨୦ଶ ବର୍ଷ ପୂର୍ତ୍ତି ହେଉଛି ଠିକ ସମୟ ଯେତେବେଳେ ଆମେ ଏସ୍‌ସିଓର ଭବିଷ୍ୟତ କଥା ଚିନ୍ତା କରିବା ଦରକାର। ଏହା ଗୋଟିଏ ଖୁସିର କଥା ଯେ ଆମ ସହ ନୂଆ ବନ୍ଧୁ ରାଷ୍ଟ୍ର ଯୋଡ଼ି ହେଉଛନ୍ତି। ମୁଁ ଇରାନକୁ ଏସସିଓର ନୂଆ ସଦସ୍ୟ ଭାବେ ସ୍ୱାଗତ କରୁଛି। ଏଥିସହ ତିନି ଡାଏଲଗ ପାର୍ଟନର ଇଜିପ୍ଟ, କାତାର ଓ ସାଉଦି ଆରବକୁ ମଧ୍ୟ ସ୍ୱାଗତ କରୁଛି। ମୋ ମତରେ ଏହି ଅଞ୍ଚଳ ପାଇଁ ଶାନ୍ତି, ସୁରକ୍ଷା ଓ ବିଶ୍ୱାସ ହ୍ରାସ ପାଇବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଏହାର ମୁଖ୍ୟ କାରଣ ହେଲା

➤ ପୃ-୬

### ବକ୍ରବାଣୀ



ଆଗକୁ ଭୋଅଟ ଆଉଚି ବୋଲି
ନେତାଏ ଗଲେଣି ପିପିଲି ଚାଲି
ଷ୍ଟାର ପ୍ରଚାରକ ମାଳକୁ ମାଳ
ସେଠି ଦିନ ରାତି କରନ୍ତି ଖେଳ
ଦିନରେ ଦେଖେଇ ମିଛ ସପନ
ଉଡେଇବେ ସେଠି ଫୁଲ୍ ପବନ
କହିବେ ସରଗୁ ଚାନ୍ଦ ଆଣିବେ
ସୁନାର ପିପିଲି ବନେଇଦେବେ
ନିର୍ଲଜ ଭୋଟର ଭୋଅଟ ଦେଇ
ମୁଣ୍ଡ ବିକିଦେବେ ପାଁଶହ ନେଇ।

—— ଟୁଟୁ

## ଜିଏସ୍‌ଟି ପରିସର ହେଲାନି ପେଟ୍ରୋଲ,ଡିଜେଲ





**ନୂଆଦିଲ୍ଲୀ :** ମହଙ୍ଗା ମାଡ଼ରେ ଆଉଟ ପାଉଟୁ ହେଉଥିବା ଦେଶବାସୀ ୪୫ତମ ଜିଏସ୍‌ଟି ପରିଷଦ ବୈଠକରୁ ଅନେକ କିଛି ଆଶା କରିଥିଲେ। ବିଶେଷ କରି ପେଟ୍ରୋଲ ଓ ଡିଜେଲ ଜିଏସ୍‌ଟିରେ ସାମିଲ ହେବ ବୋଲି ଚାରିଆଡ଼େ ଚର୍ଚ୍ଚା ହେଉଥିଲା। କିନ୍ତୁ ବର୍ତ୍ତମାନ ପାଇଁ ଜିଏସଟି ପରିସରକୁ ଆସିବନି ପେଟ୍ରୋଲ, ଡିଜେଲ ଓ ଅନ୍ୟ ପେଟ୍ରୋଲିୟମଜାତ ସାମଗ୍ରୀ। ଲକ୍ଷ୍ନୌରେ ବସିଥିବା ଜିଏସଟି ପରିଷଦର ୪୫ତମ ବୈଠକରେ ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସରକୁ ଆଣିବାକୁ ଆଲୋଚନା ହୋଇଥିଲା। ତେବେ ରାଜ୍ୟମାନେ ଏହି ପ୍ରସ୍ତାବକୁ ଜୋରଦାର ବିରୋଧ କରିଥିଲେ। ଶେଷରେ ସର୍ବସମ୍ମତିକ୍ରମେ ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସର ବାହାରେ ରଖାଯାଇଛି। ଏହାର ଅର୍ଥ ସାଧାରଣ ଲୋକମାନେ ପୂର୍ବଭଳି ୧୦୦ରୁ ଅଧିକ ଟଙ୍କାରେ ପେଟ୍ରୋଲ ଓ ପ୍ରାୟ ୧୦୦ ଟଙ୍କା ଦେଇ ଡିଜେଲ କିଣିବେ। ଯଦି ଏହା ଜିଏସ୍‌ଟି ପରିସର ଭୁକ୍ତ ହୋଇଥାଆନ୍ତା, ତା'ହେଲେ ପେଟ୍ରୋଲ ଲିଟର ପିଛା ପ୍ରାୟ ୨୫ ଟଙ୍କା ଓ ଡିଜେଲ ଲିଟର ପିଛା ୨୦ ଟଙ୍କା ଶସ୍ତା ହୋଇଥାଆନ୍ତା। ଏହାଦ୍ୱାରା ସାଧାରଣ ଲୋକ ଉପକୃତ ହୋଇଥାଆନ୍ତେ। କିନ୍ତୁ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ନିଜର ରାଜସ୍ୱ ସଂଗ୍ରହରେ କ୍ଷତି ସହିଥାଆନ୍ତେ। ପେଟ୍ରୋଲ ଉପରୁ ଉଭୟ କେନ୍ଦ୍ର ଓ ରାଜ୍ୟ ଉତ୍ପାଦନ ଶୁଳ୍କ ବାବଦକୁ ବିପୁଳ ଟିକସ ପାଉଛନ୍ତି। କରୋନା ଲଢେଇ ପାଇଁ ଅଧିକ ଅର୍ଥ ଦରକାର ହେଉଥିବାରୁ ବର୍ତ୍ତମାନ ସ୍ଥିତିରେ ପେଟ୍ରୋଲିୟମ ଜାତ ପଦାର୍ଥକୁ ଜିଏସଟି ତାଲିକାଭୁକ୍ତ କରାଯିବାର ପ୍ରଶ୍ନ ଉଠୁନଥିବା ରାଜ୍ୟମାନେ କେନ୍ଦ୍ରକୁ କହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସୂଚନା ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପେଟ୍ରୋଲିୟମ ଜାତୀୟ ସାମଗ୍ରୀଗୁଡ଼ିକୁ

➤ ପୃ-୬

### ବୈଧ ମାପ ଓ ଓଜନ ବିଭାଗ ସ୍ଥାଣୁ

## ବଢୁଛି ଖାଉଟିଙ୍କ ଅସନ୍ତୋଷ




**ଜଗତ୍‌ସିଂହପୁର :** ଜଗତ୍‌ସିଂହପୁର ଜିଲ୍ଲାରେ ବୈଧ ମାପ ଓ ଓଜନ ବିଭାଗ କାର୍ଯ୍ୟାଳୟ କେଉଁଠାରେ କାର୍ଯ୍ୟ କରୁଛି ତାନେଇ ସନ୍ଦେହ ପ୍ରକାଶ ପାଉଥିବା ବେଳେ ଖାଉଟିମାନଙ୍କ ସମସ୍ୟା ବଢ଼ି ବଢ଼ି ଚାଲିଛି। ବୈଧମାପ ଓ ଓଜନ ବିଭାଗ କର୍ମଚାରୀମାନଙ୍କୁ ଦେଖିବାକୁ ମିଳୁନଥିବା ବେଳେ ଅନେକ ଜଳଖିଆ ଦୋକାନ, ପରିବାବ୍ୟବସାୟୀ ଓ ସଉଦାଦୋକାନୀମାନେ ଖାଉଟିକୁ ଶୋଷଣ କରି ସେଲ୍‌ଟ୍ୟାକ୍ସ ଓ ଇନ୍‌କମ୍ ଟ୍ୟାକ୍ସ ଠକି ଚାଲିଛନ୍ତି। ଏପରିକି ସେମାନଙ୍କ ମାପ ଓଜନ କଣ୍ଟାକୁ ବାର୍ଷିକ ରେନ୍ୟୁ ନକରି ଠକି ଚାଲିଛନ୍ତି। ଆଗରୁ ଦୋକାନୀମାନଙ୍କ ଦଣ୍ଡିପାଲ ଓ ବଟକରା ବାର୍ଷିକ ରେନ୍ୟୁ କରାଯାଉଥିଲା ଓ ଖାଉଟିମାନଙ୍କୁ ଠକାମିର ଶିକାର ହେବାକୁ ପଡୁନଥିଲା ହେଲେ ଏବେ ବୈଦ୍ୟୁତିକ ମାପ ଓଜନ ମେସିନ୍‌ର ବୃଦ୍ଧି ଯୋଗୁଁ ଖାଉଟିମାନେ ଶୋଷଣର ଶିକାର ହେଉଛନ୍ତି। ଗାଁ ଗହଳିଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଦୋକାନ ବଜାର, ଓମ୍‌ଫେଡ୍, କାମଧେନୁ (ପ୍ରଗତୀ) ଓ ମିଲକ୍‌ମୁଁମାନ ଖୋଲି ଚାଷୀମାନଙ୍କ ଠାରୁ କ୍ଷୀରନେଇ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ବେଳେ ଚାଷୀମାନେ ସେମାନଙ୍କର ମଜୁରୀ ପାଇପାରୁନାହାଁନ୍ତି। ଗାଁ ମାନଙ୍କରେ ଗରିବ ଲୋକମାନେ ଘରେ ଗାଈ ରଖି କୁଣ୍ଡା, ଚୋକଡ଼ କ୍ରୟ କରି ଆର୍ଥିକ

➤ ପୃ-୬






## ସାଇବର ଅପରାଧ; ଦେଶରେ ୬ଷ୍ଠ ଓଡ଼ିଶା



**ଭୁବନେଶ୍ୱର :** ଲକଡାଉନ୍, ସଟ୍‌ଡାଉନ୍ ସମୟରେ ଧୁମ୍ ଲୁଟିଛନ୍ତି ସାଇବରେ ଲୁଟେରା। ପୂର୍ବ ବର୍ଷ ତୁଳନାରେ ୨୦୨୦ରେ ରାଜ୍ୟରେ ପ୍ରାୟ ୩୦ ପ୍ରତିଶତ ବଢ଼ିଛି ସାଇବର୍ ଅପରାଧ। ଗତବର୍ଷ ମୋଟ୍ ୧୯୩୧ଟି ସାଇବର୍ କେସ୍ ସାମ୍ନାକୁ ଆସିଥିବା ବେଳେ କୌଣସି ଗୋଟିଏ ବି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି ଅପରାଧୀ। ଏନ୍‌ସିଆରବି ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଡିସିପିଙ୍କ ସୂଚନା ଅନୁଯାୟୀ, ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ କେବଳ ଚଳିତ ବର୍ଷ ୧୦ କୋଟିରୁ ଅଧିକ ଟଙ୍କା ଲୁଟିଛନ୍ତି ସାଇବର୍ ଲୁଟେରା। ସାଇବର ଅପରାଧ ଦେଶରେ ଷଷ୍ଠ ସ୍ଥାନରେ ଓଡ଼ିଶା। ଏମିତିକି ସାଇବର ଅପରାଧ ହାରରେ ରାଜ୍ୟର ସ୍ଥାନ ଅଷ୍ଟମ। ୨୦୨୦ରେ ରାଜ୍ୟରେ ପ୍ରତି ଲକ୍ଷେରେ ୪ ଜଣ ସାଇବର ଅପରାଧର ଶିକାର ହୋଇଛନ୍ତି। ୩୦ ପ୍ରତିଶତ ଉପରମୁହାଁ ହୋଇଛି ସାଇବର ଅପରାଧ ମାମଲା। ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ-ଏନସିଆରବି ତଥ୍ୟ କହୁଛି, ୨୦୨୦ରେ ଅଦୃଶ୍ୟ ଲୁଟେରା ରାଜ୍ୟରେ ଘଟାଇଛନ୍ତି ୧୯୩୧ ସାଇବର ଅପରାଧ।ମାନେ ଦିନକୁ ପ୍ରାୟ ୫ଟି କେସ୍। ଗତବର୍ଷ ରାଜ୍ୟରେ ୫୨୪ଟି ଅଶ୍ଳୀଳ, ଯୌନ ଉଦ୍ଦୀପକ ଓ ଶିଶୁ ଯୌନ ସମ୍ପର୍କିତ ସାଇବର ଅପରାଧ ଘଟିଛି। ସେହିଭଳି ୫୪୯ଟି ଅନ୍‌ଲାଇନ୍ ବ୍ୟାଙ୍କ ଠକେଇ, ୩୬୨ଟି ଏଟିଏମ୍ ଠକେଇ, ୪୫ଟି ଫୋର-ଟ୍ୱେଣ୍ଟି ଜାଲିଆତି ମାମଲା ସାମ୍ନାକୁ ଆସିଥିଲା। ରାଜ୍ୟରେ ସାଇବର ଅପରାଧ ବଢୁଥିବା ବେଳେ ଏଭଳି ମାମଲାରେ ଦୋଷୀ ସାବ୍ୟସ୍ତ ହାର କିନ୍ତୁ ଏକଦମ୍ ନୈରାଶ୍ୟଜନକ। ଏନ୍‌ସିଆରବି ରିପୋର୍ଟ କହୁଛି, ୨୦୨୦ରେ କୌଣସି ଗୋଟିଏ ବି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି ଅପରାଧୀ। ଏମିତିକି ୯୯.୯ ପ୍ରତିଶତ ମାମଲା ବିଚାର ନ ହୋଇ ପଡ଼ିରହିଛି ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ସାଇବର ବିଶେଷଜ୍ଞ। ଏପଟେ ସାଇବର ଫ୍ରଡ୍ କମିଶନରେଟ୍ ପୋଲିସର ନିଦ ହଜାଇ ଦେଇଛି। କେବଳ ଭୁବନେଶ୍ୱରରୁ ଗତ ୮ ମାସରେ ୧୦ କୋଟିରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି ସାଇବର୍ ଲୁଟେରା। ୟୁପିଆଇ, କ୍ରେଡିଟ୍-ଡେବିଟ୍ କାର୍ଡ, ଏଟିଏମ୍, ଲଟେରି ଭଳି ନୂଆ ନୂଆ କୌଶଳ ଅବଲମ୍ବନ କରି ଚିତା କାଟୁଛନ୍ତି ସାଇବର ଠକ। ତଥ୍ୟ କହୁଛି, ଯେତିକି ଲୁଟ୍ ହେଉଛି, ଅସୁଲ ହେଉଛି ଖୁବ୍ ନଗଣ୍ୟ। ଓଡ଼ିଶାରେ ବିଶେଷ କରି ଝାଡ଼ଖଣ୍ଡ, ଦିଲ୍ଲୀ, ପଶ୍ଚିମବଙ୍ଗ, ଗୁଜରାଟ, ହରିୟାଣାର ସାଇବର ଲୁଟେରା ସକ୍ରିୟ ଅଛନ୍ତି। ରାଜ୍ୟରେ ଟେକ୍ନୋଲୋଜି, ଦକ୍ଷତା ଓ ମାନବ ସମ୍ବଳର ଅଭାବ ସାଇବର ଲୁଟେରାଙ୍କୁ କାୟା ବିସ୍ତାର ଲାଗି ଖୋରାକ ଯୋଗାଉଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ଶରୀରର ଶକ୍ତିକୁ ଭୁଲ ଦିଗରେ ବ୍ୟବହାର କରନ୍ତୁ ନାହିଁ। ଧନଲାଭ ଯୋଗ ଅଛି କିନ୍ତୁ ଖର୍ଚ୍ଚରେ ଲଗାମ ଲଗାନ୍ତୁ। କାର୍ଯ୍ୟ କ୍ଷେତ୍ରରେ ପାରଦର୍ଶିତା ଓ ଅଭିଜ୍ଞତା ବ୍ୟବହାର କରନ୍ତୁ। ଛାତ୍ରମାନେ ଅଧିକ ପରିଶ୍ରମ କରନ୍ତୁ। ପ୍ରେମିକଙ୍କ ସହ ବିବାଦକୁ ସମାଧାନ କରନ୍ତୁ।

**ବୃଷ** — ପୂର୍ବରୁ ଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଅର୍ଥାଭାବରୁ ମୁକ୍ତି ମିଳିପାରେ। ଧନ ବିନିଯୋଗ ବୁଝିବିଚାରି କରନ୍ତୁ। ରାତ୍ରୀରେ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ବାହାରେ ରହନ୍ତୁ ନାହିଁ। କାର୍ଯ୍ୟ କ୍ଷେତ୍ରରେ ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ** — ମାନସିକ ଚାପରେ ରହିବେ। ପରିବାରରେ ଶାନ୍ତିର ବାତାବରଣ ରହିବ। ଛାତ୍ରମାନଙ୍କୁ ସଫଳତା ମିଳିବ। ପ୍ରେମୀଙ୍କ ଠାରୁ କୌଣସି ସୁଖ ଖବର ପାଇପାରନ୍ତି ଓ ଦୂର ଯାତ୍ରା କରିପାରନ୍ତି।

**କର୍କଟ** — ଖାଲି ସମୟର ସହ ଉପଯୋଗ କରନ୍ତୁ। ଶ୍ୱଶୁର ଘର ତରଫରୁ ଆର୍ଥିକ ସହଯୋଗ ମିଳିପାରେ। ଅର୍ଥାଭାବ ଦୂର ହେବ। ଘରେ କୌଣସି ମହିଳା ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଗିଡ଼ିପାରେ। ଛାତ୍ରମାନେ ପ୍ରୟାସ ଜାରି ରଖନ୍ତୁ

**ସିଂହ** — ଭାବୁକ ହେବେ। ନୂତନ ବ୍ୟବସାୟର ନିଷ୍ପତ୍ତି ପାଇଁ ସମୟ ଉତ୍ତମ ଅଟେ। ପରିବାରରେ ନୂଆ ଦାୟିତ୍ୱ ନେଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଦୂରଯାତ୍ରା କରିପାରନ୍ତି। ଛାତ୍ରମାନେ ପରୀକ୍ଷାରେ ସଫଳ ହେବେ।

**କନ୍ୟା** — ସୁନ୍ଦର ସ୍ୱାସ୍ଥ୍ୟର ଯୋଗ ଅଛି। ଧନପ୍ରାପ୍ତି ପାଇଁ ଅନୁକୂଳ ସମୟ ଅଛି। ଜୀବନସାଥୀଙ୍କ ସହ କୌଣସି କାରଣରୁ ମତାନ୍ତର ହୋଇପାରେବ। କାର୍ଯ୍ୟ କ୍ଷେତ୍ରରେ ଅହଙ୍କାରୀ ହୁଅନ୍ତୁ ନାହିଁ।

**ତୁଳା** — ସୁନ୍ଦରୀ ସ୍ୱାସ୍ଥ୍ୟ ପାଇଁ ଜୀବନଶୈଳୀରେ ପରିବର୍ତ୍ତନ କରନ୍ତୁ। ପୁରାଣ ଉଧାର ଧନ ଫେରସ୍ତ ପାଇପାରନ୍ତି। ପରିବାର ଓ ବନ୍ଧୁଙ୍କ ସହ କୌଣସି ବିବାଦୀୟ ସ୍ଥିତି ଉପୁଜିପାରେ। ଜୀବନସାଥୀଙ୍କ ଛୋଟ ଛୋଟ କଥା ଉପରେ ଧ୍ୟାନ ଦିଅନ୍ତୁ।

**ବିଛା** — ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ବ୍ୟବସାୟରେ ସାମାନ୍ୟରୁ ମଧ୍ୟମ ଲାଭ ହୋଇପାରେ। ବନ୍ଧୁ ଓ ସମ୍ପର୍କୀୟଙ୍କ ଠାରୁ ଉପହାର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ର ଭୁଲ ହେଲେ ସ୍ୱୀକାର କରନ୍ତୁ ଭଲ ଫଳ ମିଳିବ।

**ଧନୁ** — କାର୍ଯ୍ୟ କ୍ଷେତ୍ରରେ ବୋଝ ଆପଣଙ୍କୁ ଅସୁସ୍ଥ କରିପାରେ। ଅଚାନକ ଧନ ପ୍ରାପ୍ତି ଯୋଗ ଅଛି। ପରିବାରର ସମୟ ଭଲରେ କଟିବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସମ୍ପର୍କ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**ମକର** — ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଦୀର୍ଘମିଆଦି ବ୍ୟବସାୟରେ ବିନିଯୋଗ ପାଇଁ ସମୟ ଭଲ। ପରିବାରକୁ ପ୍ରାଥମିକତା ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ତଦନ୍ତର ସମ୍ମୁଖୀନ ହୋଇପାରନ୍ତି। ଜୀବନସାଥୀଙ୍କ ସହ ସାମାନ୍ୟ ବିବାଦ ଉପୁଜିପାରେ।

**କୁମ୍ଭ** — ବନ୍ଧୁ ଓ ସାଥୀଙ୍କ ବ୍ୟବହାର ଆପଣଙ୍କ ମନକୁ ଅଶାନ୍ତ କରିପାରେ। ଗାଡି ଚଳାଇବା ବେଳେ ଧ୍ୟାନ ଦିଅନ୍ତୁ। ପାରିବାରିକ କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ। କାର୍ଯ୍ୟ କ୍ଷେତ୍ରରେ ଅଳସୁଆ ହୋଇପାରନ୍ତି। ଛାତ୍ର ମାନଙ୍କର ଅତ୍ମ ବିଶ୍ୱାସରେ ବୃଦ୍ଧି ହେବ।

**ମୀନ** — ଆର୍ଥିକ ସ୍ଥିତି ଅସ୍ଥିର ରହିବ। ପୂର୍ବରୁ ସଞ୍ଚିତ ଧନକୁ ଖର୍ଚ୍ଚ କରିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ପରିବାରର ଛୋଟ ସଦସ୍ୟଙ୍କ ସହିତ ସମ୍ପର୍କ ଦୃଢ଼ ହେବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟହାନୀ ହୋଇପାରେ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟ ମୋଦି, ଦିଦି

**ନୂଆଦିଲ୍ଲୀ:** ଟାଇମ ମ୍ୟାଗାଜିନ ପକ୍ଷରୁ ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସେରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ସିଇଓ ଅଦର ପୁନାୱାଲା ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଟାଇମ ମ୍ୟାଗାଜିନର ୧୦୦ ପ୍ରଭାବଶାଳୀ ୨୦୨୧ ତାଲିକାରେ ତାଲିବାନର ସହ ପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଘନି ବରାଦରଙ୍କ ନାଁ ରହିଛି। ବୁଧବାର ଟାଇମ ମ୍ୟାଗଜିନ ୨୦୨୧ ବର୍ଷ ପାଇଁ ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ସାର୍ବଜନୀନ କରିଛି। ଏହି ତାଲିକାକୁ ଆଇକନ, ପାଓନିୟର୍ସ, ଟାଇଟନ୍ସ, ଆର୍ଟିଷ୍ଟ, ଲିଡର୍ସ ଓ ଇନୋଭେଟର୍ସ ଭଳି ୬ଟି ବର୍ଗରେ ବିଭକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରୋଫାଇଲରେ ସିଏନଏନ୍ ସାମ୍ବାଦିକ ଫରୀଦ ଜାକାରିଆ ଲେଖିଛନ୍ତି ଯେ ସ୍ୱାଧୀନତା ପରେ ଭାରତ ୩ ଜଣ ଗୁରୁତ୍ୱପୂର୍ଣ୍ଣ ନେତା ପାଇଛି। ସେମାନେ ହେଲେ ଜବାହରଲାଲ ନେହରୁ, ଇନ୍ଦିରା ଗାନ୍ଧି ଓ ତୃତୀୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଛନ୍ତି। ଏମାନେ ଭାରତର ରାଜନୀତିରେ ଯେମିତି ନିଜର ଦବଦବା ଦେଖାଇଛନ୍ତି ଯେ ଆଉ କୌଣସି ନେତା ଏପରି କରିବାକୁ କେବେ ହେଲେ ସକ୍ଷମ ହୋଇ ନଥିବା ଜାକାରିଆ



ଉଲ୍ଲେଖ କରିଛନ୍ତି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରୋଫାଇଲରେ ତାଙ୍କୁ ଭାରତୀୟ ରାଜନୀତିର ସାହସୀକତାର ଚେହେରା ଭାବେ ବର୍ଣ୍ଣନା କରାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ ମମତା ବାନାର୍ଜୀ ତାଙ୍କ ଦଳର ନେତୃତ୍ୱ ନିଅନ୍ତି ନାହିଁ। ବରଂ ସେ ହିଁ ସଂପୂର୍ଣ୍ଣ ଦଳ। ରାସ୍ତାରେ ଲଢ଼େଇ ଓ ନିଜ ଇଚ୍ଛାରେ କାର୍ଯ୍ୟ କରୁଥିବା ମମତା ସମସ୍ତଙ୍କ ଠାରୁ ଭିନ୍ନ ବୋଲି ଉଲ୍ଲେଖ କରାଯାଇଛି। ମହାମାରୀ କରୋନା ବିରୋଧରେ ସେରମ ସମସ୍ତଙ୍କୁ କରୋନା ଟିକା ପହଞ୍ଚାଇଥିବାରୁ ତାଙ୍କୁ ଟାଇମ ମ୍ୟାଗାଜିନ ୧୦୦ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସ୍ଥାନ ଦେଇଛି। ମୋଦି, ଦିଦି ଓ ପୁନାୱାଲାଙ୍କ ବ୍ୟତୀତ ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ଉପ ରାଷ୍ଟ୍ରପତି କମଳା ହ୍ୟାରିସ, ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରିନ୍ସ ହ୍ୟାରୀ ଓ ମେଘନା ବି ରହିଛନ୍ତି। ଏହାବାଦ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନାଫତାଲି ବେନ୍ନେଟ, ରୁଷର ବିରୋଧୀ ଦଳ ନେତା ଆଲେକ୍ସି ନାଭାଲନୟ, ଆମେରିକାନ ରାଜନେତା ଲିଜ୍ ଚେନେୟ, ଟିଭି ଉପସ୍ଥାପକ ଟକର କାର୍ଲସନ ଓ ଟେଲସା ସିଇଓ ଇଲୋନ ମସ୍କଙ୍କ ନାଁ ମଧ୍ୟ ୧୦୦ ଜଣଙ୍କ ମଧ୍ୟରେ ରହିଛି। କ୍ରୀଡ଼ା ଓ ମନୋରଞ୍ଜନ ଜଗତର ଅନେକ ବ୍ୟକ୍ତିବିଶେଷଙ୍କ ନାଁ ମଧ୍ୟ ଏହି ତାଲିକାରେ ରହିଛି। ଏମାନଙ୍କ ମଧ୍ୟରେ ଜାପାନିଜ ଟେନିସ ଖେଳାଳି ନାଓମି ଓସାକା, ଆମେରିକା ଫୁଟବଲର ଟମ ବ୍ରାଡୀ, ପପ ଷ୍ଟାର ବ୍ରିଟନେୟ ସ୍ପିୟର୍ସ, ସିଙ୍ଗର ଡୋଲୀ ପାର୍ଟୋନ, ଫ୍ୟାଶନ ଡିଜାଇନର ଏ ଜେମ୍ସ, ଅଭିନେତ୍ରୀ କେଟ ୱିନ୍ସଲେଟ, ଜାନସନ ସୁଡେକିସ, ଏସ୍ ଜନସନ ଏବଂ ଓମାର ଶୟ ରହିଛନ୍ତି।

## ଟେଲିକମ କ୍ଷେତ୍ର ପାଇଁ ୧୦୦% ଏଫ୍‌ଡିଆଇକୁ ଅନୁମତି

**ନୂଆଦିଲ୍ଲୀ :** ଟେଲିକମ କ୍ଷେତ୍ରରେ ସଂସ୍କାର ଓ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତ ପ୍ରଦାନ କରିବା ପାଇଁ ଆଜି କେନ୍ଦ୍ର କ୍ୟାବିନେଟ ବଡ଼ ନିଷ୍ପତ୍ତି ନେଇଛି। କେନ୍ଦ୍ର ସରକାର ଟେଲିକମ କ୍ଷେତ୍ରରେ ଅଟୋମେଟିକ ରୁଟ ଜରିଆରେ ୧୦୦% ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫଡିଆଇ)କୁ ଅନୁମତି ଦେଇଛନ୍ତି। ଏହାର ଅର୍ଥ ଯେ କୌଣସି ବିଦେଶୀ କମ୍ପାନୀ ଭାରତର ଟେଲିକମ ଶିଳ୍ପରେ ପୁଞ୍ଜି ନିବେଶ କରି ଏହାକୁ ପରିଚାଳନା କରିପାରିବ। କ୍ୟାବିନେଟର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଟେଲିକମ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ଅନେକ ଗୁଡ଼ିଏ ବଡ଼ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁସାରେ, ଟେଲିକମ ଅପରେଟରମାନଙ୍କ ଉପରେ ରହିଥିବା ବକେୟା ଅର୍ଥ ଉପରେ ୪ ବର୍ଷର ମୋରାଟରିୟମ ପରିୟଡ ଲାଗୁ କରାଯାଇଛି। କିନ୍ତୁ ମୋରାଟୋରିୟମ ପିରିୟଡରେ ଅପରେଟରମାନଙ୍କୁ ବକେୟା ଅର୍ଥ ଉପରେ ସୁଧ ଦେବାକୁ ପଡ଼ିବ। କ୍ୟାବିନେଟ ଏଜିଆର ପରିଭାଷାକୁ ଅଧିକ ସରଳୀକରଣ କରି ଜୋରିମାନା ନିୟମକୁ ଶେଷ କରିଛି ବୋଲି ସେ କହିଛନ୍ତି। ଏହାପୂର୍ବରୁ ସୁପ୍ରିମକୋର୍ଟ ୧୦ ବର୍ଷ ମଧ୍ୟରେ ବକେୟା ଏଜିଆର ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର କ୍ୟାବିନେଟର ଏପରି ମୋରାଟୋରିୟମ ଭୋଡାଫୋନ-ଆଇଡିଆ




ଭଳି କ୍ଷତିରେ ଚାଲୁଥିବା ଟେଲିକମ କମ୍ପାନୀଗୁଡ଼ିକୁ ସହାୟତା କରିବ। କାରଣ ଏହି କମ୍ପାନୀଗୁଡ଼ିକ କୋଟି କୋଟି ଟଙ୍କା କେନ୍ଦ୍ରକୁ ଦେବାର ଅଛି। ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ଟେଲିକମ ସେକ୍ଟରରେ ୧୦୦% ଏଫଡିଆଇକୁ ଅନୁମତି ମିଳିଛି। ସର୍ବମୋଟ କ୍ୟାବିନେଟ ୯ଟି ଷ୍ଟ୍ରକଚରାଲ ସଂସ୍କାର ଓ ୫ଟି ପ୍ରୋସେସ ସଂସ୍କାର ବିଷୟରେ ଘୋଷଣା କରିଛି। ଏହି ସଂସ୍କାର ଗୁଡ଼ିକ ଟେଲିକମ ସେକ୍ଟରର ସଂପୂର୍ଣ୍ଣ ରୂପରେଖକୁ ବଦଳାଇ ଦେବ। ଏଥିସହ ଅଧିରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ। ଗ୍ରାହକଙ୍କ ସ୍ୱାର୍ଥ ସାଧନ କରି ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ। ଯେଉଁ ଗ୍ରାହକମାନେ ଡିଜିଟାଲ୍ ଫର୍ମାଟରେ ସିମ୍ କିଣୁଛନ୍ତି, ସେମାନଙ୍କର ସେହି ସ୍ଥାନରେ ହିଁ ଭେରିଫିକେଶନ ହେବ। ସ୍ପେକ୍ଟ୍ରମର ନିଲାମ ପ୍ରତି ଆର୍ଥିକ ବର୍ଷର ଶେଷ କ୍ୱାର୍ଟର୍ରେ ହେବ। ସ୍ପେକ୍ଟ୍ରମ ନିଲାମ ଅବଧିକୁ ୨୦ରୁ ୩୦ ବର୍ଷକୁ ବୃଦ୍ଧି କରାଯାଇଛି। ୧୦ ବର୍ଷ ପରେ ଯେକୌଣସି କମ୍ପାନୀ ଏହାକୁ ସରେଣ୍ଡର କରିପାରିବେ। ସେମାନେ ସେରଣ୍ଡର ଚାର୍ଜ ସହ ଏପରି ସୁବିଧା ପାଇପାରିବେ। ମାଗଣା ସ୍ପେକ୍ଟ୍ରମ ଶେୟାରିଂକୁ ମଧ୍ୟ କ୍ୟାବିନେଟ ଅନୁମତି ଦେଇଛି। ସେହିପରି ପ୍ରିପେଡରୁ ପୋଷ୍ଟପେଡକୁ ଯାଉଥିବା ଗ୍ରାହକଙ୍କୁ କୌଣସି ପ୍ରକାରର କଣଉ ପୂରଣ କରିବାକୁ ପଡ଼ିବ ନାହିଁ। ସେଲ୍ଫ ଡିକ୍ଲାରେସନ ଜରିଆରେ ଟାୱାର ସ୍ଥାପନ ପାଇଁ ବ୍ୟବସ୍ଥା କରାଯିବ। ୧୯୫୩ ମସିହା ବିଜ୍ଞପ୍ତି ଅନୁଯାୟୀ ଲାଇସେନ୍ସ ରାଜ ସମାପ୍ତ ହୋଇଛି। ବର୍ତ୍ତମାନ ଉପକରଣ କିଣିବାରେ କୌଣସି ଅସୁବିଧା ହେବ ନାହିଁ। ଏଥିସହ ସେ କମ୍ପାନୀଗୁଡ଼ିକୁ ଭାରତରେ ୪ଜି/୫ଜି ଟେକନିକର ଡିଜାଇନ କରି ବିଶ୍ୱକୁ ରପ୍ତାନୀ କରନ୍ତୁ ବୋଲି କହିଛନ୍ତି। ସେହିପରି କ୍ୟାବନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, କେନ୍ଦ୍ର ସରକାର ଅଟୋ ସେକ୍ଟର ପାଇଁ ୨୫,୯୩୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହା ଦ୍ୱାରା ୭.୬୦ ଲକ୍ଷ ଲୋକଙ୍କୁ ରୋଜଗାର ମିଳିବାର ସମ୍ଭାବନା ରହିଛି। ଏହି ସ୍କିମ୍ ଜରିଆରେ ବିଦେଶରୁ ଆମଦାନୀ କମିବ ଏବଂ ଦେଶରେ ଅଟୋ ପାର୍ଟସ ନିର୍ମାଣ ଜୋରଦାର ହୋଇପାରିବ ବୋଲି ସେ କହିଛନ୍ତି। ଏହା ସହ ଅନୁରାଗ ଠାକୁର ଆହୁରି କହିଛନ୍ତି, ଜଣାଶୁଣା ଅଟୋ କମ୍ପାନୀଙ୍କୁ ଅତିକମରେ ୨ ହଜାର କୋଟି ଟଙ୍କା ନିବେଶ କରିବାକୁ ହେବ। ନୂଆ କମ୍ପାନୀ ୫୦୦ କୋଟି ଟଙ୍କା ନିବେଶ କରିବେ।

## ଆମେରିକା ଉପରେ ଆକ୍ରମଣ କରିବ ଅଲକାଏଦା !

**ୱାଶିଂଟନ :** ଆଫଗାନିସ୍ତାନକୁ ତାଲିବାନ ଦଖଲ କରିବା ପରେ ଏବେ ଅଲକାଏଦା ବିପଦ ଆମେରିକା ଉପରେ ଘନେଇଛି। ତାଲିବାନ ସହାୟତାରେ ଅଲକାଏଦା ପୁଣିଥରେ ଆଫଗାନରେ ନିଜ ସଂଗଠନକୁ ସଦୃଢ଼ କରିବ। ଏହାପରେ ଆଫଗାନ ବେସ୍ଡ ଆସନ୍ତା ବର୍ଷେ କିମ୍ବା ଦୁଇ ବର୍ଷ ମଧ୍ୟରେ ଆମେରିକା ଉପରେ ଆକ୍ରମଣ କରିବ। ଏପରି ସତର୍କ ସୂଚନା ଆମେରିକାର ଦୁଇଟି ଗୁଇନ୍ଦା ସଂସ୍ଥା ଜାରି କରିଛନ୍ତି। ପ୍ରତିରକ୍ଷା ଗୁଇନ୍ଦା ଏଜେନ୍ସିର ନିର୍ଦ୍ଦେଶକ ସ୍କଟ ବେରିଅର କହିଛନ୍ତି, ବର୍ତ୍ତମାନ ମିଳିଥିବା ସୂଚନା ଅନୁଯାୟୀ ଅଲକାଏଦା ନିଜକୁ ପୁଣିଥରେ ସଶକ୍ତ କରିବା ଆରମ୍ଭ କରିଛି। ଆଫଗାନରେ ନିଜର ସଂଗଠନକୁ ସୁଦୃଢ଼ କରି ଅଲକାଏଦା ବର୍ଷେ କିମ୍ବା ଦୁଇ ବର୍ଷ ମଧ୍ୟରେ ଆମେରିକା ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଆମେ ଏବେ ଆଫଗାନରୁ ସବୁ ପ୍ରକାରର ସୂଚନା ପୁଣିଥରେ ହାସଲ କରିବାକୁ ପ୍ରୟାସ କରୁଛୁ। ପୂର୍ବରୁ ଆମେ ଯେଉଁଭଳି କାମ କରୁଥିଲୁ ଏବେ ସେହି ଆଧାରରେ କାମ କରୁଛୁ। କିନ୍ତୁ ଆମକୁ ସବୁ କିଛି ବେଶ ସତର୍କତାର ସହ କରିବାକୁ ପଡ଼ିବ। କାରଣ ଆମକୁ ତଥ୍ୟ ଦେଉଥିବା ଲୋକଙ୍କ ପ୍ରତି ମଧ୍ୟ



ଆଫଗାନରେ ବିପଦ ସୃଷ୍ଟି ହୋଇପାରେ ବୋଲି ସେ କହିଛନ୍ତି। ସିଆଇଏ ନିର୍ଦ୍ଦେଶକ ଡାଭିଡ କୋହେନ ମଧ୍ୟ ଆଫଗାନକୁ ତାଲିବାନ ଦଖଲ କରିବା ପରେ ଅଲକାଏଦା ସକ୍ରିୟ ହୋଇ ଉଠିଥିବା କହିଛନ୍ତି। ତେଣୁ ଏହାକୁ ରୋକିବା ପାଇଁ ଆମେରିକା ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରୁଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଲକାଏଦା ପକ୍ଷରୁ ୨୦୦୧ରେ ଆମେରିକା ଉପରେ ବିଶ୍ୱର ସବୁଠାରୁ ବଡ଼ ଆତଙ୍କୀ ହମଲା ହୋଇଥିଲା। ଏଥିରେ ପ୍ରାୟ ୩ ହଜାର ଲୋକଙ୍କ ଜୀବନ ଯାଇଥିଲା। ଏହାପରେ ଆମେରିକା ଅଲକାଏଦା ବିରୋଧରେ ଯୁଦ୍ଧ ଡାକରା ଦେଇ ଆଫଗାନରେ ପ୍ରବେଶ କରିଥିଲା। ଶେଷରେ ଅଲକାଏଦା ମୁଖ୍ୟ ଓସାମା ବିନ ଲାଡେନକୁ ପାକିସ୍ତାନର ଅବୋଟ୍ଟାବାଦରେ ସର୍ଜିକାଲ ଷ୍ଟ୍ରାଇକରେ ଖତମ କରିଥିଲା।

# ଭାରତରେ ମଧ୍ୟମ ଧରଣ ସ୍ତରରେ ରହିବ ସଂକ୍ରମଣ

**ନୂଆଦିଲ୍ଲୀ :** ଦୀର୍ଘ ୨ ବର୍ଷ ହେଲା ମହାମାରୀ କରୋନା ସହ ଭାରତବାସୀ କରୁଥିବା ଯୁଦ୍ଧରୁ ଆଶ୍ୱସ୍ତି ମିଳିବ। ଆସନ୍ତା ୬ ମାସ ମଧ୍ୟରେ କରୋନା ଏଣ୍ଡେମିକ୍ ପର୍ଯ୍ୟାୟରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାଦ୍ୱାରା କରୋନା ଯୁଦ୍ଧ ଆହୁରି ସହଜ ହୋଇପାରିବ। ସେହିପରି କରୋନାର କୌଣସି ନୂଆ ଭ୍ୟାରିଏଣ୍ଟ ଏକାକୀ ଦେଶରେ ତୃତୀୟ ଲହର ସଂକ୍ରମଣକୁ ବୃଦ୍ଧି କରିପାରିବ ନାହିଁ। ଆଜି ଏପରି ଆଶ୍ୱସ୍ତକର ଖବର ଦେଇଛନ୍ତି ଏନସିଡିସିର ନିର୍ଦ୍ଦେଶକ ସୁଜିତ ସିଂହ। ସେ କହିଛନ୍ତି, ଆସନ୍ତା ୬ ମାସ ମଧ୍ୟରେ କୋଭିଡ୍ -୧୯ ମହାମାରୀ ଭାରତରେ ଏଣ୍ଡେମିକ ପର୍ଯ୍ୟାୟରେ ପହଞ୍ଚିବ। ଏହାର ଅର୍ଥ ଭାରତରେ ସ୍ୱଳ୍ପ କିମ୍ବା ମଧ୍ୟମ ଧରଣରର ସ୍ତରର ସଂକ୍ରମଣ ସ୍ଥିତି ରହିବ। ତେଣୁ କରୋନା ବିରୋଧରେ ଜାରି ଲଢ଼େଇ ଆହୁରି ସହଜ ହେବ। ଭାରତରେ ଚାଲିଥିବା ଟିକାକରଣରୁ କରୋନା ବିରୋଧରେ ସୁରକ୍ଷା ମିଳିବ। ଯଦି ମୃତ୍ୟୁହାର ନିୟନ୍ତ୍ରଣରେ ରହିବ, ତା'ହେଲେ ରୋଗକୁ ଆମେ ବେଶ ସହଜରେ ମୁକାବିଲା କରିପାରିବା। ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ମଧ୍ୟ ରୋଗର ଗୁରୁତର ପ୍ରଭାବ ପଡ଼ିବ ନାହିଁ। ଟିକା ହେଉଛି କରୋନା ବିରୋଧରେ ସବୁଠାରୁ ବଡ଼ ସୁରକ୍ଷା କବଚ। ବର୍ତ୍ତମାନ ୭୫ କୋଟି ଡୋଜ୍ ଟିକାକରଣ ହୋଇଛି। ଯଦି ଟିକାର ପ୍ରଭାବ ୭୦% ରହୁଛି, ତା'ହେଲେ ପ୍ରାୟ ୫୦ କୋଟି ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି। ଟିକାର ଗୋଟିଏ ଡୋଜ୍ ୩୦ରୁ ୩୧% ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରିଥାଏ। ତେଣୁ ଯେଉଁ ୩୦ କୋଟି ଲୋକ ଗୋଟିଏ ଲେଖାଏ ଡୋଜ୍ ନେଇଛନ୍ତି, ସେମାନଙ୍କ ଶରୀରରେ ମଧ୍ୟ କିଛି ପରିମାଣର ରୋଗ



ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି ବୋଲି ଶ୍ରୀ ସିଂହ କହିଛନ୍ତି। ଟିକା ନେବା ପରେ ମଧ୍ୟ ଜଣେ ବ୍ୟକ୍ତିଙ୍କୁ କୋଭିଡର ଉଚିତ ବ୍ୟବହାର କରିବାକୁ ପଡ଼ିବ। ବ୍ରେକଥ୍ରୁ ଇନଫେକ୍ସନ ବା ଟିକା ନେବା ପରେ ସଂକ୍ରମଣ ହେବାର ଆଶଙ୍କା ରହିଛି। ହେଲେ ଏହା ୨୦ରୁ ୩୦% ଲୋକଙ୍କ କ୍ଷେତ୍ରରେ ଦେଖାଯିବ। ସମସ୍ତଙ୍କ କ୍ଷେତ୍ରରେ ସମାନ ଘଟଣା ଘଟି ନପାରେ ବୋଲି ଶ୍ରୀ ସିଂହ କହିଛନ୍ତି। ସେ କହିଛନ୍ତି, ନୂଆ ଭ୍ୟାରିଏଣ୍ଟ ପାଇଁ ବ୍ରେକଥ୍ରୁ ଇନଫେକ୍ସନ ହେଉଛି। ବୈଜ୍ଞାନିକମାନେ କହିଛନ୍ତି, ଟିକାର ଉଭୟ ଡୋଜ ନେବାର ୭୦ରୁ ୧୦୦ ଦିନ ପରେ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଉଛି। ଏହାଦ୍ୱାରା ସଂକ୍ରମଣ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟାପିବାର ଆଶଙ୍କା ରହିଛି। ଶ୍ରୀ ସିଂହଙ୍କ କହିବା କଥା ଭାରତରେ ବର୍ତ୍ତମାନ କରୋନାର କୌଣସି ନୂଆ ଭ୍ୟାରିଏଣ୍ଟ ଚିହ୍ନଟ ହୋଇନି। ବିଭିନ୍ନ ରାଷ୍ଟ୍ରରେ ଚିନ୍ତା ବଢ଼ାଇଥିବା ମ୧.୨ ଓ ମୁ ଷ୍ଟ୍ରେନ ଏଯାଏ ଭାରତରେ ଠାବ ହୋଇନାହିଁ। କେବେ ହେଲେ କେବଳ ଗୋଟିଏ ଭ୍ୟାରିଏଣ୍ଟ ତୃତୀୟ ଲହରର କାରଣ ହୋଇପାରିବ ନାହିଁ। ସବୁକିଛି ଲୋକଙ୍କ ବ୍ୟବହାର ଓ ଆଣ୍ଟିବଡି ଉପରେ ନିର୍ଭର କରୁଛି। ଆଗକୁ ପାର୍ବଣ ଥିବାରୁ ସମସ୍ତଙ୍କ ଚିନ୍ତା ବଢ଼ିଛି ବୋଲି ସେ କହିଛନ୍ତି।

## ଆସିବ 'ସ୍ପୁଟନିକ୍-ଲାଇଟ୍'

**ନୂଆଦିଲ୍ଲୀ :** ଭାରତକୁ ଖୁବ୍‌ଶୀଘ୍ର ମିଳିପାରେ ଆଉ ଏକ ଟିକା। ଆସୁଛି ସିଙ୍ଗିଲ୍ ଡୋଜ୍ ଯୁକ୍ତ ଟିକା 'ସ୍ପୁଟନିକ ଲାଇଟ୍'। ଭାରତରେ ଏହାର ତୃତୀୟ ପର୍ଯ୍ୟାୟ ପରୀକ୍ଷାକୁ ଗ୍ରୀନ୍ ସିଗ୍‌ନାଲ ମିଳିଛି। ଡ୍ରଗ୍ସ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ ତଥା ଡିସିଜିଆଇ ତରଫରୁ ଏହାକୁ ମଞ୍ଜୁରୀ ମିଳିଛି। ଭାରତରେ ଏହି ଟିକାର ଫେଜ୍-୩ ପରୀକ୍ଷା ପାଇଁ ଡିସିଜାଇ ଅନୁମତି ଦେଇଛି। କରୋନାରେ ଉପରେ ତିଆରି ହୋଇଥିବା ସବଜେକ୍ଟ ଏକ୍ସପର୍ଟ କମିଟି ସ୍ପୁଟ୍‌ନିକ ଲାଇଟ୍ ଟ୍ରାଏଲ ମଞ୍ଜୁରୀ ଦେବା ପାଇଁ ସିଫାରିସ କିରିଥିଲା। ଏହା ପୂର୍ବରୁ ଜୁଲାଇ ମାସରେ ଏସ୍‌ଇସି ଋଷର ସିଙ୍ଗିଲ ଡୋଜ ଟିକାକୁ ଭାରତରେ ଜରୁରୀକାଳୀନ ଭାବେ ବ୍ୟବହାର କରିବା ପାଇଁ ମଞ୍ଜୁରୀ ଦେବା ଲାଗି ସିଫାରିଶ କରିଥିଲା। କିନ୍ତୁ ଭାରତରେ ପରୀକ୍ଷା ନହେବା କାରଣରୁ ଡିସିଜିଆଇ ସବଜେକ୍ଟ ଏକ୍ସପର୍ଟ କମିଟି ଏହାକୁ ଆଗ୍ରାହ୍ୟ କରି ଦେଇଥିଲେ।

### ଏନ୍‌ସିଆରବି ରିପୋର୍ଟ

# ନାରୀ ନିର୍ଯାତନାରେ ଓଡ଼ିଶା ଦ୍ୱିତୀୟ

**ନୂଆଦିଲ୍ଲୀ :** ୨୦୧୯ ତୁଳନାରେ ୨୦୨୦ରେ ଦେଶରେ ନାରୀ ନିର୍ଯାତନା ହାର ୮.୩% ହ୍ରାସ ପାଇଥିବା ବେଳେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଏହା ବୃଦ୍ଧି ପାଇଥିବା କଥା 'ନ୍ୟାସ୍‌ନାଲ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ' (ଏନ୍‌ସିଆରବି) ରିଲିଜ୍ କରିଥିବା ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି। 'ଏନ୍‌ସିଆରବି' ତଥ୍ୟ ଅନୁସାରେ, ନାରୀ ନିର୍ଯାତନା କ୍ଷେତ୍ରରେ ବର୍ଷ ୨୦୨୦ରେ ଓଡ଼ିଶା ଶୀର୍ଷରେ ରହିଛି। ୨୦୨୦ରେ ଓଡ଼ିଶା ପୋଲିସ ନାରୀମାନଙ୍କ ବିରୋଧରେ ହୋଇଥିବା ଅତ୍ୟାଚାର ସମ୍ବନ୍ଧୀୟ ୨୫,୪୮୯ ମାମଲା ରୁଜୁ କରିଥିବା ବେଳେ ବର୍ଷ ୨୦୧୯ରେ ରାଜ୍ୟରେ ପଞ୍ଜିକୃତ ନାରୀ ନିର୍ଯାତନା ମାମଲା ସଂଖ୍ୟା ଥିଲା ୨୩,୧୮୩। ରିପୋର୍ଟ ଅନୁସାରେ, ରାଜ୍ୟରେ 'ସମ୍ମାନ ନେବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ନାରୀମାନଙ୍କ ଉପରେ ଆକ୍ରମଣ ମାମଲା' ସଂଖ୍ୟା ହେଉଛି ୧୨,୬୦୬। ଅର୍ଥାତ୍ ୨୦୨୦ ବର୍ଷରେ ଓଡ଼ିଶା ରାଜ୍ୟରେ ମହିଳାମାନଙ୍କ ଉପରେ ହୋଇଥିବା ଆକ୍ରମଣ ହାର ୫୫.୮%। ଏହା ବ୍ୟତିରେକେ, ୨୦୨୦ରେ ମହିଳାମାନଙ୍କୁ ଉଲଗ୍ନ କରାଯାଇଥିବା ମାମଲା ସଂଖ୍ୟା ୩,୨୩୨ ବୋଲି ରିପୋର୍ଟରେ ଉଲ୍ଲେଖ ଅଛି। ନାରୀମାନଙ୍କ ସମ୍ମାନହାନି ଏବଂ ନାରୀ ଅପହରଣ ମାମଲାରେ ମଧ୍ୟ ବର୍ଷ ୨୦୨୦ରେ ଓଡ଼ିଶା ଦେଶର ତୃତୀୟ ସ୍ଥାନରେ ରହିଛି। ସେହିପରି, ରାଜ୍ୟରେ ୫୨୬ଟି ମାମଲା ନାରୀମାନଙ୍କ ପ୍ରତି କରାଯାଇଥିବା ସାଇବର୍ ଅପରାଧ ସହ ସମ୍ପୃକ୍ତ। ଏହାଛଡ଼ା, ୨୯୨ଟି ଯୌନଶୋଷଣ ସାମଗ୍ରୀ ପ୍ରକାଶନ ମାମଲାରେ ଓଡ଼ିଶା



ଦେଶର ଦ୍ୱିତୀୟ ସ୍ଥାନରେ ରହିଛି। ନାରୀମାନଙ୍କୁ ବ୍ଲାକମେଲ୍ କରିବା, ମାନହାନି କରିବା ଓ ମର୍ଫିଙ୍ଗ୍ କରିବା (କମ୍ପ୍ୟୁଟର୍ ଯୋଗେ ଫଟୋରେ ଆପତ୍ତିଜନକ ପରିବର୍ତ୍ତନ) କ୍ଷେତ୍ରରେ ବି ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶା ଆଗୁଆ ରହିଛି। ବର୍ଷ ୨୦୨୦ରେ ଏଭଳି ସମୁଦାୟ ୨୩୪ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ବର୍ଷ ୨୦୧୯ରେ ଦେଶରେ ସମୁଦାୟ ୩,୭୧,୫୦୩ ନାରୀ ନିର୍ଯାତନା ମାମଲା ପଞ୍ଜିକୃତ ହୋଇଥିବା ବେଳେ ବର୍ଷ ୨୦୨୦ରେ ୪,୦୫,୩୨୬ ମାମଲା ପଞ୍ଜିକୃତ ହୋଇଛି। ଅର୍ଥାତ୍ ଦେଶରେ ନାରୀ ନିର୍ଯାତନା ହାର ୮.୩% ହ୍ରାସ ପାଇଛି। ଅଧିକାଂଶ ନାରୀ ନିର୍ଯାତନା ମାମଲା 'ସ୍ୱାମୀ କିମ୍ବା ତାଙ୍କ ଆତ୍ମୀୟଙ୍କ ନିଷ୍ଠୁରତା' (୩୦.୦%) ବୋଲି ପଞ୍ଜିକୃତ ହୋଇଛି। ଏହା ତଳକୁ ରହିଛି 'ସମ୍ମାନ ନେବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ନାରୀମାନଙ୍କ ଉପରେ ଆକ୍ରମଣ ମାମଲା (୨୩.୦%)। ସେହିପରି, 'ନାରୀ ଅପହରଣ ମାମଲା ୧୬.୮% ଥିବା ବେଳେ ୭.୫% ରହିଛି ଦୁଷ୍କର୍ମ ମାମଲା। ଉପରୋକ୍ତ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ୨୦୧୯ ତୁଳନାରେ ୨୦୨୦ରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ମହିଳାମାନଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଇଛି। ଅପରପକ୍ଷେ, ୨୦୧୯ରେ ଦିଲ୍ଲୀରେ ୧୩,୩୯୫ ନାରୀ ନିର୍ଯାତନା ମାମଲା ରେକର୍ଡ କରାଯାଇଥିବା ବେଳେ ୨୦୨୦ରେ ୧୦,୦୯୩ ମାମଲା ରେକର୍ଡ ହୋଇଛି। ଦେଶରେ ଦ୍ରୁତ ନାରୀ ନିର୍ଯାତନା ହ୍ରାସ ପାଇଥିବା ରାଜ୍ୟମାନଙ୍କ ମଧ୍ୟରେ ଉତ୍ତର ପ୍ରଦେଶ ମଧ୍ୟ ସ୍ଥାନ ପାଇଛି। ସେଠାରେ ୨୦୧୯ରେ ୫୯,୮୫୩ଟି ନାରୀ ନିର୍ଯାତନା ମାମଲା ହୋଇଥିବା ବେଳେ ୨୦୨୦ରେ ୪୯,୩୮୫ଟି ମାମଲା ହୋଇଛି।

# ଓଡ଼ିଶା ଚାଷୀଙ୍କ ମାସିକ ଆୟ ୫,୧୧୨ ଟଙ୍କା

**ଭୁବନେଶ୍ୱର:** ଓଡ଼ିଶାରେ ଚାଷୀଙ୍କ ମାସିକ ଆୟ ୫,୧୧୨ ଟଙ୍କା। ଏହି ଆୟ ମଧ୍ୟରେ ଫସଲରୁ ୧,୫୫୯ ଟଙ୍କା, ମଜୁରିରୁ ୨,୬୪୯ ଟଙ୍କା, ଭାଗ ଚାଷରୁ ୨୯ ଟଙ୍କା, ପଶୁ ସଂପଦରୁ ୪୧୬ ଟଙ୍କା ଓ ଅଣ କୃଷି କାର୍ଯ୍ୟରୁ ୪୪୯ ଟଙ୍କା ଚାଷୀ ପରିବାରକୁ ମିଳୁଛି। ଚାଷୀମାନଙ୍କ ସ୍ଥିତିକୁ ନେଇ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ ଯୋଜନା କ୍ରିୟାନ୍ୱୟନ ମନ୍ତ୍ରାଳୟ ଦ୍ୱାରା ରିଲିଜ୍ କରାଯାଇଥିବା ସଦ୍ୟତମ ରିପୋର୍ଟରେ ଏହି ତଥ୍ୟ ଉଲ୍ଲେଖ କରାଯାଇଛି। ଦେଶରେ ସବୁଠାରୁ କମ୍ ହାରାହାରି ମାସିକ ଆୟ ତାଲିକାରେ ଝାଡ଼ଖଣ୍ଡ ପ୍ରଥମ ସ୍ଥାନରେ ରହିଥିବା ବେଳେ ଓଡିଶା ଦ୍ୱିତୀୟ ସ୍ଥାନରେ ରହିଛି। ମନ୍ତ୍ରାଳୟ ଦ୍ୱାରା ଚାଷୀମାନଙ୍କ ସ୍ଥିତି ଉପରେ ୭୭ତମ ସର୍ବେକ୍ଷଣର ଆକଳନରେ ଜମି, ମଜୁରି, ଭାଗ ଚାଷ, ଫସଲ ବ୍ୟତୀତ ଅନ୍ୟ କାର୍ଯ୍ୟରୁ ହେଉଥିବା ଆୟ ଆଦିକୁ ପରିମାପ ଭାବେ ଗ୍ରହଣ କରିଥିଲା। ମେଘାଳୟ ଚାଷୀ ପରିବାର ଦେଶରେ ମାସିକ ସର୍ବାଧିକ ୨୯,୩୪୮ ଟଙ୍କା ଆୟ କରୁଥିବା ବେଳେ ଏହା ପଛକୁ ପଂଜାବ ଚାଷୀ ୨୬,୭୦୧ ଟଙ୍କା ଓ ହରିୟାଣା ଚାଷୀଙ୍କ



୨୨,୮୪୧ ଟଙ୍କା ରହିଛି। ଛତିଶଗଡ଼ ଚାଷୀଙ୍କ ମାସିକ ଆୟ ୯,୬୭୭ଟଙ୍କା, ତେଲେଙ୍ଗାନା ୯,୪୦୩ଟଙ୍କା, ଉତ୍ତରପ୍ରଦେଶ ୮,୬୦୧ ଟଙ୍କା, ମଧ୍ୟପ୍ରଦେଶ ୮,୩୩୯ ଟଙ୍କା, ବିହାର ୭,୫୪୨ଟଙ୍କା ଓ ପଶ୍ଚିମବଙ୍ଗର ମାସିକ ଆୟ ୬,୭୬୨ ଟଙ୍କା ରହିଥିବାର ରିପୋର୍ଟରେ ଉଲ୍ଲେଖ ଅଛି। ଓଡ଼ିଶାର ୬୧.୨ ପ୍ରତିଶତ ଚାଷୀ ପରିବାର ଋଣଗ୍ରସ୍ତ। ଓଡ଼ିଶା ଏହି କ୍ଷେତ୍ରରେ ଦେଶର ଷଷ୍ଠ ସ୍ଥାନରେ ରହିଛି। ଋଣ ଗ୍ରସ୍ତ ଚାଷୀ ପରିବାର ହାରାହାରି ୩୨ ହଜାର ୭୨୧ ଟଙ୍କା ଋଣ କରିଛନ୍ତି । ଏଥି ମଧ୍ୟରୁ ବାଣିଜ୍ୟିକ ବ୍ୟାଙ୍କରୁ ୧୮.୮ ପ୍ରତିଶତ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କରୁ ୩.୮ ପ୍ରତିଶତ, ସମବାୟ ବ୍ୟାଙ୍କରୁ ୧.୮ ପ୍ରତିଶତ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ରୁ ୧୧.୫ ପ୍ରତିଶତ ଓ ଅନ୍ୟାନ୍ୟ ସଂସ୍ଥାରୁ ୫.୪ ପ୍ରତିଶତ ଚାଷୀ ପରିବାର ଋଣ କରିଛନ୍ତି। ଏହା ବାଦ୍ ସାହୁକାରଙ୍କଠାରୁ ୦.୬ ପ୍ରତିଶତ, ବୃତ୍ତିଗତ ସାହୁକାରଙ୍କ ପାଖରୁ ୨୧.୩ ପ୍ରତିଶତ, ସଂପର୍କୀୟ ଓ ସାଙ୍ଗସାଥୀମାନଙ୍କ ପାଖରୁ ୯.୮ ଏବଂ ଅଣସଂସ୍ଥାଗତ ଉତ୍ସରୁ ୫.୮ ପ୍ରତିଶତ ଚାଷୀ ଋଣ ଆଣିଛନ୍ତି। କେନ୍ଦ୍ର ପରିସଂଖ୍ୟାନ ଓ ଯୋଜନା କ୍ରିୟାନ୍ୱୟନ ମନ୍ତ୍ରାଳୟ ଦ୍ୱାରା ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। କୃଷି ଋଣରୁ ଚାଷୀମାନେ ୫୦.୨ ପ୍ରତିଶତ କୃଷି କାର୍ଯ୍ୟରେ ବ୍ୟୟ କରିଥିବା ବେଳେ କୃଷି ବ୍ୟବସାୟରେ ୪.୨ ପ୍ରତିଶତ, ଆବାସ ପାଇଁ ୧୩.୨ ପ୍ରତିଶତ, ବିବାହ ଓ ଉତ୍ସବରେ ୮.୪ ପ୍ରତିଶତ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ୯.୯ ପ୍ରତିଶତ ଏବଂ ଅନ୍ୟାନ୍ୟ ବ୍ୟାବହାରିକ ଖର୍ଚ୍ଚରେ ୧୦.୨ ପ୍ରତିଶତ ବ୍ୟୟ କରିଥିବା ରିପୋର୍ଟରେ କୁହାଯାଇଛି। ଦେଶରେ ୫୦.୨ ପ୍ରତିଶତ ଚାଷୀ ପରିବାର ଋଣ ନେଇଥିବା ବେଳେ ହାରାହାରି ବକେୟା ଋଣ ହାରାହାରି ୭୪ ହଜାର ୧୨୧ ଟଙ୍କା ରହିଛି। ଆନ୍ଧ୍ରପ୍ରଦେଶରେ ସର୍ବାଧିକ ୯୩.୨ ପ୍ରତିଶତ ଚାଷୀ ପରିବାର ଋଣଗ୍ରସ୍ତ ହୋଇଥିବା ବେଳେ ହାରାହାରି ବକେୟା ଋଣ ପରିମାଣ ୨ ଲକ୍ଷ ୪୫ ହଜାର ୫୫୪ ଟଙ୍କା । ଆନ୍ଧ୍ର ପରେ ତେଲେଙ୍ଗାନା-ଦ୍ୱିତୀୟ, କେରଳ-ତୃତୀୟ, କର୍ଣ୍ଣାଟକ- ଚତୁର୍ଥ ଓ ତାମିଲନାଡୁ-ପଞ୍ଚମ ସ୍ଥାନରେ ରହିଛି।

# 'କୋହଳ ହେଲେ ଓଡ଼ିଶାରେ ବଢ଼ିପାରେ କରୋନା ସଂକ୍ରମଣ'



**ଭୁବନେଶ୍ୱର :** ଭାରତରେ କରୋନା ମହାମାରୀ ଏଣ୍ଡେମିକ୍ ସ୍ଥିତିକୁ ଯାଉଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ) କହିଥିଲେ ମଧ୍ୟ ରାଜ୍ୟରେ କୋଭିଡ୍ ନିୟମକୁ କୋହଳ କରିବା ସପକ୍ଷରେ ରାଜ୍ୟ ସରକାର ନାହାନ୍ତି। କୋଭିଡ୍ ନିୟମ ପାଳନରେ କୋହଳ ହେଲେ ଓଡ଼ିଶାରେ ବି ସଂକ୍ରମଣ ହାର ବଢ଼ିପାରେ ବୋଲି ରାଜ୍ୟ ସରକାର ଆଶଙ୍କା ବ୍ୟକ୍ତ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଡବ୍ଲ୍ୟୁଏଚଓ ରିପୋର୍ଟରେ ଆମେ ଶତପ୍ରତିଶତ ନିଶ୍ଚିତ ନୋହୁଁ। ପ୍ରତି ମଡେଲର ଅପ୍ ଓ ଡାଉନ୍ ଅଛି। ତେଣୁ ଡବ୍ଲ୍ୟୁଏଚଓ ରିପୋର୍ଟକୁ ନେଇ ଆମେ ଆଶ୍ୱସ୍ତ ହେବା ନାହିଁ। କେରଳରେ ଏବେ ସଂକ୍ରମଣ ହାର କମୁଛି କିନ୍ତୁ ମହାରାଷ୍ଟ୍ରରେ ବଢ଼ିବାରେ ଲାଗିଛି। ଏବେ ଓଡ଼ିଶା ଭଲ ସ୍ଥିତିରେ ରହିଛି। ସଂକ୍ରମଣ ହାର କମ୍ ରହୁଛି। ହସ୍ପିଟାଲରେ ମାମଲା ବି ବେଶୀ ନାହିଁ କି ଗୁରୁତର ରୋଗୀ ସଂଖ୍ୟା ବି ବେଶରୀ ନାହିଁ। ତେଣୁ ସଂକ୍ରମଣ ଯେଭଳି ଅଧିକ ନହୁଏ ସେଥିପାଇଁ ସମସ୍ତେ ସତର୍କ ରହିବା ଜରୁରୀ। କୋଭିଡ୍ ନିୟମକୁ ପାଳନ କରିବାରେ ଢ଼ିଲା କରିବା ଅନୁଚିତ୍। ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବରରେ ଯେକୌଣସି ମୁହୂର୍ତ୍ତରେ ଏହା ବଢ଼ିପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଣୁ ଏପର୍ଯ୍ୟନ୍ତ ବିପଦ ଟଳିନି। ତେଣୁ କୋଭିଡ୍ ଗାଇଡଲାଇନ ପାଳନ ପାଇଁ ଯାହା ସବୁ ପଦକ୍ଷେପ ନିଆଯାଇଛି ତାହା ଜାରି ରହିବା ଉଚିତ୍। ଯାହାଫଳରେ ସଂକ୍ରମଣ ବ୍ୟାପିବ ନାହିଁ। କୋଭିଡ୍ ପୁଣିଥରେ ନୂଆ ରୂପରେ ଆସିବ ନାହିଁ ବୋଲି କେହି ଶତପ୍ରତିଶତ କହିପାରିବେ ନାହିଁ ବୋଲି ଡାକ୍ତର ମହାପାତ୍ର କହିଛନ୍ତି।

# ଅକ୍ଟୋବର ପହିଲାରୁ ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷା

**ଭୁବନେଶ୍ୱର :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷା ଅକ୍ଟୋବର ୧ରୁ ୧୧ ମଧ୍ୟରେ ଅନୁଷ୍ଠିତ ହେବ। ୧୧ ଦିନ ମଧ୍ୟରେ ସମସ୍ତ ପରୀକ୍ଷା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବାରୁ ରବିବାର ଛୁଟି ଦିନରେ ମଧ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ଦୁଇଟି ଇଲେକ୍ଟିଭ୍ ବିଷୟ ସହ ଛାତ୍ରଛାତ୍ରୀ ମାତୃଭାଷାରେ ପରୀକ୍ଷା ଦେବେ। ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ଦିଆଯାଇଥିବା ମାର୍କକୁ ନେଇ ଅସନ୍ତୁଷ୍ଟ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଭାଗନେବେ। ଏଥିପାଇଁ ୧୩ ହଜାର ୪୩ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। କଳା ବିଭାଗରେ ସର୍ବାଧିକ ୯ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବିଜ୍ଞାନରେ ୨୩ ଶହ, ବାଣିଜ୍ୟରେ ୬୦୦, ଧନ୍ଦାମୂଳକ ଶିକ୍ଷାରେ ୪୫୦ ଓ କମ୍ପାର୍ଟମେଣ୍ଟାଲ (ବିଷୟଭିତ୍ତିକ)ରେ ୫୦୦ ଛାତ୍ରଛାତ୍ରୀ ରହିଛନ୍ତି। ଏନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ପରିଷଦର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ପହିଲାରୁ ହେବାକୁ ଥିବା ଏହି ସ୍ୱତନ୍ତ୍ର ପରୀକ୍ଷା ସମସ୍ତ ବିଷୟରେ ହେବ ନାହିଁ। ବରଂ କେତେକ ପ୍ରମୁଖ ବିଷୟରେ ପରୀକ୍ଷା କରାଯିବ। ସେଥିରେ ପରୀକ୍ଷାର୍ଥୀ ଯେଉଁ ମାର୍କ ରଖିବେ ତାହାକୁ ଆଧାର କରି ଅନ୍ୟାନ୍ୟ ବିଷୟରେ ମାର୍କ ପ୍ରଦାନ କରାଯିବ। କେଉଁ ପଦ୍ଧତିରେ ମୂଲ୍ୟାୟନ ହେବ ସେନେଇ ପରିଷଦ ନିଷ୍ପତ୍ତି ନେବ। ପ୍ରଶ୍ନପତ୍ର ଢାଞ୍ଚାରେ କୌଣସି ପରିବର୍ତ୍ତନ ହେବନି। ପରୀକ୍ଷାର୍ଥୀଙ୍କୁ ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ମିଳିଥିବା ମାର୍କକୁ ହିସାବକୁ ନିଆଯିବ ନାହିଁ। ସ୍ୱତନ୍ତ୍ର ପରୀକ୍ଷାରେ ଯେଉଁ ମାର୍କ ରଖିବେ ତାକୁ ଚୂଡ଼ାନ୍ତ ଭାବେ ଗଣନା କରାଯିବ।

# ମୋ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସୁନ୍ଦରଗଡ ଜିଲ୍ଲାବାସୀଙ୍କ ପାଇଁ ସ୍ମାର୍ଟ ହେଲ୍ଥ କାର୍ଡ଼ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନରେ ସୁନ୍ଦରଗଡ ହେଉଛି ଦ୍ୱିତୀୟ ଜିଲ୍ଲା। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ସ୍ମାର୍ଟ ହେଲ୍ଥ କାର୍ଡ ସଂପର୍କରେ ଘୋଷଣା କରିଥିଲେ। ଏହାପରେ ଅଗଷ୍ଟ ୨୦ ତାରିଖରେ ସେ ମାଲକାନଗିରିରେ ପ୍ରଥମ କରି ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ୍ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାଦ୍ୱାରା ଆମର ଗରିବ ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ ଅନେକ ସମସ୍ୟାରୁ, ବିଶେଷକରି ଚିକିତ୍ସା ଖର୍ଚ୍ଚ ଜନିତ ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ। ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଲେ ଚିକିତ୍ସା ପାଇଁ କିପରି ଜମିବାଡି ବିକିବାକୁ ବାଧ୍ୟ ହୁଅନ୍ତି, ପିଲାଙ୍କ ପାଠପଢା ବନ୍ଦ କରନ୍ତି, ସେ ସବୁ ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ତାଙ୍କୁ ବହୁତ ଦୁଃଖ ଦେଇଥାଏ। ବର୍ତ୍ତମାନ ଲୋକମାନେ ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ ବଡ ହସ୍‌ପିଟାଲରେ ଭଲ ଚିକିତ୍ସା ପାଇପାରିବେ। ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ଚାଷୀ ହେଉ ବା ମୂଲିଆ ବା ରିକ୍‌ସା ବାଲା - ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ। ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ସୁନ୍ଦରଗଡରେ ଦ୍ୱିତୀୟ ଏମ୍ସ ପ୍ରସଙ୍ଗ ସଂପର୍କରେ




ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏଥିପାଇଁ ରାଜ୍ୟ ସରକାର ତାଙ୍କର ପ୍ରୟାସ ଜାରି ରଖିବେ। ଦେଶ ପାଇଁ ଅଲିମ୍ପିକ୍ସ ଗୌରବ ଆଣିଥିବା ସୁନ୍ଦରଗଡବାସୀଙ୍କ ଏହି ନ୍ୟାୟପୂର୍ଣ୍ଣ ଦାବୀ ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଓଡିଶା ସରକାର ତାଙ୍କର ଉଦ୍ୟମକୁ ଆହୁରି ଜୋରଦାର କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଟୋକିଓ ଅଲିମ୍ପିକ୍‌ସରେ ଖେଳିଥିବା ହକି ଖେଳାଳୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭ ଜଣ ହିତାଧିକାରୀଙ୍କୁ ବିଜୁ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନ କରିଥିଲେ। ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ ସହିତ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡରେ ୫୮୦.୮୨ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିଥିଲେ। ଏଥିରେ ସଂଯୋଗୀକରଣ ଠାରୁ ଆରମ୍ଭ କରି ଭିତ୍ତିଭୂମି ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିମଳ, ଜଳସେଚନ, ଶକ୍ତି, ମହିଳା ଓ ଶିଶୁବିକାଶ ଆଦି ବିଭିନ୍ନ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟ କରାଯିବ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ଯୋଗ ଦେଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ଓଡିଶାରେ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା, ମେଡିକାଲ କଲେଜ ପ୍ରତିଷ୍ଠା ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ ଭଳି ଅନନ୍ୟ କାର୍ଯ୍ୟକ୍ରମ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ।

## ରାଜ୍ୟରେ ପ୍ରଥମ

# ତିନିଲକ୍ଷ ଟଙ୍କାର ଫାଇବର ଘର



**କଟକ:** ଘର ପାଇଁ ଆଉ ଇଟା, ବାଲି, ସିମେଣ୍ଟ ଦରକାର ପଡ଼ିବ ନାହିଁ କି ଗଡ଼ାଳିଙ୍କୁ ଲୋଡ଼ାଯିବ ନାହିଁ; କେବଳ ଖୋଲାସ୍ଥାନ ବା ଜମି ଆବଶ୍ୟକ, ଯେଉଁଠି ରେଡ଼ିମେଡ୍(ପୂର୍ଣ୍ଣ ପ୍ରସ୍ତୁତ) ଘରଟିକୁ ଆଣି ରଖି ଦିଆଯିବ। ସମ୍ପୂର୍ଣ୍ଣ ପରିବାର ରହିପାରିଲା ଭଳି ଫାଇବରରେ ନିର୍ମିତ ଏପରି ଘର ପ୍ରଥମ କରି ଓଡ଼ିଶାରେ ତିଆରି ହେଉଛି ତେଲେଙ୍ଗାପେଣ୍ଠର ଏକ କାରଖାନାରେ, ଯାହାକୁ ପ୍ରସ୍ତୁତ କରୁଛନ୍ତି କଲ୍ୟାଣୀନଗରର ଜଣେ ୨୨ ବର୍ଷୀୟା ଯୁବତୀ ସ୍ୱସ୍ତି ପଟ୍ଟନାୟକ। ପ୍ରଥମ ଦଫାରେ ସେ ଭିନ୍ନଭିନ୍ନ ଆକାରର ତିନିଟି ଘର ତିଆରି କରିସାରିଛନ୍ତି; ପ୍ରତିଟି ଘରେ ଶୟନକକ୍ଷ, ରୋଷେଇ ଓ ସ୍ନାନଗୃହ ସାଙ୍ଗକୁ ବାରଣ୍ଡା ଓ ଅଗଣା ବି ରହିଛି। ଫାଇବର ଭିତରେ 'ଆଲୁମୁନିୟମ ପାଇପ୍ ଷ୍ଟ୍ରକ୍ଚର' (କଠିନ ଧାତୁପାତ) ଦିଆଯାଇ, ସେହି ପଟାରେ ଘର ଛାତ, କାନ୍ଥ ଓ ଚଟାଣଠୁଁ ଆରମ୍ଭ କରି କବାଟ ଓ ଝରକା ପ୍ରସ୍ତୁତ ହେଉଛି। ଏକଶହରୁ ଛଅଶହ ବର୍ଗଫୁଟ ପର୍ଯ୍ୟନ୍ତ ଏହିଭଳି ଭ୍ରାମ୍ୟମାଣ କୁଟିର ଏଠି କାରଖାନାରେ ପ୍ରସ୍ତୁତ ହୋଇପାରିବ ଏବଂ ତାହାକୁ ବଡ଼ଟ୍ରକ୍ ଡ଼ାଲାରେ ସ୍ଥାନାନ୍ତର ମଧ୍ୟ ସହଜରେ କରିହେବ। ଜୁଲାଇ ମାସରୁ ଏହି 'ମୁଭେବୁଲ ହୋମ୍' ବା ଭ୍ରାମ୍ୟମାଣ କୁଟୀରର ନିର୍ମାଣ ଆରମ୍ଭ ହୋଇଥିଲା ଏବଂ ମାତ୍ର ଦୁଇମାସ ଭିତରେ ତିନିଟି ଘର ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇପାରିଲା; ବଡ଼ଘରଟି (୨୮୦ ବର୍ଗଫୁଟ୍)ର ମୂଲ୍ୟ ୩ଲକ୍ଷ ଟଙ୍କା ରହିଥିଲା ବେଳେ ମଧ୍ୟମ ଘରଟି ୧ଲକ୍ଷ ୯୦ ହଜାର ଓ ଛୋଟଟି ୧ଲକ୍ଷ ୨୦ ହଜାର ଟଙ୍କା ମୂଲ୍ୟ ଅଦ୍ୟାବଧି ସ୍ଥିର ହୋଇଛି। ଆଉ ଦୁଇଟି ଘରର ବରାଦ ମିଳିଛି ଏବଂ ତାହାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇସାରିଛି; ଆଗାମୀ ଅକ୍ଟୋବର ମାସରେ ଏହି ଭ୍ରାମ୍ୟମାଣ କୁଟିରଗୁଡ଼ିକର ବିକ୍ରୟ ଯୋଜନା ରହିଛି, ଯାହା କି ଓଡ଼ିଶାରେ ପ୍ରଥମ ହେବ ଏବଂ କଟକ ଫାଇବର କାରିଗରୀ କୌଶଳକୁ ଅଧିକ ଋଦ୍ଧିମନ୍ତ କରି ତୋଳିବ।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ସର୍ବାଗ୍ରେ

**ଭୁବନେଶ୍ୱର :** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ କରିବାରେ ଓଡ଼ିଶା ସାରା ଦେଶରେ ଏକ ନମ୍ବର ରାଜ୍ୟ। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ(ଏନସିଆରବି)-୨୦୨୦ ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁସାରେ, ୨୦୨୦ରେ ଭିଜିଲାନ୍ସ ୨୪୫ଟି ଏଭଳି ମାମଲା ରୁଜୁ କରିଛି। ୨୦୧୯ରେ ଏହି ସଂଖ୍ୟା ୩୫୩ ଓ ୨୦୧୮ରେ ୪୨୯ ରହିଥିଲା। ୨୦୨୦ରେ ୯୩ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି। ଏହା ଦେଶର ସବୁଠୁ ଅଧିକ ବୋଲି ଜଣାପଡ଼ିଛି। ଏହା ପଛକୁ ଗୁଜରାଟରେ ୩୭ଟି ମାମଲା ରୁଜୁ ହୋଇଥିବା ବେଳେ ତାମିଲନାଡୁ ଏବଂ ଉତ୍ତରପ୍ରଦେଶରେ ୨୧ଟି ମାମଲା, କର୍ଣ୍ଣାଟକରେ ୨୦ଟି ମାମଲା



ରୁଜୁ ହୋଇଛି। ସେହିପରି ଲାଞ୍ଚ ମାମଲାରେ ଓଡ଼ିଶା ଦେଶରେ ପଞ୍ଚମ ସ୍ଥାନରେ ରହିଛି। ୨୦୨୦ରେ ରାଜ୍ୟରେ ୧୦୩ଟି ଲାଞ୍ଚ ମାମଲା ରୁଜୁ ହୋଇଛି। ମହାରାଷ୍ଟ୍ର ୬୩୧ ମାମଲା ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ୩୧୩ ମାମଲା ସହ ରାଜସ୍ଥାନ ଦ୍ୱିତୀୟ ସ୍ଥାନରେ , ୧୮୫ ମାମଲା ସହ କର୍ଣ୍ଣାଟକ ତୃତୀୟ ସ୍ଥାନରେ ଓ ୧୪୬ ମାମଲା ସହ ଗୁଜୁରାଟ ଚତୁର୍ଥ ସ୍ଥାନରେ ରହିଛି। ସେହିପରି ତଦନ୍ତାଧୀନ ମାମଲାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶାରେ ୩୩୫୬ଟି ତଦନ୍ତାଧୀନ ମାମଲା ରହିଥିବା ବେଳେ ମହାରାଷ୍ଟ୍ରରେ ସର୍ବାଧିକ ୫୯୭୧ ମାମଲା ସହ ପ୍ରଥମ ସ୍ଥାନ ଓ ୩୦୦୨ ମାମଲା ସହ ରାଜସ୍ଥାନ ତୃତୀୟ ସ୍ଥାନରେ ରହିଛି। ସେହିପରି ଗତବର୍ଷ ୧୬ଟି ମାମଲାରେ ଦଣ୍ଡବିଧାନ ହୋଇଥିବା ବେଳେ ୧୬ଟି ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅର୍ଥାତ ଦଣ୍ଡବିଧାନ ହାର ୫୦ ପ୍ରତିଶତ ରହିଛି। ପଡ଼ି ରହିଥିବା ମାମଲା ହାର ୯୮.୭ ପ୍ରତିଶତ ରହିଥିବା ରିପୋର୍ଟରୁ ଜଣାପଡ଼ିଛି।

# ଟିକାକେନ୍ଦ୍ରରେ ଝୁଲିବ ୨ ପାନ ନେଇ ନ ଥିବା ଲୋକଙ୍କ ତାଲିକା

**ଭୁବନେଶ୍ୱର :** ରାଜ୍ୟରେ ସମୁଦାୟ ଜନସଂଖ୍ୟାର ୬୪ ପ୍ରତିଶତ ଲୋକ ପ୍ରଥମ ପାନ ଟିକା ନେଇ ସାରିଥିବାବେଳେ ତା'ର ମାତ୍ର ୨୮ ପ୍ରତିଶତ ଲୋକ ଦ୍ୱିତୀୟ ପାନ ଟିକା ନେଇଛନ୍ତି। ବାରମ୍ବାର ତାଙ୍କ ମୋବାଇଲ ଫୋନ୍କୁ ବାର୍ତ୍ତା ଦେବା ପରେ ମଧ୍ୟ ଦ୍ୱିତୀୟପାନ ଟିକା ନେବାକୁ ଲୋକଙ୍କ ମନେ ପଡୁନାହିଁ। ଏବେବି ୨୭ଲକ୍ଷ ଲୋକ ଟିକା ନେଇନାହାନ୍ତି। ତେଣୁ ସମ୍ପୃକ୍ତ ଟିକାଦାନ କେନ୍ଦ୍ରରେ ଦ୍ୱିତୀୟ ପାନ ଟିକା ନେଇ ନ ଥିବା ଲୋକଙ୍କ ତାଲିକା ଲଗାଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ସମୁଦାୟ ୨କୋଟି ୬୭ ଲକ୍ଷ ପାନ ଟିକା ଦିଆଗଲାଣି। ସେମାନଙ୍କ ମଧ୍ୟରୁ ୬୪ପ୍ରତିଶତ ଅର୍ଥାତ ୧ କୋଟି ୯୮ ଲକ୍ଷ ପ୍ରଥମ ପାନ ନେଇ ସାରିଲେଣି, ଦ୍ୱିତୀୟ ପାନ ମାତ୍ର ୬୮ ଲକ୍ଷ ଲୋକ ଅର୍ଥାତ ୨୮ ପ୍ରତିଶତ ଟିକା ନେଇଛନ୍ତି। ସେ କହିଛନ୍ତି ଯେ, ଦ୍ୱିତୀୟ ପାନ ନେବାର ୩ ଦିନ ପୂର୍ବରୁ ସେମାନଙ୍କ




ନିକଟକୁ ବାର୍ତ୍ତା ଯାଉଛି। ସେହିପରି ଟିକା ପାଇଁ ନିର୍ଦ୍ଧାରିତ ଦିନ ବାର୍ତ୍ତା ପଠାଯାଉଛି। ଏହାପରେ ବି ସେମାନେ ଆସୁନାହାନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଅତିକମ୍ରେ ସମସ୍ତଙ୍କୁ ପ୍ରଥମ ପାନ ଦିଆଯିବା ଲକ୍ଷ୍ୟ ରଖାଯାଇଛି। ପାର୍ବଣ ଋତୁ ଆସୁଛି ଲୋକେ ସଚେତନ ହୋଇ ଟିକା ନେବାକୁ ସେ ଅନୁରୋଧ କରିଛନ୍ତି। ଭୁବନେଶ୍ୱରର ବଜାର, ଘାଟରେ ପ୍ରବଳ ଭିଡ ହେଉଛି। ଭ୍ୟାକସିନେସନ୍ ଦ୍ରୁତ ଗତିରେ ଚାଲୁଛି। ଏହାସତ୍ତ୍ୱେ ସଂକ୍ରମଣକୁ ନିୟନ୍ତ୍ରୀତ କରିବାକୁ ହେଲେ ଲୋକମାନଙ୍କୁ ସଚେତନ ହେବାକୁ ପଡ଼ିବ ବୋଲି ଡିଏମ୍ଇଟି କହିଛନ୍ତି।


# 'ସ୍କୁଲ ବନ୍ଦ ରହିବା ପିଲାଙ୍କ ପାଇଁ ଆଣିପାରେ ବିପଦ'

**ଭୁବନେଶ୍ୱର :** କରୋନା ମହାମାରୀ ହେତୁ ଓଡିଶା ସମେତ ସମଗ୍ର ଦେଶର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ପ୍ରାୟ ଦେଢ ବର୍ଷ ହେବ ସ୍କୁଲ କଲେଜ ବନ୍ଦ ହୋଇ ରହିବା ଫଳରେ ଛାତ୍ରଛାତ୍ରୀମାନେ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହେଲେ। ଏବେ ଦୋକାନ, ବଜାର, ମଲ, ଧାର୍ମିକ ଅନୁଷ୍ଠାନ, ସିନେମା ହଲ ଇତ୍ୟାଦିକୁ ଖୋଲିବା ଲାଗି ଅନୁମତି ଦିଆଯାଇଛି । ଏହା ସତ୍ତ୍ୱେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡିକୁ ଖୋଲିବାକୁ ଅନୁମତି ମିଳିନି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଅଧିକ ବିପର୍ଯ୍ୟୟ ଆଡକୁ ଗତି କରିଛି। ତେଣୁ ତୁରନ୍ତ ସ୍କୁଲ ଖୋଲିବାକୁ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ସ୍କୁଲ ବନ୍ଦ ରହିବା ହେତୁ ଆଦିବାସୀ ,ଦଳିତ, ସାଧାରଣ କୃଷକ, ନିର୍ମାଣ ଶ୍ରମିକ ଓ ଦାଦନ ଶ୍ରମିକ ଶ୍ରେଣୀର ପିଲାମାନେ ସମ୍ପୂର୍ଣ୍ଣ ପାଠପଢା ଛାଡିଦେଲେଣି । ଅଧିକ ଦିନ ସ୍କୁଲ ବନ୍ଦ ରହିଲେ ସେମାନଙ୍କୁ ସ୍କୁଲକୁ ଫେରାଇ ଆଣିବା କଷ୍ଟକର ହୋଇଯିବ । ଗତ ୬ ସେପ୍ଟେମ୍ବର ୨୦୨୧ ତାରିଖରେ ଓଡିଶା ସମେତ ୧୫ଟି ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୦୦ ପିଲାଙ୍କୁ ନେଇ "ଲକ୍ ଆଉଟ ଏମର୍ଜେନ୍ସି ରିପୋର୍ଟ ଅନ ସ୍କୁଲ ଏଜୁକେଶନ" ଶୀର୍ଷକ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁସାରେ, ଗ୍ରାମାଞ୍ଚଳରେ ୩୬ ପ୍ରତିଶତ ଓ ସହରାଞ୍ଚଳରେ ୧୯ ପ୍ରତିଶତ ପିଲା କରୋନା ସମୟରେ ଆଦୌ ପାଠ ପଢିନାହାନ୍ତି। ଗ୍ରାମାଞ୍ଚଳରେ ୪୮ ପ୍ରତିଶତ ଓ ସହରାଞ୍ଚଳରେ ୪୨ ପ୍ରତିଶତ ପିଲା, ସମଗ୍ର ଛାତ୍ରଛାତ୍ରୀଙ୍କର ବୃହତ୍ତର ଭାଗ, ଅଳ୍ପ କିଛି ବାକ୍ୟ ପଢିପାରୁଛନ୍ତି । ପିଲାମାନଙ୍କର ଲେଖିବା ଓ ପଢିବା ଅଭ୍ୟାସ ଆଉ ନାହିଁ କହିଲେ ଚଳେ । ଉପରୋକ୍ତ ସର୍ବେକ୍ଷଣ ଅନୁସାରେ, ସହରାଞ୍ଚଳରେ କେବଳ ୨୪ ପ୍ରତିଶତ ଓ ଗ୍ରାମାଞ୍ଚଳରେ ମାତ୍ର ୮ ପ୍ରତିଶତ ଛାତ୍ରଛାତ୍ରୀ ଅନଲାଇନରେ ପାଠ ପଢୁଛନ୍ତି । ସେମାନଙ୍କ ମଧ୍ୟରୁ ବେଶ କେତେକ ଛାତ୍ରଛାତ୍ରୀ



ଡିଜିଟାଲ ବୈଷମ୍ୟର ଶିକାର ହେଉଛନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ହେତୁ ସେମାନଙ୍କ ପାଖରେ ହୁଏତ ସ୍ମାର୍ଟ ଫୋନ ନାହିଁ ବା ନିୟମିତ ଡାଟା କାର୍ଡକୁ ରିଚାର୍ଜ କରିପାରୁନାହାନ୍ତି । ନଚେତ ନିକଟରେ ମୋବାଇଲ ଟାୱାର ନ ଥିବା କାରଣରୁ ଇଣ୍ଟରନେଟ ସୁବିଧା ପାଉନାହାନ୍ତି । ଏହା ଦ୍ୱାରା ସମ୍ବିଧାନର ଧାରା ୨୧ – ଏ ଅନୁସାରେ 'ସମସ୍ତଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା' ବ୍ୟବସ୍ଥାଗତ ଅଧିକାରର ଘୋର ଉଲ୍ଲଂଘନ ହେଉଛି । ଉକ୍ତ ରିପୋର୍ଟ ଅନୁସାରେ, ଗ୍ରାମାଞ୍ଚଳରେ ୯୭ ଭାଗ ଓ ସହରାଞ୍ଚଳରେ ୯୦ ଭାଗ ପିତାମାତା ଶ୍ରେଣୀ ଗୃହରେ ଶିକ୍ଷା ପ୍ରଦାନ ନିମନ୍ତେ ମତ ପ୍ରକାଶ କରିଛନ୍ତି । ଅନଲାଇନ ଶିକ୍ଷା ଲାଗି ଆବଶ୍ୟକୀୟ ଭିତ୍ତିଭୂମି ସହିତ ପରିବାର ଆୟ ବୃଦ୍ଧି ଭଳି ସାମାଜିକ ଭିତ୍ତିଭୂମିର ଆବଶ୍ୟକତା ମଧ୍ୟ ରହିଛି । ପୁଣି ଅନଲାଇନ ଶିକ୍ଷା ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ, ନୂଆ ବିଷୟ ପ୍ରତି ଆଗ୍ରହ, ଅନ୍ୟପ୍ରତି ବ୍ୟବହାରରେ ଘୋର ଅବନତି ଆଣୁଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହେଉଛି । କୋଭିଡ ଲକଡାଉନ୍ ପୂର୍ବରୁ ଓଡିଶା, ମଧ୍ୟପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗର ଗ୍ରାମାଞ୍ଚଳରେ ମାତ୍ର ୫ରୁ ୧୦ ପ୍ରତିଶତ ଲୋକ ଇଣ୍ଟେରନେଟ ବ୍ୟବହାର କରିଥିବା ବିଭିନ୍ନ ରିପୋର୍ଟରେ ପ୍ରକାଶିତ ହୋଇଛି କୁହେ । କରୋନା ମହାମାରୀ ସମୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଅନେକ ଛାତ୍ରଛାତ୍ରୀ ଦେଢବର୍ଷର ମୂଲ୍ୟବାନ ସମୟ ହରାଇଲେ । ବିଶେଷକରି ଦଳିତ, ଆଦିବାସୀ, ଗ୍ରାମାଞ୍ଚଳ ଓ ବସ୍ତି ଅଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀ ଆଗାମୀ ଦିନରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଥବା ଚାକିରୀ କ୍ଷେତ୍ରରେ ହେଉଥିବା ବିଭିନ୍ନ ପରୀକ୍ଷାରେ ଉଚ୍ଚ ଜାତି ଓ ଧନୀ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଠାରୁ କେବଳ ଯେ ପଛୁଆ ରହିବେ ତାହା ନୁହେଁ ସେମାନେ ହୁଏତ ଆଦୌ ପ୍ରତିଯୋଗୀତାରେ ଉତ୍ତିର୍ଣ୍ଣ ମଧ୍ୟ ହୋଇନପାରନ୍ତି । ଫଳରେ, ସେମାନଙ୍କ ଲାଗି ନିଯୁକ୍ତିର ସମ୍ଭାବନା ଶୁନ ହୋଇଯିବ । ସେମାନେ ନିଜର କୌଣସି ବି ଦୋଷ ନଥାଇ ଦଣ୍ଡିତ ଅନୁଭବ କରିବା ଦ୍ୱାରା ସେମାନଙ୍କ ମାନସିକ ସ୍ଥିତିରେ ଏହା ଖୁବ୍ ପ୍ରଭାବ ପକାଇବ । ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀଙ୍କ ଅଭାବ ଦେଖାଇ ଭବିଷ୍ୟତରେ ସରକାର ବାକି ଥିବା ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନକୁ ହୁଏତ ବନ୍ଦ ମଧ୍ୟ କରିଦେଇପାରନ୍ତି । ମଣିଷର ବିକାଶ ଦିଗରେ ପ୍ରାଥମିକ ଶିକ୍ଷା ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ସରକାର ସ୍କୁଲଗୁଡିକୁ ନଖୋଲିବା ଦ୍ୱାରା 'ସମସ୍ତଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା' ସାମ୍ବିଧାନିକ ଅଧିକାରର ଘୋର ଉଲ୍ଲଂଘନ ହେଉଛି । ତେଣୁ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୦ - ୨୬ ସେପ୍ଟେମ୍ବର, ୨୦୨୧

# ବେଳହୁଁ ସାବଧାନ

**ଦେ**ଶରେ ଥାଇ, ଦେଶର ଖାଇ ଦେଶ ବିରୋଧରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ମାନସିକତାକୁ କଣ କୁହାଯିବ ! ନିକଟରେ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରୁ ଧରାପଡିଥିବା କିଛି ବ୍ୟକ୍ତି ଭାରତୀୟ ପ୍ରତିରକ୍ଷା ବିଭାଗର ଅତ୍ୟାଧୁନିକ କ୍ଷେପଣାସ୍ତ୍ର ସମ୍ପର୍କରେ ତଥ୍ୟ ଚୋରି କରି ପଡୋଶୀ ଶତ୍ରୁ ଦେଶକୁ ଦେଉଥିବାର ଚାଂଚଲ୍ୟକର ଖବର ପ୍ରକାଶ ପାଇବା ପରେ ଏହା ଦେଶବିରୋଧୀ କାର୍ଯ୍ୟ ବୋଲି ନିଶ୍ଚୟ କୁହାଯିବ। ଧରାପଡିଥିବା ୪ ଠିକା କର୍ମଚାରୀ ଏଭଳି କରୁଥିଲେ ବୋଲି ଦିଲ୍ଲୀରୁ ସୂଚନା ମିଳିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ଏମାନେ ଗତ ୭ ମାସ ହେବ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ତଥ୍ୟ ପାକିସ୍ତାନକୁ ଦେଇଥିବା ଜଣାପଡିଛି। ତେବେ ଦିଲ୍ଲୀସ୍ଥିତ ଗୋଇନ୍ଦା ମୁଖ୍ୟାଳୟରୁ ସୂଚନା ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଗଲା, ହେଲେ ରାଜ୍ୟ ଗୋଇନ୍ଦା ବିଭାଗ ନିକଟରେ ଏ ସମ୍ପର୍କରେ ଆଗୁଆ ତଥ୍ୟ ରହିଲାନି କିପରି ! ଯେଉଁମାନେ ଏଭଳି ଦେଶଦ୍ରୋହ କାର୍ଯ୍ୟ କରୁଥିଲେ, ସେମାନେ ଦେଶ ଚିନ୍ତା ନକରି ଶତ୍ରୁ ସହ ହାତ ମିଳାଇବା ପଛରେ କେଉଁ କାରଣ ରହିଛି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ମଧ୍ୟ ଏଭଳି କର୍ମଚାରୀ ଏଠାରୁ ଧରାପଡିଥିଲେ। ପାକିସ୍ତାନରୁ ଟଙ୍କା ପାଇ ଏମାନେ ଏଭଳି କରୁଥିବା ନେଇ ଅଭିଯୋଗ ହେଉଥିଲେ ବି ପ୍ରତିରକ୍ଷା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଏଭଳି ଦୁଃସାହସ କରିବା ପଛରେ ଆଉ କାହାର ହାତ ଅଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଦେଶର ଗୋପନୀୟ ଦସ୍ତାବିଜ ସଂଗ୍ରହ, ପ୍ରେରଣ କରିବା ସହଜ ହୋଇନଥିଲେ ବି କେଉଁ ଢିଲାପଣ ଯୋଗୁ ଏଭଳି କାର୍ଯ୍ୟ ସମ୍ଭବ ହେଉଛି ତାହା ଉପରେ ଅଧିକ ତଦନ୍ତ ହେବା ଆବଶ୍ୟକ। ଘଟଣା ପଛରେ ଅନ୍ୟ କେଉଁମାନେ ଅଛନ୍ତି ତାହା ତଦନ୍ତ ପରିସରକୁ ଆସିଲେ ଅସଲ ରହସ୍ୟ ଉନ୍ମୋଚିତ ହୋଇପାରନ୍ତା। ବାସ୍ତବିକ ଏଭଳି ଦେଶଦ୍ରୋହ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଅଛି। ସମ୍ପ୍ରତି ଅର୍ଥ ଲୋଭରେ ଅନେକ ବ୍ୟକ୍ତି ଅପରାଧ ଘଟାଇବାକୁ ସହଜ କାର୍ଯ୍ୟ ବୋଲି ମନେକରୁଛନ୍ତି। ନଚେତ ସମାଜରେ ପ୍ରତିଦିନ ଅନେକ ଅପରାଧ ଘଟୁନଥାନ୍ତା।ତାହା ସାଇବର କ୍ରାଇମ ହେଉ କି ଠକେଇ, ମହିଳା ବିରୋଧୀ ହିଂସା ହେଉ କି ଶିଶୁ ଅପରାଧ। ସାରା ଦେଶରେ ଅପରାଧ ବଢିଚାଲିଛି। ଯେଉଁଠି ଅପରାଧୀ ଧରାପଡୁଛନ୍ତି ଓ ତଥ୍ୟ ଲୋକଲୋଚନକୁ ଆସୁଛି, ସେଇଠି କିଛି ସମୟ ଅପରାଧୀଙ୍କ ପ୍ରତି ଘୃଣା ସୃଷ୍ଟି ହେଉଥିଲେ ବି ଅପରାଧୀମାନେ ଯେ ନିରାପଦରେ ଏଭଳି କାର୍ଯ୍ୟ କରୁଛନ୍ତି ସେଥିପାଇଁ ଆମେ ସମସ୍ତେ ଦାୟୀ ବୋଲି କୁହାଯିବ। କାରଣ ଏହି ଅପରାଧୀମାନେ ଆମ ସମାଜ ଭିତରେ ସ୍ୱଚ୍ଛନ୍ଦରେ ବିଚରଣ କରୁଥିଲେ ବି ଆମେ ଏହାର ପ୍ରତିରୋଧ କରିପାରୁନେ। ଯେଉଁଥିପାଇଁ ସାମାଜିକ ସ୍ତରରେ ଅପରାଧୀମାନେ ଗର୍ବର ସହ ବଞ୍ଚୁଥିବାର ଅନୁଭବ ନେଇ ନିଜର ପତିଆରା ବୃଦ୍ଧି କରୁଛନ୍ତି। କାରଣ ସାମାଜିକ ସ୍ତରରେ ତାଙ୍କ ବିରୋଧରେ କେହି ସ୍ୱର ଉଠାଉନଥିବାରୁ, ଅପରାଧୀମାନେ ନିଜକୁ ପାରଙ୍ଗମ ମନେକରିବା ସହ ନିଜ କୃତକର୍ମକୁ ନେଇ ଲଜ୍ଜା ଅନୁଭବ କରୁନାହାନ୍ତି।ବରଂ ଭଦ୍ର ମୁଖା ତଳେ ନିଜ କଳା ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି। ପୂର୍ବରୁ ଡିଆରଡ଼ିଓରୁ ତଥ୍ୟ ଚୋରି ଅଭିଯୋଗରେ ଈଶ୍ୱର ବେହେରା ଗିରଫ ହୋଇଥିଲେ। ଏହାପରେ ପ୍ରତିରକ୍ଷା ପରୀକ୍ଷଣ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ଅଧିକ କଡାକଡି ହେବା କଥା ଏବଂ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ (ଯେଉଁମାନଙ୍କ କାର୍ଯ୍ୟ ସନ୍ଦେହଜନକ) ତୀକ୍ଷ୍ଣ ନଜର ରଖାଯିବା ଉଚିତ ଥିଲା।ସେଭଳି ହୋଇଥିଲେ ହୁଏତ ତଥ୍ୟ ଚୋରି ଘଟଣାର ପୁନରାବୃତ୍ତି ହୋଇନଥାନ୍ତା। ତେଣୁ ଦେଶର ପ୍ରତିରକ୍ଷାକୁ ନେଇ ଆଦୌ କୋହଳ ନିୟମ ରହିବା ଅନୁଚିତ।କାରଣ ପଡୋଶୀ ଶତ୍ରୁ ରାଷ୍ଟ୍ରଙ୍କ ନଜର ସର୍ବଦା ଭାରତର ପ୍ରତିରକ୍ଷା କେନ୍ଦ୍ର ଉପରେ ରହିଛି। ବଡ଼ ଅଧିକାରୀଙ୍କୁ ଛାଡି ଅସ୍ଥାୟୀ କର୍ମଚାରୀଙ୍କୁ ଗିରଫ କରାଯାଇଥିଲେ ବି ଅସଲ ତଥ୍ୟ କେଉଁଠି ?

ଯଦି ଜଣେ ଅସ୍ଥାୟୀ କର୍ମଚାରୀ ପ୍ରତିରକ୍ଷା ଗୁପ୍ତ ଦଲିଲ ଶତ୍ରୁ ରାଷ୍ଟ୍ରକୁ ଦେଇପାରୁଛନ୍ତି, ତେବେ ଯେଉଁମାନେ ଦେଶର କୋଟି କୋଟି ଲୋକଙ୍କ ଟିକସ ପଇସାକୁ ମୋଟା ବେତନ ଆକାରରେ ନେଉଛନ୍ତି ସେମାନେ କରନ୍ତି କଣ ? ଏବେ ବଡ଼ ମୁଣ୍ଡରୁ ତଦନ୍ତ ଆରମ୍ଭ ହେବ କି ? ଅସଲ ତଥ୍ୟ ପଦାକୁ ଆସିପାରିବ ଓ ଯେଉଁମାନେ ଦରମା ନେଇ ଦେଶ ବିରୋଧୀ କାର୍ଯ୍ୟ କରୁଛନ୍ତି ସେମାନେ ଧରାପଡିବେ। ବ୍ୟବସ୍ଥା କୋହଳ କରି ମାର ମାର ଭଣ୍ଡାରିଆକୁ ମାର ନୀତି ପ୍ରଚଳନ ଥିବା ପର୍ଯ୍ୟନ୍ତ ଅନେକ ଦେଶଦ୍ରୋହୀ ରକ୍ଷା ପାଇବେ। ଏଥିରେ ଦେଶର କ୍ଷତି, ଜନସାଧାରଣଙ୍କ ଟିକସ ପଇସା ଅପରାଧୀ ଖାଉଛନ୍ତି ବୋଲି ପ୍ରମାଣିତ ହେବ। ସଚ୍ଚା ଦେଶପ୍ରେମୀ କିଏ ଏହାର ବି ମୂଲ୍ୟାଙ୍କନ ଦରକାର। ନଚେତ ଠକିବା ଲୋକ ଦେଶପ୍ରେମୀ ନିରୀହ ଜନତା ଦେଶଦ୍ରୋହୀ ବୋଲି ପ୍ରମାଣିତ ହୋଇଚାଲିବେ। ସୁତରାଂ ଖସିଯିବା ଲୋକ ସଚ୍ଚା ଓ ଗରିବ ଜନତା ଦୋଷୀ ହେବାରେ ସମସ୍ୟା ନାହିଁ। କାରଣ ଅତୀତରୁ ଆଜିଯାଏ ଯାହା ବି ଘଟଣା ସାମ୍ନାକୁ ଆସିଛି, ସେଥିରେ ଶାସକ ଦଳର ପ୍ରମୁଖ ଭୂମିକା ଥିବା ସ୍ପଷ୍ଟ। ଦେଶର ସୁରକ୍ଷା ପାଇଁ ଯେଉଁଠାରୁ ମିଜାଇଲ ଓ ଅନ୍ୟ ଯୁଦ୍ଧପୋକରଣ ପରୀକ୍ଷା ହୁଏ, ସେଠାରେ ଏଭଳି ଦେଶ ବିରୋଧୀ କର୍ମଚାରୀ କିଭଳି କାର୍ଯ୍ୟ କରୁଥିଲେ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାକିସ୍ତାନରୁ ପୁଳା ପୁଳା ଟଙ୍କା ମୁର୍ସିଦାବାଦ ଏଜେଣ୍ଟଙ୍କ ଜରିଆରେ ଏମାନଙ୍କ ନିକଟକୁ ଆସୁଥିଲା କିପରି ? କେବଳ ଟଙ୍କା ନୁହେଁ ଏଜେଣ୍ଟଙ୍କ ଜରିଆରେ ସୁନ୍ଦରୀ ଯୁବତୀ ଆସି ହୋଟେଲରେ ଏମାନଙ୍କ ସହ ରାତି କଟାଇ ଦେଶର ଗୋପନୀୟ ତଥ୍ୟ ହାସଲ କରିବା ନେଇ ମଧ୍ୟ ସୂଚନା ମିଳୁଛି। କିନ୍ତୁ ଏଭଳି ଘଟଣା ପଛରେ ବାଂଲାଦେଶୀ ଶରଣାର୍ଥୀଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। କାରଣ ଚାନ୍ଦିପୁରରେ ରହୁଥିବା ବାଂଲାଦେଶୀ ଶରଣାର୍ଥୀଙ୍କ ବସ୍ତିରେ ପହଞ୍ଚି ସାରିଛି କ୍ରାଇମ୍‌ବ୍ରାଞ୍ଚ ଏବଂ ଏଠାରୁ ଚାରିଜଣଙ୍କୁ ଉଠାଇ ନେଇଛି। ଏମାନେ ପାକିସ୍ତାନରୁ ଉତ୍ତରପ୍ରଦେଶ ଜରିଆରେ ଟଙ୍କା ଆଣି ଅଭିଯୁକ୍ତ ମାନଙ୍କୁ ଦେଉଥିବା ନେଇ ସୂଚନା ମିଳୁଛି। ଏହା ସତ୍ୟ ହୋଇଥିଲେ ଦେଶର ପ୍ରତିରକ୍ଷା ପରୀକ୍ଷଣ କେନ୍ଦ୍ର କେତେ ନିରାପଦ ତାହା ବିଚାର କରିବା ନିହାତି ଦରକାର। କାରଣ ପାକିସ୍ତାନ ଟାର୍ଗେଟରେ ଯଦି ଓଡ଼ିଶାର ଚାନ୍ଦିପୁର ରହୁଛି ତେବେ ଓଡ଼ିଶାର ଆଉ କେଉଁ କେଉଁ ସ୍ଥାନରେ ପାକିସ୍ତାନୀଙ୍କ ଏଜେଣ୍ଟ ସାଜି କିଏ କିଏ ତଥ୍ୟ ଚୋରି କରୁଛନ୍ତି ତାହା ତଦନ୍ତ ସାପେକ୍ଷ। ଦେଶ ତଥା ରାଜ୍ୟର ନିରାପତ୍ତା ଯଦି ଅନୁପ୍ରବେଶକାରୀଙ୍କ ପାଇଁ ସଙ୍କଟରେ, ତେବେ ସରକାର ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ନଚେତ୍ ଆଗାମୀ ଦିନରେ ଏଭଳି ତ୍ରୁଟି ବଢ଼ିଚାଲିଲେ ଦେଶ ସୁରକ୍ଷିତ ରହିପାରିବ ନାହିଁ। ଏନେଇ ରାଜ୍ୟ ସରକାର ମଧ୍ୟ ସତର୍କ ରହିବା ନିହାତି ଦରକାର। ଯେଉଁଭଳି ଭାବେ ଅନୁପ୍ରବେଶକାରୀ ବାଂଲାଦେଶୀ ଓଡ଼ିଶାରେ ନିଜର ଆସ୍ଥା ଜମାଇ ସାରିଲେଣି ତାହା ଭବିଷ୍ୟତରେ ଓଡ଼ିଶା ପାଇଁ ମଧ୍ୟ ବିପଦର ଅନ୍ୟତମ କାରଣ ପାଲଟିବ। ବେଳହୁଁ ସାବଧାନ।

ସମ୍ପାଦକୀୟ
ତାରକ ମହାନ୍ତି



ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ହେ ସ୍ରଷ୍ଟା ତୋ ସୃଷ୍ଟି ତୁହି ରକ୍ଷାକର




ପ୍ରଦୀପ୍ତ ଆଚାର୍ଯ୍ୟ

ଆଜି ସକାଳୁ ସମୀର ବାବୁ ଆସି ପହଂଚି ଗଲା ପରେ,ତାଙ୍କର ଗାମ୍ଭୀର୍ଯ୍ୟତାକୁ ଲକ୍ଷ୍ୟ କରି ପଚାରିଲି,ଭାଇ କଣ ହୋଇଛି,ଆଜି କଣ ଚୁପ୍‌ଚାପ୍।ତତ୍‌କ୍ଷଣାତ ସେ କହିଲେ"ଯାହା ହେବ ଦେଖାଯିବ",ଆଉ କେତେଦିନ "କଣ କରିବା, କଣକରିବା "ହୋଇ ଆଶଙ୍କା ଓ ଆତଙ୍କିତ ଅବସ୍ଥାରେ ଦିନ କାଟିବା ଅପେକ୍ଷା, ଉପରବାଲା ଉଦ୍ଦେଶ୍ୟରେ ହାତ ଟେକି ଦେଇ, "ଯାହା ହେବ ଦେଖାଯିବ", କହି ଦମ୍ଭ ଧରିବା ଶ୍ରେୟ। ପୁରା ଗୋଟିଏ ବର୍ଷ ତାଣ୍ଡବ ରଚିବା ପରେ, କରୋନା ମହାମାରୀର ପ୍ରକୋପ ହ୍ରାସ ପାଇଥିଲା କିନ୍ତୁ ଭୟଙ୍କର ରୂପ ଧାରଣ କରି ଦ୍ୱିତୀୟ ଲହର ଆସି ଜନ ଜୀବନକୁ ଧ୍ୱଂସ କରିଦେବା ପରେ କାହାରି ମନରେ ସରସତା ନାହିଁ।ସମସ୍ତେ ଭୀତତ୍ରସ୍ତ। ତାପରେ ପୁଣି ତୃତୀୟ ଲହର ଆଶଙ୍କାରେ ଆତଙ୍କିତ ବିଶ୍ୱ।ଜୀବନ ତରୁର ଶୁଷ୍କ ଶାଖା ପଲ୍ଲବୀତ ହେବା ବେଳକୁ,ପୁନର୍ବାର ଏକ ଝଡର ସୂଚନା,ମାନସିକ ସନ୍ତୁଳନତାକୁ ବିପର୍ଯ୍ୟସ୍ତ କରିଦେଉଛି।ଅନେକ ଲୋକଙ୍କର କେହି ନା କେହି ପ୍ରିୟଜନ କରୋନା ମହାମାରୀ ର ଲେଲିହାନ ଶିଖାରେ ପୀଡିତ କିମ୍ବା ବିଲୁପ୍ତ ହୋଇଯାଇଛନ୍ତି।କ୍ଷତ ଶୁଖି ଆସିବା ବେଳକୁ, ପୁନଶ୍ଚ ଆଘାତ। ସମଗ୍ର ପୃଥିବୀର ମାନବ ସମାଜ ଆଜି ଭୀତତ୍ରସ୍ତ,ଏକ ଅଜଣା ଆତଙ୍କରେ ଆତଙ୍କିତ।ପୃଥିବୀରେ କୌଣସି ଜିନିଷ ସ୍ଥାୟୀ ନୁହେଁ। କ୍ଷଣଭଙ୍ଗୁର ଏ ଦୁନିଆ।ଏହି ଅବସ୍ଥା ଆଉ ବର୍ଷକୁ ନଥିବ, ଆମେ ପୁଣି ଧୁମ୍‌ଧାମ୍‌ରେ, ମହାସମାରୋହରେ ପାଳନ କରିବା ସମସ୍ତ ପ୍ରଥା ପରମ୍ପରା। ପ୍ରସିଦ୍ଧ ଇଂରାଜୀ କବି,(ଥିଓଡୋର ଟିଲଟନ୍)ତାଙ୍କର ଗୋଟିଏ କବିତା (ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ)ରେ ଲେଖିଥିଲେ,ଏକଦା ପର୍ସିଆରେ ଜଣେ ରାଜା ଥିଲେ,ଯିଏକି ତାଙ୍କ ମୁଦିରେ ଗୋଟିଏ ଲେଖା ଖୋଦିତ କରାଇଥିଲେ(ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ)ଯାହାକୁ ସେ ଆଖି ଆଗରେ ଦେଖିଲେ,ସମସ୍ତ ଦୁଶ୍ଚିନ୍ତା, ଉତେଜନା, ଆନନ୍ଦ ଏବଂ କଷ୍ଟରୁ ତତ୍‌କ୍ଷଣାତ ସାଧାରଣ ମାନସିକ ଅବସ୍ଥାକୁ ଫେରି ଆସୁଥିଲେ। ମରୁଭୂମି ମଧ୍ୟ ଦେଇ ଓଟ ପଲ ଏବଂ ସମୁଦ୍ର ମଧ୍ୟ ଦେଇ ଜାହାଜ ଭେଳା ତାଙ୍କ ରାଜ୍ୟକୁ ଅପର୍ଯ୍ୟାପ୍ତ ମଣି ମୁକ୍ତା ଧନରତ୍ନ ବୋହି ଆଣୁଥିଲେ।ମୁଦ୍ରିକାରେ ଖୋଦିତ ଲେଖାକୁ ଦୃଷ୍ଟିପାତ କରିବା ପରେ,ସେ ଭାବୁଥିଲେ ଧନ କଣ ? ଆଜି ଆସିଛି କାଲି ଚାଲିଯିବ।ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ରାଜ ଦରବାରରେ ଯୁବତୀ ନର୍ତକୀ ମାନଙ୍କର ନୃତ୍ୟ, ସଭାସଦ୍ ମାନଙ୍କର ଘନଘନ କରତାଳି ଏବଂ ସୁରାପାନର ଆବେଗମୟ ମୁହୂର୍ତ ସମୟରେ ,ମୁଦ୍ରିକା ଦର୍ଶନ ମାତ୍ରେ ଚିତ୍କାର କରି ଉଠିଛନ୍ତି, ବନ୍ଧୁଗଣ ,ଏ ଆନନ୍ଦ ଚିରସ୍ଥାୟୀ ନୁହେଁ, ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ।ସୁନ୍ଦରୀ ପତ୍ନୀଙ୍କ ନିବିଡ ଆଲିଙ୍ଗନ,ରାତ୍ରୀର ଅନ୍ଧକାର ମଧ୍ୟରେ , କୋମଳ ଜୀବନ୍ତ ମଂସ ସ୍ପର୍ଶର ଚରମ ଉତେଜନା ମଧ୍ୟ ଚିରସ୍ଥାୟୀ ନୁହେଁ,ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ।ଯୁଦ୍ଧରେ ବର୍ଛାବିଦ୍ଧ ହୋଇ ଯନ୍ତ୍ରଣାରେ ଚିତ୍କାର କରିବା ସମୟରେ,କହି ଉଠିଛନ୍ତି,ଯନ୍ତ୍ରଣା ସହ୍ୟ କରିବା କଷ୍ଟକର,କିନ୍ତୁ ଧୈର୍ଯ୍ୟର ସହିତ ଅପେକ୍ଷା କଲେ ,ଏହା ମଧ୍ୟ ଧୀରେଧୀରେ ଉପଶମ ହୋଇଯିବ। ସର୍ବସାଧାରଣ ଛକରେ ,ତାଙ୍କର କୀର୍ତି ଖୋଦିତ କୋଡିଏ କ୍ୟୁବିଟସ୍ ଉଚ୍ଚା ପ୍ରତିମୂର୍ତୀ ଛଦ୍ମ ବେଶରେ ଦର୍ଶନ କରିବା ସମୟରେ,ଭାବିଛନ୍ତି ଯଶଖ୍ୟାତି ମଧ୍ୟ କ୍ଷଣସ୍ଥାୟୀ,ଏହା ମଧ୍ୟ ଧୀରେଧୀରେ ଲୋପ ପାଇଯିବ।ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ଜୀର୍ଣଶୀର୍ଣ ଅବସ୍ଥାରେ ପକ୍ଷାଘାତ ରୋଗାକ୍ରାନ୍ତ ହୋଇ ,ମୃତ୍ୟୁକୁ ଅପେକ୍ଷା କରି ଶଯ୍ୟାଶାୟୀ ଥିବା ସମୟରେ ଚେନାଏ ସୂର୍ଯ୍ୟକିରଣ ମୁଦି ଉପରେ ପଡିବା ପରେ ,ମନକୁ ସାନ୍ତ୍ୱନା ମିଳି ଯାଇଛି,ମୃତ୍ୟୁ ମଧ୍ୟ ଆସିବ ଏବଂ ଚାଲିଯିବ। ଏହି କବିତାଟିର କଥାବସ୍ତୁ ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି,କରୋନା ଆସିଛି,କିଛିଦିନ ରହିବ ଏବଂ ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଦୈବୀଦୁର୍ବିପାକ ଏବଂ ମନୁଷ୍ୟ କୃତ ଆତଙ୍କବାଦ, ସବୁକିଛି ଛଡାଇ ନେଇଯାଇଛି ମନୁଷ୍ୟଠାରୁ। କିନ୍ତୁ ଛଡାଇ ନେଇ ପାରିନାହିଁ,ଦୁଇଗୋଟି ଜିନିଷ, ଯାହାକୁ ପାଥେୟ କରି,ପରାଜୟ ପରେ ମଧ୍ୟ ମନୁଷ୍ୟ ପୁଣି ଜୀବନ ସଂଗ୍ରାମର ରଣାଙ୍ଗନରେ ଅବତୀର୍ଣ ହେଉଛି।ତାହା ହେଉଛି ଆଶା ଏବଂ ଧୈର୍ଯ୍ୟ।

ଆଜି କରୋନା ମହାମାରୀ ପରି ବିପଦ ସମୟରେ,ବଂଚିବାର ଆଶାକୁ ଦୃଢୀଭୁତ କରି, ଧୈର୍ଯ୍ୟର ସହିତ ଏ ବିପଦ କୁ ମୁକାବିଲା କରିବାକୁ ପଡିବ।ସରକାରୀ ନିର୍ଦ୍ଦେଶନାମାନୁଯାୟୀ ସମାଜିକ ଦୁରତ୍ୱ,ମାସ୍କ ପରିଧାନ, ହସ୍ତ ପ୍ରକ୍ଷାଳନ ଏବଂ ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ନିମନ୍ତେ ସମସ୍ତ ପଦକ୍ଷେପକୁ ନିଷ୍ଠାର ସହିତ ପାଳନ କରିବା ଆବଶ୍ୟକ। ଏ ଅବସ୍ଥା ସବୁଦିନ ରହିବ ନାହିଁ।ଦୀର୍ଘଦିନର ଗୃହବନ୍ଦୀ ଜୀବନ ଆମ ପକ୍ଷରେ ଅତିଷ୍ଠ ହେଉଥିଲେ ମଧ୍ୟ,ଜୀବନ ରକ୍ଷା ଆଗରେ ଏହା ଗୌଣ।କାରଣ ସେଦିନ ସେହି ବୃଦ୍ଧ ଗଧଟି,ନିଜର ଭାରସାମ୍ୟ ହରାଇ ଭଙ୍ଗା କୂଅରେ ପଡିଯିବା ପରେ,ନିଜର ଜୀବନ ରକ୍ଷାପାଇଁ ଶେଷ ପର୍ଯ୍ୟନ୍ତ ଜାରି ରଖିଥିବା ପ୍ରଚେଷ୍ଟା ହିଁ ଆମ ପାଇଁ ଦୃଷ୍ଟାନ୍ତ। ମାଲିକ, ବୃଦ୍ଧ ଗଧଟି ତା ପାଇଁ ଆଉକିଛି କାର୍ଯ୍ୟ କରିପାରିବ ନାହିଁ ଉପଲବ୍ଧି କରି,ସାଙ୍ଗସାଥି ମାନଙ୍କୁ ଡାକି କୂଅଟିକୁ ପୋତିବା କାର୍ଯ୍ୟ ଆରମ୍ଭ କରିଦେଲା।ବୃଦ୍ଧ ଗଧଟି ପରିସ୍ଥିତିକୁ ଅନୁମାନ କରି,ବିକଳ ସ୍ୱରରେ ଚିତ୍କାର କରିବାକୁ ଆରମ୍ଭ କରିଦେଲା,କିନ୍ତୁ ତାହା ଥିଲା ନିଷ୍ଫଳ।ଟୋକେଇ ପରେ ଟୋକେଇ ମାଟି କୂଅ ଭିତରକୁ ପକାଗଲା।ଜୀବନରେ ବଂଚିବାର ମୋହ,ଗଧଟିକୁ ସକ୍ରିୟ କରାଇଦେଲା।ତା ଉପରେ ପକାଯାଉଥିବା ପ୍ରତ୍ୟେକ ମାଟି ଟୋକେଇକୁ ସେ ଝାଡିଝୁଡି ଦେଇ,ତା ଉପରକୁ ଉଠି ଯାଉଥିଲା।କ୍ରମେ କ୍ରମେ ମାଟି ଯେତେ ଅଧିକ ପକାଗଲା,ସେ ସେତିକି ଉପରକୁ ଉଠି,ସର୍ବ ଶେଷରେ ଜୀବନ ବଂଚାଇବାକୁ ସକ୍ଷମ ହୋଇପାରିଲା।ତେଣୁ,ପୃଥିବୀ ପୃଷ୍ଠରେ ବଂଚିବାକୁ ହେଲେ ଆବଶ୍ୟକ ସଂଗ୍ରାମ। କରୋନା ହାରିବ,ଓଡିଶା ଜିତିବ,ଭାରତ ଜିତିବ ଏବଂ ପୃଥିବୀ ଜିତିବ।ତଥ୍ୟାନୁଯାୟୀ କରୋନା ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ,ଅତ୍ୟଧିକ ଭୟଜନୀତ ହୃଦଘାତରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ବେଳେବେଳେ ଗଣମାଧ୍ୟମ ଗୁଡିକର ଅତିରଂଜିତ ପ୍ରଚାର, ଏ ଭୟ ସୃଷ୍ଟିର କାରଣ ହୋଇଥାଏ। ତେଣୁ ସାଂପ୍ରତିକ ପରିସ୍ଥିତିରେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରାଜନୈତିକ ବ୍ୟକ୍ତି ସର୍ବୋପରି ଗଣମାଧ୍ୟମ ଗୁଡିକ,ଲୋକମାନଙ୍କ ମନରୁ ଅହେତୁକ ଭୟ ଦୁରକରି,ସାହସ ସଂଚୟ ପାଇଁ ପ୍ରେରଣା ଦେବା ନିହାତି ଆବଶ୍ୟକ।ଆମ୍ଭେମାନେ ମଧ୍ୟ ସାମାଜିକ ଦୁରତା, ମାସ୍କ ପରିଧାନ,ହସ୍ତ ପ୍ରକ୍ଷାଳନ ପରି ସାଧାରଣ ପ୍ରତିଷେଧକ ବ୍ୟବସ୍ଥାକୁ ହେୟ ମନେକରି ଅଣଦେଖା କରିବା ଅନୁଚିତ୍। ପୃଥିବୀ ଏକ ରଙ୍ଗମଂଚ ଆଉ ଜୀବନ ଏକ ନାଟକ, ସେଥିରେ ମନୁଷ୍ୟ ଅଭିନେତା ଏବଂ ଈଶ୍ୱର ନିର୍ଦ୍ଦେଶକ, ।ଏ ପରିସ୍ଥିତି ସବୁଦିନ ରହିବ ନାହିଁ,ଏହା ମଧ୍ୟ ଚାଲିଯିବ।ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ଯାହା ହେବ ଦେଖାଯିବ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର, କଟକ*
*ମୋ-୬୩୭୧୫୯୩୨୨୦*

# ସରଳ ସମାଧାନ



ଅନିତା ପଟ୍ଟନାୟକ

ଦିନ ଗଡ଼ି ଗଡ଼ି ଯାଉଥାଏ। ବିଜ୍ଞାପନ ବଢ଼ି ବଢ଼ି ଚାଲିଥାଏ। ମଣିଷର ଚାହିଦା ଅନୁସାରେ ବିଜ୍ଞାପନର ଚାହିଦା ମଧ୍ୟ ଅଧିକ। ପ୍ରମୁଖ ଖବରକାଗଜ ଓ ଟେଲିଭିଜନର ଅଧା ସମୟ ଜଣକୁ ବିଜ୍ଞାପନ ଦେଖିବାରେ ଓ କାଟିବାରେ ସମୟ ବିତାଇବାକୁ ହୋଇଥାଏ। ସେଥିରେ ମଧ୍ୟ ମନଶାନ୍ତି ହୁଏନାହିଁ। ରାସ୍ତାଘାଟକୁ ବାହାରିବା ମାତ୍ରେ ବଡ଼ ବଡ଼ ବୋର୍ଡ଼ରେ ଦୋକାନ, ବିଭିନ୍ନ ଜିନିଷର ବିଜ୍ଞାପନ କିମ୍ବା ରାଜନୈତିକ ଦଳର ବିଜ୍ଞାପନରେ ଭର୍ତ୍ତି ହୋଇଥାଏ। ବୈରାଗୀ ତା ବାପା ମାଆଙ୍କର ଏକମାତ୍ର ସନ୍ତାନ ଥିଲା। ସେ ଅର୍ଥଶାସ୍ତ୍ର ପଢୁଥିଲେ ମଧ୍ୟ ଦାରିଦ୍ରତା କାହିଁକି ବଢୁଛି ଓ ତାର ସମାଧାନ କ'ଣ ? ତାହା ବୁଝିପାରୁନଥିଲା। ବିଜ୍ଞାପନ କାହିଁକି ଦିଆଯାଏ ଏପରି ତାର ମନରେ ଅନେକ ପ୍ରଶ୍ନ। ଜଣେ ବ୍ୟକ୍ତି ବିଜ୍ଞାପନରେ ଦିଆଯାଇଥିବା ଏତେ ଜିନିଷ କିଣିବ କିପରି ? ଦିନେ ବୈରାଗୀ ଅର୍ଥନୀତି ପଢ଼ାଉଥିବା ଶିକ୍ଷକଙ୍କୁ ପଚାରିବାରୁ ସେ ଦୁଇଟି ଶବ୍ଦ ବ୍ୟବହାର କରି ପକାଇଯାଇଥିଲେ। ସେ ଶବ୍ଦ ଦୁଇଟି ଥିଲା ରିଡ ଏବାଉଟ ଇଟିଙ୍ଗ ମାଇଣ୍ଡ। (କୁଣ୍ଠାଇ ହେଉଥିବା ମନକୁ ପଢ଼) ଓ କହିଥିଲେ ରିଚେସ୍ ହାଉ ଉଇଙ୍ଗସ (ଧନର ଡେଣା ଅଛି) ବୈରାଗୀ କିଛି ବୁଝି ନପାରି ଘରକୁ ଫେରିଲା।

ଘରକୁ ଆସି ବାପାଙ୍କୁ ପଚାରିଲା ବାପା ପୃଥିବୀରେ କେତେ ଜିନିଷ, କେତେ ବିଜ୍ଞାପନ ଦରଦାମ ବଢ଼ି ବଢ଼ି ଚାଲିଲାଣି। ପେଟ୍ରୋଲ, ଡିଜେଲର ଦର ବଢ଼ିଥିବାରୁ ସବୁ ରାଜନୈତିକ ଦଳ ଆନ୍ଦୋଳନ କରୁଛନ୍ତି ହେଲେ ଫଳଶୂନ। ବାପା କହିଲେ କାହିଁ ସୁନା ଦର ବଢ଼ିଲାବେଳେ ମିଠାଦର ବଢ଼ିଲାବେଳେ, ଇଲେକ୍ଟ୍ରିବିଲ ଅହେତୁକ ବୃଦ୍ଧି ହେଲାବେଳେ କେହି ତ ପାଟି କରୁନି। ତୁ ପୁରା ଅର୍ଥଶାସ୍ତ୍ର ପଢୁଛୁ। ପ୍ରକୃତରେ ଦରଦାମ ବୃଦ୍ଧି ହୁଏନାହିଁ ତୋର ଚାହିଦା ବଢ଼ିଛି। ତୋର ଯଦି କୌଣସି ଜିନିଷ ପ୍ରତି ଚାହିଦା ନାହିଁ ତେବେ ଦରଦାମ ବୃଦ୍ଧି ହୋଇଥିଲେ ମଧ୍ୟ ତୋର ଉପରେ କିଛି ପ୍ରଭାବ ପଡ଼େ ନାହିଁ। ସେଥିପାଇଁ ତ ତୋର ନାଁ ବୈରାଗୀ। ବୈରାଗୀ ସେହିଦିନ ବୁଝି ଯାଇଥିଲା ମନ କୁଣ୍ଠେଇ ହେବା ଓ ଧନର ଡେଣା ଅଛି ଏହାର ଅର୍ଥ କ'ଣ। ହେଲେ ଏତେ ବିଜ୍ଞାପନ କାହିଁକି ? ବାପାଙ୍କୁ ଡରି କିଛି ନପଚାରି ଆସି ତାର ମାଆଙ୍କୁ ପଚାରିଲା। ମାଆ ତୁମକୁ ବିଜ୍ଞାପନ ଭଲ ଲାଗେ ଦେଖିବାକୁ କି ? ମା କହିଲେ ହଁ। ବିଜ୍ଞାପନରୁ ଆମେ ଅନେକ ଜିନିଷ ବିଷୟରେ ଜାଣିପାରୁ। ଗୋଟିଏ ଜିନିଷର ଏତେଥର ବିଜ୍ଞାପନ କାହିଁକି ବାହାରେ ? ମା କହିଲେ ତୋପରି ବୈରାଗୀ ମୁଣ୍ଡରେ ସେ ସବୁ ପୁରାଇବା ପାଇଁ। ମୁଁ ତତେ ସାବୁନ ଆଣିବାକୁ କହିଲେ, ତୁ ଦୋକାନାରେ ଯାଇ ଲକ୍ସ ସାବୁନ ଦିଅ ବୋଲି କହିଥାଉ। ଝିଅ ବାହାଘରରେ ଟିଣ ଲୁହାର ଆଲମାରୀ ଦେଇଥିଲେ ମଧ୍ୟ ଝିଅକୁ ଗାଁ ଗହଳିରେ ଗଦରେଜ ଆଲମାରୀ ବୋଲି କହିଥାନ୍ତି। ଲୋକେ ସମସ୍ତ ସମ୍ବାଦପତ୍ରକୁ 'ସମାଜ' କହିଲେ ବୁଝନ୍ତି। ଆଜିକାଲି ସମ୍ବାଦ ବୋଲି ଏକ ଖବର କାଗଜ ବାହାରି ସମାଜ ନାଁଟିକୁ ଧୀରେ ଧୀରେ ବଦଳାଉଛି। ବୈରାଗୀ ପଚାରିଲା ରାସ୍ତାକଡ଼ରେ ବିଜ୍ଞାପନ କାହିଁକି ଦିଆଯାଉଛି ? ତା ଫଳରେ ଆମର ଲାଭ କ'ଣ ହେଉଛି ? ବାଦାମବାଡ଼ି ଛକରେ ବିଜ୍ଞାପନ ପାଇଁ ଯାଗା ନାହିଁ। ବୋଜ କହିଲେ ବିଜ୍ଞାପନତ ଲୋକଙ୍କ ମୁଣ୍ଡରେ ଜିନିଷଟିର ଚାହିଦା ବଢ଼ାଇବା ପାଇଁ ହୋଇଛି ହେଲେ ତୋ ଭଳିଆ ପିଲା ରାସ୍ତାରେ ଚାଲୁଥିବା ବେଳେ ଯାନବାହାନ ଚଳାଉଥିବା ବେଳେ ଦୁର୍ଘଟଣାର ଶିକାର ହୁଅନ୍ତି। ବୈରାଗୀ ପଚାରିଲା ସେଥିପାଇଁ କ'ଣ କିଛି ଆଇନ ନାହିଁ। ମାଆ କହିଲେ ହଁ ଆଇନ ଅଛି। ମୁଁ ପଢ଼ିଥିଲି ମହାମାନ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଜାତୀୟ ରାଜପଥ କଡ଼ରେ ବିଜ୍ଞାପନ ଦିଆଯାଇ ପାରିବନାହିଁ ଯଦି ଦିଆଯିବ ତାର ଦୂରତା ବିଷୟରେ କହିଥିଲେ ହେଲେ ପୁଅ ସେ ସବୁ ଶୁଣୁଛି କିଏ ? ଆଇନ ତା ବାଟରେ ଥାଏ। ଆମେ ଆମ ବାଟରେ ଥାଉ। ପାର୍ଲାମେଣ୍ଟରେ ବିଧାନ ସଭାରେ ଆଇନ ତିଆରି ହୁଏ। ଆଜି ପର୍ଯ୍ୟନ୍ତ କେତେ ଆଇନ ହେଲାଣି ସେ ସବୁ ଆଇନର ସଂଖ୍ୟା କେତେ କହିବା କଷ୍ଟକର। ଆମର ହାଇକୋର୍ଟ ଓ ସୁପ୍ରିମକୋର୍ଟ ଆଇନର ତର୍ଜମା କରିଥାନ୍ତି। ହେଲେ ତାକୁ ଜାଣୁଛି କିଏ ? ବା ଶିଖାଉଛି କିଏ ? ତେଣୁ ଆମ ଦେଶରେ ଯେଉଁ ଆଇନ ପ୍ରଣୟନ ହୁଏ ତାର ପ୍ରଚାର କରାନଯାଇ ଯାଦୁ ମଲମ, ଲକ୍ସ ସାବୁନ, ଗାଡ଼ିଘୋଡ଼ାର ପ୍ରଚାର କରାଯାଇଥାଏ। ଲୋକଙ୍କ ଭଲ ରାସ୍ତାଘାଟ ପାଇଁ ଟିକସ ଦିଅନ୍ତି ରାସ୍ତାଘାଟ ନ ସଜଡ଼ା ଯିବାରୁ ଖାଲଖମା ହୋଇଥାଏ କିନ୍ତୁ ଦୁର୍ଘଟଣା ହେଲେ ମଣିଷକୁ ଦାୟୀ କରି ବିଭିନ୍ନ ପ୍ରକାର ଟିକସ ଏ ପ୍ରତିବନ୍ଧନ ସୃଷ୍ଟି କରାଯାଏ। ଯଥା ଦୁଇଜଣ ହେଲମେଟ ପିନ୍ଧିବା, ପନ୍ଦର ବର୍ଷର ଗାଡ଼ି ହୋଇଗଲେ ତାକୁ ରାସ୍ତା ଉପରକୁ ନଆଣିବା ଇତ୍ୟାଦି ଇତ୍ୟାଦି। ଜାଇକା ଖୋଳିଲେ ରାସ୍ତାଘାଟ ନର୍ଦ୍ଦମା ପାଣିରେ ଭରିଲେ ସରକାରଙ୍କ କିଛି ଯାଏ ଆସେନା ହେଲେ ତୋର କ'ଣ ଗଲା ଯେ ? ତୋ ନାଁ ବୈରାଗୀ ଦେଇଥିଲି ତୁ ବିବେକାନନ୍ଦ ପରି ହେବୁ ବୋଲି। ଆମ ମୁଖ୍ୟମନ୍ତ୍ରୀଙ୍କୁ ଦେଖୁନୁ କେତେ ସରଳ। ତାଙ୍କର ଜୀବନଶୈଳୀ ସାଧାରଣ କିନ୍ତୁ ଚିନ୍ତାଧାରା ଖୁବ୍ ଉନ୍ନତ ତୁ ସେହିପରି ହେବୁ ଓ ସମସ୍ତଙ୍କ ମଧ୍ୟରେ ଭଲଗୁଣ ଦେଖିବାକୁ ଚେଷ୍ଟାକର। କାହାରି ନିନ୍ଦା କରନା, ତାଙ୍କପରି ଆଦର୍ଶ ହୁଅ।

*ଅବସରପ୍ରାପ୍ତ ପ୍ରଧାପିକା, ସଂସ୍କୃତ ବିଭାଗ,*
*ରଘୁନାଥଜୀଉ ମହାବିଦ୍ୟାଳୟ, ଗଣିଆ*
*ଦୂରଭାଷ : ୯୮୬୧୧୧୮୬୭୩*

# କରୋନା ଓ ପିଲାଙ୍କ ମଲ୍ଟି ସିଷ୍ଟମ ଇନ୍‌ଫ୍ଲାମେଟୋରି ସିଣ୍ଡ୍ରୋମ



ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ନିକଟରେ ରାଜଧାନୀର କିଛି ଶିଶୁ କରୋନାରେ ସଂକ୍ରମିତ ହେବା ପରେ ମଲ୍ଟି ସିଷ୍ଟମ୍ ଇନଫ୍ଲାମେଟୋରି ସିଣ୍ଡ୍ରୋମ ବା ଏମ୍‌ଆଇଏସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଏବେ ସମସ୍ତେ ଠିକ୍ ଅଛନ୍ତି। ତେବେ କରୋନାର ଦ୍ୱିତୀୟ ଲହର ପରେ ଶିଶୁଙ୍କ ଠାରେ ଏମ୍‌ଆଇଏସ୍ ଦେଖାଯାଉଛି। ୦-୧୮ ବର୍ଷ ବୟସର ସଂକ୍ରମିତ ପିଲାଙ୍କ ମଧ୍ୟରୁ ୮୦ ପ୍ରତିଶତଙ୍କ ଠାରେ କୌଣସି ଲକ୍ଷଣ ନାହିଁ। ୧୫ ପ୍ରତିଶତଙ୍କ ଠାରେ ସାମାନ୍ୟ ଲକ୍ଷଣ ଓ ବଳକା ୫ ପ୍ରତିଶତଙ୍କ ଠାରେ ଅଧିକ ଲକ୍ଷଣ ରହୁଛି। ସେହି ୫ ପ୍ରତିଶତ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ହସ୍ପିଟାଲରେ ଭର୍ତ୍ତି ହେଉଥିବା ପିଲାଙ୍କ ଭିତରୁ ୩ ପ୍ରତିଶତ ଅକ୍ସିଜେନ ସହାୟତାରେ ଠିକ୍ ହୋଇଯାଉଛନ୍ତି। ମାତ୍ର ୨ ପ୍ରତିଶତଙ୍କୁ ଆଇସିୟୁର ଆବଶ୍ୟକତା ପଡୁଛି। ତେଣୁ ଏସବୁ ଭିତରେ ବହୁତ କମ୍ ପିଲାଙ୍କୁ ଏମ୍‌ଆଇ ସିଣ୍ଡ୍ରୋମ ହୋଇପାରେ। କୋଭିଡ଼ରୁ ସୁସ୍ଥ ହେବାର ୪-୬ ସପ୍ତାହ ଭିତରେ ପିଲା ଏଥିରେ ଆକ୍ରାନ୍ତ ହେଉଛନ୍ତି। ଆଖି, ପାଟି, ପାଦ, ଲାଲ ପଡ଼ିଯିବା ସହ ପତଳା ଝାଡ଼ା, ବାନ୍ତି, ପେଟ ଯନ୍ତ୍ରଣା ବି ହୋଇଥାଏ। ଧୀରେ ଧୀରେ ଶରୀରର ସବୁ ଅଙ୍ଗକୁ ସଂକ୍ରମିତ କରିଥାଏ। ଫଳରେ ଶରୀରରେ ଏମ୍‌ଆଇଏସ୍ ହେବା ସହ ଶିଶୁଟି ଗୁରୁତର ହୋଇପଡ଼େ।


ଏମ୍‌ଆଇଏସ୍‌ରେ ଆକ୍ରାନ୍ତ ହେଉଥିବା ଶିଶୁଙ୍କୁ ଅକ୍ସିଜେନ୍, ଆଇଭି ଫ୍ଲୁଇଡ ଓ ସପୋର୍ଟିଭ୍ ଥେରାପି ଦିଆଯାଇଥାଏ। ଆବଶ୍ୟକ ପଡ଼ିଲେ ଦାମୀ ହାଇଡୋଜ୍ ଷ୍ଟେରୋଏଡ଼୍‌ର ଆବଶ୍ୟକତା ପଡ଼ିଥାଏ। ରାଜ୍ୟ ସରକାରଙ୍କ ନିକଟରେ ଏହା ମହଜୁଦ୍ ରହିଛି। ଶିଶୁକୁ ୨୪ ଘଣ୍ଟା ଅବଜରଭେସନରେ ରଖିବା ପରେ ଯଦି ଠିକ ନହୁଏ, ତାହାଲେ ଅନ୍ୟାନ୍ୟ ଔଷଧ ଦିଆଯିବ। ଏଥିପାଇଁ ଶିଶୁ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆସରିଛି। କରୋନାର ପ୍ରଥମ ଲହରରେ ପିଲାଙ୍କ ଭିତରେ ଏମ୍‌ଆଇଏସ୍ ଦେଖାଯାଇ ନଥିଲା। ହେଲେ ଦ୍ୱିତୀୟ ଲହରରେ ବହୁ ସଂଖ୍ୟାରେ ପିଲା ଏମ୍‌ଆଇ ସିଣ୍ଡ୍ରୋମର ଶିକାର ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଏମ୍‌ଆଇଏସ୍ ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେଇ ହସ୍ପିଟାଲରେ ତୁରନ୍ତ ଭର୍ତ୍ତି କରିବା ଦରକାର। ଫଳରେ ମୃତ୍ୟୁହାର କମିବ। ଜିଲ୍ଲା ସମେତ ସବୁ ହସ୍ପିଟାଲରେ ପିଲାଙ୍କ ପାଇଁ ଅକ୍ସିଜେନ୍ ସିଲିଣ୍ଡର ଓ ଶଯ୍ୟା ସଂଖ୍ୟା ବଢ଼ିଛି। ଆଇସିୟୁ ଓ ଏଚଡିୟୁ ପାଇଁ ବନ୍ଦୋବସ୍ତ ଚାଲିଛି। ଖୁବଶୀଘ୍ର ସବୁ ହସ୍ପିଟାଲରେ ଏହି ଚିକିତ୍ସା ସୁବିଧା ମିଳିବ।

କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଉଥିବାବେଳେ ତୃତୀୟ ଲହରକୁ ନେଇ ଚିନ୍ତା ବଢ଼ିଛି। ସେପ୍ଟେମ୍ବର କିମ୍ବା ଅକ୍ଟୋବର ବେଳକୁ ତୃତୀୟ ଲହର ଆସିପାରେ ବୋଲି ଆଶଙ୍କା କରି ରାଜ୍ୟ ସରକାର ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ ଏହି ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବା ସମ୍ଭାବନା ରହିଛି। ଶିଶୁଙ୍କ ଚିକିତ୍ସା ଅନ୍ୟ ରୋଗୀଙ୍କ ଠାରୁ ଭିନ୍ନ ଥିବାରୁ ଅଧିକ ଗୁରୁତ୍ୱ ଦିଆଯିବ। ସେପଟେ ଶିଶୁଙ୍କ ଠାରେ କରୋନା ଲକ୍ଷଣ ଦେଖାଦେଲେ କ'ଣ କରିବାକୁ ପଡ଼ିବ ? ଆପଣଙ୍କ ପିଲାଟି ତୀବ୍ର ଜ୍ୱରକୁ ସାମ୍ନାକରି ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରୁଛି କି, ହାଲ୍‌କା କାଶ, ଥକ୍କା ପଣ ଓ ପେଟ ଯନ୍ତ୍ରଣା ସହ ବାନ୍ତି ଲାଗୁଛି କି ? କେବଳ ସେତିକି ନୁହେଁ ତା ଚର୍ମ ପୋଡ଼ାଜଳା କରିବା ସହ ଆଖିଟି ନାଲି ପଡୁଛି କି, ତା ଚର୍ମର ରଙ୍ଗ ବଦଳିବା ସହ ପାଟି ଫୁଲି ଭୋଗ ଲାଗୁନାହିଁତ, ସ୍ୱାଦ ଚାଲିଯିବା ପରି ସେ ଅନୁଭବ କରୁଛି କି ? ତେବେ ଆପଣ ସତର୍କ ହୁଅନ୍ତୁ ଆପଣଙ୍କ ପିଲାଟି କରୋନା ଭୂତାଣୁର ଶିକାର ହୋଇନାହିଁ ତ ? କରୋନା ଭୂତାଣୁର ପ୍ରଥମ ଷ୍ଟ୍ରେନ୍ ଘାତକ ଥିଲା ସତ। କିନ୍ତୁ ଶିଶୁ ଏବଂ କିଶୋରଙ୍କୁ ଏହା ସେତେଟା ଆକ୍ରାନ୍ତ କରୁନଥିଲା। କାଁ ଭାଁ ସଂକ୍ରମିତ ହୋଇ ଶୀଘ୍ର ଆରୋଗ୍ୟ ଲାଭ କରୁଥିଲେ ଏମାନେ। ନିଜ ସନ୍ତାନଙ୍କ ସୁରକ୍ଷା ନେଇ ପିତାମାତାଙ୍କ ଚିନ୍ତା ନଥିଲା। ହେଲେ ସଦ୍ୟ ଷ୍ଟ୍ରେନଗୁଡ଼ିକ ଅତ୍ୟନ୍ତ ଘାତକ। ଶିଶୁଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହା ମାଡ଼ି ବସୁଛି। ସାମାନ୍ୟ ଫାଙ୍କା ଦେଖିଲେ ଏହା ଶରୀରରେ ପଶିଯାଇ ଦ୍ରୁତ ବିନାଶ ଘଟାଉଛି। ପୂର୍ବଠୁ ଅଧିକ ସଂକ୍ରାମକ ଓ ଘାତକ ସାଜିଛି ଏହି ନରହନ୍ତା ଭୂତାଣୁ। ଆମେରିକା, ବ୍ରାଜିଲ ଠାରୁ ଆରମ୍ଭ କରି ଭାରତରେ ଲକ୍ଷ ଲକ୍ଷ ଶିଶୁ ଓ କିଶୋର ଏହା ପଞ୍ଝାରେ ପଡ଼ିସାରିଲେଣି। ଅନେକେ ଆଖି ବୁଜିଲେଣି। ପରିସ୍ଥିତି ଏଭଳି ହେଉଛି ଯେ ମୃତ୍ୟୁ ଶଯ୍ୟାରେ ପଡ଼ିରହି ଶିଶୁଟି ନିଜ ବାପାମାଆଙ୍କୁ ନଦେଖି ଚିର ବିଦାୟ ନେଉଛି। ଏହି ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ପାଲଟିଛି। ଗୋଟିଏ କି ଦୁଇଟି ନୁହେଁ, ଏମିତି ଅନେକ ଘଟଣା ସାମ୍ନାକୁ ଆସୁଛି। ନୂଆ ଷ୍ଟ୍ରେନ୍‌ର ଏଭଳି କରାଳ ରୂପ ବିଶ୍ୱବାସୀଙ୍କୁ ଆତଙ୍କିତ କରିଛି। ଏଥର ନିଜ ସହ ପିଲାମାନଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

ପିଲା କରୋନା ଆକ୍ରାନ୍ତ ହୋଇଛି ବୋଲି ଜଣାପଡ଼ିବା ପରେ ଡାକ୍ତରଙ୍କ ପରାମର୍ଶ ବିନା ସେମାନଙ୍କୁ କୌଣସି ଆଣ୍ଟିଭାଇରାଲ ଔଷଧ, ଷ୍ଟେରଏଡ଼, ଆଣ୍ଟିବାୟୋଟିକ୍ ଆଦି ଦିଆଯିବା ଅନୁଚିତ। ସେମାନଙ୍କୁ ସବୁବେଳେ ମାସ୍କ ପିନ୍ଧିବାକୁ ଦେବା ଉଚିତ। ବାହାରକୁ ଖେଳିବାକୁ ଛାଡ଼ିବା ଉଚିତ ନୁହେଁ, ସପିଙ୍ଗ ମଲ୍ ଯିବା ଅନୁଚିତ। କରୋନା ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ । କୌଣସି ପରୀକ୍ଷା, ଥେରାପି ଅଥବା ମେଡ଼ିସିନ ଆଦି ଡାକ୍ତରଙ୍କ ପରାମର୍ଶ ବିନା ପ୍ରୟୋଗ ଅନୁଚିତ। ଆକ୍ରାନ୍ତ ପିଲାମାନଙ୍କୁ ଭିଟାମିନ ଡି ଦିଆଯାଇ ପାରିବ। ଆଜ୍‌ମା ଥିବା ପିଲାମାନେ କରୋନା ଆକ୍ରାନ୍ତ ହେଲେ ଅଧିକ ବିପଦ ସୃଷ୍ଟି ହେବ। ତେଣୁ କରୋନା କାଳରେ ଏମାନଙ୍କୁ ଅଧିକ ସୁରକ୍ଷା କବଚ ଲୋଡ଼ା। ଆଜ୍‌ମା ଥାଇ କରୋନା ଆକ୍ରାନ୍ତ ହେଲେ ଗୁରୁତର ଲକ୍ଷଣ ଦେଖାଦେବା ଆଶଙ୍କା ରହିଛି। ଶ୍ୱାସକ୍ରିୟା ସମସ୍ୟା ବି ଦେଖାଦେଇପାରେ। କିନ୍ତୁ ଆଜ୍‌ମା ଥିବା ପିଲାମାନେ କରୋନା ଦ୍ୱାରା ଅଧିକ ଆକ୍ରାନ୍ତ ବା ଗୁରୁତର ହେବା ନେଇ ସେମିତି ବଡ଼ ସଂକେତ ଦେଖିବାକୁ ମିଳିନାହିଁ। ଆଜ୍‌ମା ଥିବା ପିଲାଙ୍କ ଠାରେ କରୋନା ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତର ପରାମର୍ଶ ନେବା ସହ ଚିକିତ୍ସା ଆରମ୍ଭ କରିଦେବା ଆବଶ୍ୟକ। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ କ'ଣ କରାଯିବ, ତାହା ଡାକ୍ତରଙ୍କୁ ପଚାରି ଟିକିନିକି ବୁଝିନେବା ଜରୁରୀ। ବର୍ତ୍ତମାନ ସ୍ଥିତିରେ ପିଲାମାନେ ସହଜରେ କରୋନା କବଳରେ ପଡୁଛନ୍ତି। ତେଣୁ ସେମାନଙ୍କୁ ମହାମାରୀ ଠାରୁ ଦୂରରେ ରଖିପାରିଲେ ସେମାନେ ସୁରକ୍ଷିତ ରହିବେ। ପିଲାମାନେ ଅନ୍ୟ ଲୋକଙ୍କ ସହ ଅଧିକ ସମୟ ଧରି ସଂସ୍ପର୍ଶରେ ଆସିବା ଅନୁଚିତ। ତେଣୁ ଶାରୀରିକ ଦୂରତା ସବୁବେଳେ ପାଳନ ବିଧେୟ। ବାହାର ଲୋକଙ୍କ ଠାରୁ ସେମାନେ ୬ଫୁଟ ଦୂରତାର ରଖିବା ଆବଶ୍ୟକ। ସେହିପରି ପିଲାଟିକୁ ହାତ ସଫା ରଖିବା ଅଭ୍ୟାସ କରାନ୍ତୁ ଏହାସହ ବାଥରୁମ୍ ବ୍ୟବହାର ପରେ, ଛିଙ୍କିବା ଓ କାଶିବା ପରେ ଅଥବା ନାକ ପୋଛିବା ପରେ ହାତକୁ ଭଲ ଭାବେ ଧୋଇବା ଆବଶ୍ୟକ। ହ୍ୟାଣ୍ଡ ସାନିଟାଇଜର ବ୍ୟବହାର ଶିକ୍ଷା ଦେବା ସହ ପିଲାମାନଙ୍କୁ ମନସ୍ତାତ୍ତ୍ୱିକ ଭାବରେ ପ୍ରେରଣା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି କରୋନା ରାକ୍ଷସକୁ ହରାଇ ଦେବାକୁ ସମର୍ଥ ହେବ।

*ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ*
*ଦୂରଭାଷ : ୯୪୩୭୧୨୪୦୭୪*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୁରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୩୬

# ବେଳ ଭଲ ନାହିଁ

ନଇଁ ଆସୁଥିଲା ସଞ୍ଜ। ପୁତୁରା ବୋହୂଟି ସଞ୍ଜବତୀଟିଏ ନେଇ ଚଉଁରା ମୂଳରେ ଜଳାଇଲା। ଦୂରରୁ ଭାସି ଆସିଲା ଶଙ୍ଖ ଓ ଘଣ୍ଟ ଧ୍ୱନି। ବୋଧହୁଏ ଗାଆଁ ଠାକୁରାଣୀଙ୍କର ଆଳତି ହେଲା। ହାତ ଯୋଡିଲେ ସୁଦର୍ଶନ ବାବୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ। ନାତୁଣୀଟି ମେଲା ଘରେ ଗୋଟେ ଲଣ୍ଠନ ଲଗାଇ ଥୋଇଲା। ସୁଦର୍ଶନ ବାବୁ ପଚାରିଲେ - କ'ଣ କରେଣ୍ଟ ନାହିଁକି?

ନାହିଁ ଜେଜେ।

କେତେବେଳେ ଆସିବ?

କିଏ ଜାଣେ, ଏଠି ତ ରାତି ରାତି ଧରି କରେଣ୍ଟ ଆସେନା।

ସୁଦର୍ଶନ ବାବୁଙ୍କୁ ଲାଗିଲା ଯେମିତି ଏକ ଭୟଙ୍କର ଅନ୍ଧାର ଘୋଟି ଆସିଛି ଗାଆଁ ଉପରେ।

ଅନ୍ଧାରର ଛାତି ଚିରି ମୋଟର ସାଇକେଲ୍‌ର ଲାଇଟ୍ ପଡିଲା ଗାଆଁ ଦାଣ୍ଡରେ। ଦେଖୁ ଦେଖୁ ଗାଡିଟି ଘର ଆଗରେ। ପୁତୁରା ବୋଧେ କୁଆଡେ ଯାଇଥିଲା ଫେରିଲା। ସେ ଘର ଭିତରକୁ ମଟରସାଇକେଲ୍‌ଟି ପୂରାଇ କହିଲା- ବଡ ବାବା, ତମେ କ'ଣ ସେ ମାଧବୋ ଡାକିଥିବା ନିଶାପକୁ ଯିବକି?

କାହିଁକି କ'ଣ ହେଲାକି?

ନାଇଁ ନାଇଁ, ତମେ ସେଠିକୁ ଯାଅନା, ସେଠିକୁ କ'ଣ କିଏ ଭଦ୍ରଲୋକ ଯାଏ?

ତୁ ଏମିତି କଥା କାହିଁକି ଭାବୁଛୁ?

ମୁଁ ଆସିଲା ବେଳେ ଗାଆଁ ମୁଣ୍ଡରେ ଶୁଣିଲି ତ ଏକଥା, ସେଥିପାଇଁ କହୁଛି।

ସେଠାକୁ ଗଲେ କ'ଣ ଅସୁବିଧା ହେବ ବୋଲି ତୁ ଭାବୁଛୁ?

ନା-କୌଣସି ଅସୁବିଧା କଥା ମୁଁ ଭାବୁନାହିଁ, କାହାର ବି ସେ ଦମ୍ ନାହିଁ, ତମକୁ ଅସୁବିଧାରେ ପକାଇବ। ହେଲେ ତମର ଯେଉଁ ସମ୍ମାନ ଅଛି, ସେଠିକି ଗଲେ ତାହା କ୍ଷୁର୍ଣ୍ଣ ହେବ।

ତେବେ ତୁ କହୁଛୁ ମୁଁ ସେଠାକୁ ନଯାଏ?

ମୁଁ ଭାବୁଛି ନ ଗଲେ ଭଲ ହେବ କାରଣ ତମେ ସେମିତିକା ପରିବେଶରେ ଏକୁଟିଆ ହୋଇଯିବ। ତା'ପରେ ସେଠି ପିଇ କରି ସବୁ ବସିଥିବ, କାହାରି ପାଟିରେ ବାଡବତା ରହିବ ନାହିଁ।

ହଉ ମୁଁ ଯିବି ନାହିଁ, ହେଲେ ଏ ସମସ୍ୟା କ'ଣ ଏମିତି ଲାଗି ରହିବା ଉଚିତ୍?

ନା, କ୍ଷୀର ଫୁଟିଲାଣି, ସେ ଉତୁରିବ। ଉତୁରିଲେ ଚୁଲିଲେ ତ ପଶିବ ନିଶ୍ଚୟ।

ହେଲେ କିଏ ତାକୁ ଉତରାଇ ଚୁଲିଲେ ପୂରାଇବ? ଏ ଅନ୍ୟାୟର ପ୍ରତିରୋଧ ପାଇଁ କିଛି ଯୁବକ ବାହାରିଲେଣି। ଗୋଟିଏ ଯୁବକ ସଂଘ ବି ତିଆରି ହୋଇଛି। ଆମେ ଆମର ଶକ୍ତି ସଂଗ୍ରହ କରୁଛୁ। ଚାଲିଥିବା ଅନ୍ୟାୟକୁ ସବୁ ସ୍ତରରୁ ପ୍ରତିରୋଧ କରାଯିବ।

ତମ ଯୁବକ ସଂଘର ନାଆଁ - ପ୍ରଗତି ଯୁବକ ସଂଘ ନା?

ହଁ -

ତମେ କେମିତି ଜାଣିଲ?

ସେମାନେ ଆଜି ଆସିଥିଲେ ମୋ ପାଖକୁ।

କ'ଣ ପାଇଁ?

କଲେଜ ସେକ୍ରେଟାରୀ କରିବା ପାଇଁ।

ତା'ହେଲେ ସେମାନେ ଆସି ପହଞ୍ଚି ସାରିଲେଣି ଏଠି?

ତମେ ରାଜି ହେଲ?

ନା - ନିଷ୍ପତ୍ତି ଜଣାଇ ନାହିଁ।

କ'ଣ ନିଷ୍ପତ୍ତି ନେବେ ବୋଲି ଭାବୁଛ?

ତୁ ତାଙ୍କୁ କହି ଦେ, ମୁଁ ରାଜି। ଗଙ୍ଗା ସଫେଇର କାର୍ଯ୍ୟକ୍ରମ ଏଇଠୁ ଆରମ୍ଭ କରିବାକୁ ପଡିବ।

ତେବେ ତମେ ମାଧବୋଉ ଡାକିଥିବା ନିଶାପକୁ ଯାଅ। ମୁଁ ବି ଆମ କ୍ଲବର ପିଲାମାନଙ୍କୁ ଡାକି ସେଠାରେ ପହଞ୍ଚିବି। ଯଦି ଭଲରେ ହୋଇଗଲା ତ ଭଲ, ନହେଲେ ଭେଲ ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ।

ସୁଦର୍ଶନ ବାବୁଙ୍କ ମୁଣ୍ଡରୁ ଓହ୍ଲାଇଗଲା ଗୋଟେ ବିରାଟ ବୋଝ - ପ୍ରତିଶ୍ରୁତି ଦେଇ ନଯାଇ ପାରିବାର ଗ୍ଲାନି।

ହଠାତ୍ ଆସିଗଲା କରେଣ୍ଟ, ଘର ଭିତରୁ ନାତୁଣୀଟି ତାଳି ମାରିଲା- ଆସିଗଲା, ଆସିଗଲା।

ବାହାରୁ ଥାଇ ସୁଦର୍ଶନ ବାବୁ ପଚାରିଲେ - କ'ଣ ଆସିଗଲା କିରେ?

ଜେଜେ-ଆଲୁଅ ଆସିଗଲା।

ହଉ ମାଆ- ମୁଁ ଚାଲିଲି ସେହି ଆଲୋକ ଉତ୍ସର ସନ୍ଧାନରେ। କହି ସୁଦର୍ଶନ ବାବୁ ବାହାରି ପଡିଲେ ନିଶାପ ଜାଗାକୁ।

**– ଛଅ –**

ସେଦିନ ବରଗଡ ମୂଳ ମଣ୍ଡପରେ ଜମି ଯାଇଥିଲା ଭିଡ। ବୁଢ଼ା ତିନିଟାଙ୍କ ଆଖଡା ଜାଗା କହି ବାଟ ବାଆଁରେଇ ଚାଲି ଯାଉଥିବା କିଛି ମଧ୍ୟବୟସ୍କ ବି ଆସି ଆସ୍ଥାନ ଜମାଇଥିଲେ ସେଠାରେ। ଗୋଲେଖ ବାବୁ ସେଠାରେ ପହଞ୍ଚିବା ବେଳକୁ ମଣ୍ଡପ ଫୁଲ୍।

(କ୍ରମଶଃ)


## ବିଶେଷ କବିତା

# କମିଜ

**ମୂଳ ହିନ୍ଦୀ : ସ୍ୱପ୍ନିଳ ଶ୍ରୀବାସ୍ତବ**

**ଅନୁବାଦ: ଇପ୍ସିତା ଷଡ଼ଙ୍ଗୀ**





ଆଜି ଆଲମାରୀ ରୁ
ତୁମ ପସନ୍ଦର କମିଜ୍ କାଢିଲି
ପିନ୍ଧିବାକୁ

ହେଲେ, ଏ କ'ଣ
ତା'ର ଯେ ସବୁ ବୋତାମ ଛିଣ୍ଡି ଯାଇଛି

କେଜାଣି କୋଉଠି ତମେ
ରଖିଦେଇ ଯାଇଛ
ମୋ ଜୀବନର ଛୁଞ୍ଚି ସୂତା

ବୋତାମ ନଥିବା କମିଜ
ଦାନ୍ତ ନଥିବା ମଣିଷ ଯେମିତି

ମୁଁ କୋଉ ବଜାରକୁ ଯିବି ଯେ
କିଏ ବା ମତେ ଶିଖେଇ ଦେବ
କମିଜରେ ବୋତାମ ଲଗାଇ ଦେବାର କଳା
ଛାଡ଼
ସେମିତି ହିଁ ପିନ୍ଧି ନେଉଛି ଯାକୁ
ଯେମିତି ପିନ୍ଧି ନେଇଛି
ତୁମେ ନଥିବାର ଦୁଃଖକୁ

ଫ୍ଲାଟ୍ ନଂ ୩୦୩, ବ୍ଲକ - ଏ
ପଣ୍ଡା ରେସିଡେନ୍ସି ସତ୍ୟଭାମାପୁର
(ବିଜେଇଏମ୍ ସ୍କୁଲ -୨ ପାଖ) ଭୁବନେଶ୍ୱର
ପିନ୍ ୭୫୨୧୦୦
ଫୋନ୍- ୯୯୩୮୩୭୦୨୮୯

# ଅପେକ୍ଷା ସେ ବାସ୍ନାର



**ଅନୀତା ପାଣି**

ହାତରେ କିଛି ଶୁଭ୍ର ସଜଫୁଲ
ଆଉ ରକ୍ତ ରଙ୍ଗର ଗୋଲାପ
ଅପେକ୍ଷା କେବେ ଫିଟିବ ସିନ୍ଦୁରା
ଚହଟିବ ତୁମ ବାସ୍ନା ,
ସେ ବାସ୍ନାରେ ବିଭୋର ହେବି ମୁଁ।

ଚଢେଇ ଛୁଆର ଚିଇଁ ଚିଇଁ ରାବରେ
କୋଳାହଳ ଗଛର କୋରଡ,
ଡେଣା ଝାଡିଲାଣି ମାଆ ପକ୍ଷୀ
ଉଡିଯିବ ପାଖ ଜମିକୁ
ଦାନା କିଛି ଖୁଣ୍ଟି ଆଣିବ ଚଞ୍ଚୁରେ
ତା ଭିତରେ ଗୋଟେ ବାସ୍ନାରେ ବିଭୋର ସେ।
ବୁଝେନା ସେ ବାସ୍ନା ଆସେ କେଉଁଠୁ ?
ତା ଛୁଆ ମୁହଁରେ ଫୁଟି ଥିବା ଶୁଭ୍ର ହସରେ
ନା ପାଳଭୁତ ସହ ସଂଘର୍ଷ କରି
ପାଇଥିବା ଦାନା ଚଞ୍ଚୁରେ।
ହୃଦୟ ଆଘାତରେ ରକ୍ତ ଝରୁଥିଲା
ହେଲେ ମାଆ ପକ୍ଷୀ
ବାସ୍ନାରେ ବିଭୋର ଥିଲା।

ପକ୍ଷୀ ଯାଇଛି ଯେ ଯାଇଛି
ଫେରିନି ନିଡକୁ,
ପକ୍ଷିଣୀ ବସାରେ ବସିଛି
ବିନିଦ୍ର ନୟନେ।
ସକାଳୁ ସଞ୍ଜ ହେଲା,ରାତି ହେଲା
ଫେରିନି ପକ୍ଷୀ,
ଖବର ନାହିଁ, ହେଲେ ଗୋଟେ
ବାସ୍ନାରେ ବିଭୋର।
ନଇଁ ପଡୁନି ଅଖିପତା,ଚାହିଁଛି ଯେ ଚାହିଁଛି
ଫେରିବ ନିଶ୍ଚୟ,
ଅପେକ୍ଷାର ବାସ୍ନାରେ ବିଭୋର ଥିଲା
ହେଲେ ସେ ବାସ୍ନା ଆସୁଛି କେଉଁଠୁ?

*ସାଉଥ ବଲଣ୍ଡା*

## ପିଲାଙ୍କ ଦୁନିଆ





**ସାଇସ୍ୱରୂପ ପଣ୍ଡା**
ଷ୍ଟାଣ୍ଡାର୍ଡ - ୨
ସେଣ୍ଟ ଜାଭିୟର ସ୍କୁଲ,
ମାର୍କୋଣା, ବାଲେଶ୍ୱର

# ଅଦୃଷ୍ଟ ସମ୍ପର୍କ

**ସୁଧାଂଶୁ ଶେଖର ଦ୍ୱିବେଦୀ**





ପ୍ରଫେସର ଆଶୁତୋଷ ଦତ୍ତ ବିଛଣାରୁ ଉଠିବା ମାତ୍ରେ ଛାତି ରେ ଯନ୍ତ୍ରଣା ଅନୁଭବ କଲେ। ମନେ ମନେ ଶଙ୍କିତ ହୋଇ ଭାବିଲେ,ହାର୍ଟ ଡିଜିଜ ହୋଇନାହିଁ ତ? ମନର ଭାବନାକୁ ମନ ଭିତରେ ରଖି ଧିରେ ଧିରେ ଡ୍ରଇଂ ରୁମକୁ ଆସିଲେ।ସକାଳୁ ସକାଳୁ ପୁରା ପରିବାର ମୋବାଇଲରେ ବ୍ୟସ୍ତ ଥାଆନ୍ତି। ନିଜ ପତ୍ନୀଙ୍କୁ ଡାକି କହିଲେ,ମୋ ଛାତିରେ ଆଜି ପୂର୍ବଦିନ ଅପେକ୍ଷା ଅଧିକ ଯନ୍ତ୍ରଣା ହେଉଛି।ମୁଁ ଯାଉଛି ଡ଼କ୍ଟରଙ୍କୁ ଦେଖାକରି ଆସେ।

ହଉ ଯାଅ, ହେଲେ ସ୍ୱାଧାନରେ ଯିବ। ବେଶୀ ପ୍ରବ୍ଲେମ ହେଲେ ଫୋନ କରିବ। ମୋବାଇଲରେ ଆଖି ପୁରେଇ ପତ୍ନୀ ଜବାବ ଦେଲେ। ପ୍ରଫେସର ଦତ୍ତ ଏକ୍ଟିଭାର ଚାବିକାଠି ଧରି ପାର୍କିଙ୍ଗ ପ୍ଲେସରେ ପହଞ୍ଚିଗଲେ।ଏକ୍ଟିଭାର ଚାବି ଖୋଲି କିକ ମାରି ଷ୍ଟାର୍ଟ କରି ବାକୁ ଲାଗିଲେ ହେଲେ ଆଦୌ ଷ୍ଟାର୍ଟ ହେଉନଥାଏ।ପୁଣି

ଥରେ ପ୍ରୟାସ କେଲେ।ବହୁବାର ପ୍ରୟାସ କରିବାପରେ ବି ଅସଫଳ ହେଉଥାଆନ୍ତି।ପରିଶ୍ରମ ଓ ମାନସିକ ଚାପ ହେତୁ ତାଙ୍କ ଦେହରୁ ଗମ ଗମ ଝାଳ ବହିଯାଉଥାଏ।ଠିକ ସେତିକି ବେଳେ ତାଙ୍କ ଘରେ କାମ କରୁଥିବା ବନମାଳୀ ସାଇକେଲ ଚଳେଇ ପହଞ୍ଚିଗଲା।ସାଇକେଲରେ ଚାବି ପକାଇବାବେଳେ ଦତ୍ତ ବାବୁଙ୍କୁ ଦେଖି ପଚାରିଲା,କଣହେଲା ବାବୁ! ଗାଡି ଷ୍ଟାର୍ଟ ଧରୁନିକି? ଆରେ ହସ୍ପିଟାଲ ଯାଇଥାଆନ୍ତି ସେଇବେଳୁ ଷ୍ଟାର୍ଟ କରୁଛି ଯେ ବିଲକୁଲ ଷ୍ଟାର୍ଟ ହେଉନି।ଦତ୍ତ ବାବୁ କହିଲେ। ଆପଣଙ୍କ ଦେହ ବୋଧହୁଏ ଭଲନାହିଁ ବାବୁ।ଝାଳରେ ପୁରା ଭିଜିଗଲେଣି।ଛାଡ଼ନ୍ତୁ ମୁଁ ଷ୍ଟାର୍ଟ କରିଦେଉଛି।ବନମାଳୀ ଗୋଟେ କିକରେ ଷ୍ଟାର୍ଟ କରି ପଚାରିଲା,ଆପଣ କଣ ଏକା ଯିବେ ବାବୁ? ହୁଁ-ଦତ୍ତ ବାବୁଙ୍କ ମୁହଁରୁ ଛୋଟିଆ ହୁଁ ଶୁଣି ପୁଣି ବନମାଳୀ କହିଲା,ନା ବାବୁ ଏଭଳି ସ୍ଥିତିରେ ଏକା କୋଉଠିକୁ ଯାଆନ୍ତି ନାହିଁ।ଆପଣ ପଛରେ ବସନ୍ତୁ ମୁଁ ଆପଣଙ୍କୁ ହସ୍ପିଟାଲ ନେଇ ଯିବି। କିଛି ସମୟ ମଧ୍ୟରେ ଦୁହେଁ ନିକଟସ୍ଥ ଏକ ହସ୍ପିଟାଲରେ ପହଞ୍ଚି ଗଲେ। ନମାଳୀ ଦୌଡିଯାଇ ହସ୍ପିଟାଲ ଭିତରୁ ଏକ ହ୍ୱିଲ ଚେୟାର ନେଇଆସି କହିଲା,ବାବୁ ଏଇ ହ୍ୱିଲ ଚେୟାରରେ ବସିଯାଆନ୍ତୁ।ମୁଁ ଆପଣଙ୍କୁ ଡାକ୍ତରଙ୍କ ପାଖକୁ ନେଇଯିବି।ଏବେ ଚାଲି ଚାଲି ଯିବା ଆପଣଙ୍କ ପାଇଁ ଠିକ ନୁହେଁ।

ତାପରେ ବନମାଳୀ ଦତ୍ତ ବାବୁଙ୍କୁ ହ୍ୱିଲ ଚେୟାରରେ ବସେଇ ଲିଫ୍ଟ ଯୋଗେ ଡାକ୍ତରଙ୍କ ଚେମ୍ବରକୁ ନେଇଗଲା।ହାର୍ଟ ସର୍ଜନ ଦତ୍ତ ବାବୁଙ୍କର କିଛି ଅତ୍ୟାବଶକ ଟେଷ୍ଟ କରିସାରି କହିଲେ, ଆପଣ ଠିକ ସମୟରେ ପହଞ୍ଚି ଯାଇଛନ୍ତି ସାର।ଆଉ କିଛି ସମୟ ବିଳମ୍ବ କରିଥିଲେ ହୁଏତ....।ଯଥାଶୀଘ୍ର ହାର୍ଟ ଅପରେସନ କରି ବ୍ଲକେଜକୁ ଠିକ କରିବାକୁ ହେବ।ଫର୍ମ ନିଅନ୍ତୁ ଏଥିରେ ଆପଣଙ୍କ ରିଲେଟିଭଙ୍କ ସିଗନେଚର ଆବ ଶ୍ୟକ।

ଦତ୍ତବାବୁ ଆଉ କାଳବିଳମ୍ବ ନକରି ବନମାଳୀକୁ ପଚାରିଲେ, ଆରେ ବନମାଳୀ ତୋତେ ସିଗନେଚର କରିଆସେ?

ବନମାଳୀ ସଙ୍କୁଚିତ ହୋଇ କହିଲା,ନା ବାବୁ ଏତେବଡ଼ ଦାୟିତ୍ୱ ମୋ ଉପରେ ଲଦି ଦିଅନ୍ତୁନାହିଁ। ଦତ୍ତ ବାବୁ ନିଜ ନିଷ୍ପତ୍ତିରେ ଅଟଳ ରହି କହିଲେ,ଦେଖ ବନ ମାଳୀ ତୋ ଉପରେ ମୁଁ କିଛି ଦାୟିତ୍ୱ ଲଦି ଦେଉନାହିଁ। ଘର ଲୋକମାନେ ଏଠାରେ ଆସି ପହଞ୍ଚିବାକୁ ଲେଟ ହେବ।ତାଛଡା ମୁଁ ତୋତେ କିଛି କହିବା ପୂର୍ବରୁ ତୁ ତୋ ଦାୟିତ୍ୱ ମୋପ୍ରତି ପୁରା କରିଛୁ।ପ୍ରକୃତରେ ଏସବୁ ଦାୟିତ୍ୱର ହକଦାର ମୋ ପରିବାର ଲୋକ।କିନ୍ତୁ ତୁ ତ ଦେଖୁଛୁ ସେମାନେ ଜଣେ ହେଲେ କହି ଏଠାରେ ଉପସ୍ଥିତ ନାହାନ୍ତି।ମୁଁ ନିରୁପାୟ ବନମାଳୀ।ପ୍ଲିଜ ଦସ୍ତଖତ କରିଦେ।ମୁଁ ତୋ ଦସ୍ତଖତ ତଳେ ଲେଖିଦେବି ଯଦି ମୋର କିଛି ହୋଇଯାଏ ତାହେଲେ ତାହା ମୋ ଉପରେ ନ୍ୟସ୍ତ ହେବ।ଦତ୍ତ ବାବୁଙ୍କ ଅନୁରୋଧରେ ବନମାଳୀ ଫର୍ମରେ ଦସ୍ତଖତ କଲା। ଠିକ ସେଇବେଳେ ତା ମୋବାଇଲର ଘଣ୍ଟି ବାଜିଉଠିଲା।ଫୋନ ରିସିଭ କରି କିଛି ସମୟ ଶୁଣିବାପରେ କହିଲା, ମାଡାମ! ଆପଣଙ୍କୁ ମୋ ଦରମା କାଟିବାର ଅଛି ତ କାଟି ଦିଅନ୍ତୁ।କିନ୍ତୁ ବାବୁଙ୍କର ହାର୍ଟ ଅପରେସନ ହେବା ପୂର୍ବରୁ ହସ୍ପିଟାଲରେ ପହଞ୍ଚି ଯାଆନ୍ତୁ।ମୁଁ ବାବୁଙ୍କୁ ହସ୍ପିଟାଲ ନେଇ ଆସିଛି।ଅପରେସନ ପାଇଁ ଡାକ୍ତର ବାବୁ ସବୁ ପ୍ରସ୍ତୁତି କରି ସାରିଲେଣି।

ଘରୁ ଫୋନ ଆସିଥିଲା ବନମାଳୀ? ଦତ୍ତ ବାବୁ ପଚାରିଲେ। ହଁ ବାବୁ। ବନମାଳୀ ଜଣାଇଲା। ଅପରେସନ ପାଇଁ ସବୁପ୍ରକାର ପ୍ରସ୍ତୁତି ସାରିଥାଏ। ଡାକ୍ତର ଦତ୍ତ ବାବୁଙ୍କୁ ଆଇ.ସି.ୟୁ ରୁମକୁ ନେଇଗଲେ।ଦୀର୍ଘ ୩ ଘଣ୍ଟା ପରେ ଅପରେସନ ସରିଲା। ଦତ୍ତ ବାବୁ ହୋସରେ ଆସି ଦେଖିଲେ ପୁରା ପରିବାର ତାଙ୍କ ସମ୍ମୁଖରେ ନତମସ୍ତକ ହୋଇ ଛିଡା ହୋଇଛନ୍ତି।କିନ୍ତୁ ବନମାଳୀର ଦେଖାନାହିଁ। ସେ ରୁଦ୍ଧର କଣ୍ଠରେ ପଚାରିଲେ,ଆରେ ବନମାଳୀ କାହିଁ? ସହସା ତାଙ୍କ ପତ୍ନୀ କହିଲେ,ସେ ଏଇ କିଛି ସମୟ ପୂର୍ବରୁ ଛୁଟି ନେଇ ଗାଁକୁ ପଳାଇଲା।କହୁଥିଲା ତା ବାପା କୁଆଡେ ହାର୍ଟ ଏଟାକରେ ଚାଲିଗଲେ।

ପ୍ରଫେସର ଦତ୍ତ ଛଳ ଛଳ ଆଖିରେ ଭଗବାନଙ୍କୁ ଜଣାଇ କହିଲେ,ହେ ପ୍ରଭୁ!ତୁମର ଏ କି ଲୀଳା?ମୋତେ ବଞ୍ଚେଇଦେଲ ଅଥଚ ତା ବାପାକୁ ନେଇଗଲ।

ଡାକ୍ତର ଆସି ପଚାରିଲେ,ସାର ବନମାଳୀ ଆପଣଙ୍କର କଣ ହୁଅନ୍ତି?ସେ ତ କାହିଁ ଏଠି ଉପସ୍ଥିତ ନାହାନ୍ତି।

ଦତ୍ତ ବାବୁ କହିଲେ,ଡକ୍ଟର!କିଛି ସମ୍ପର୍କ ଏମିତି ଆପେ ଆପେ ଯୋଡିଯାଏ ଯାହାର ଗଭୀରତାକୁ ମାପିବା ଅସାଧ।କିନ୍ତୁ କିଛି ସମ୍ପର୍କ ଆପଣାର ହୋଇ ମଧ୍ୟ ପର ଭଳି ବ୍ୟବହାରରେ ଅତିଷ୍ଟ ହେବାକୁ ପଡେ।ମୁଁ ଏତିକି କହିବି ଗୋଟେ ଅଦୃଷ୍ଟ ସମ୍ପର୍କର ମୋହରେ ମୋହିତ କରି ମୋପାଇଁ ସେ ଯେଉଁ ଏତେବଡ଼ କାର୍ଯ୍ୟ କରିଗଲା ହୁଏତ ଆପଣମାନଙ୍କ ପାଇଁ ସେ ଆଉକେହି ହୋଇପାରେ ହେଲେ ମୋପାଇଁ ଈଶ୍ୱର ବ୍ୟତୀତ ଆଉକେହି ନୁହେଁ।

*ବିସି-୭୪,ସଲଟ ଲେକ,କଲକତା-୬୪*
*ମୋ-୯୬୮୧୩୭୩୫୧୨*

# କବିତାର କଥା

(ଭାଗ-୩୭)



**ଉମାକାନ୍ତ ରାଉତ**



# ନୁହେଁ ଏହା ଜଳିଯିବା ପାଇଁ

ପୂର୍ବ ଭାଗରେ ଅଙ୍ଗୀକାର କରିଥିବା ଦାୟିତ୍ୱ ଅନୁଯାୟୀ "ବାଜିରାଉତ"ର ମାର୍ମିକ ସ୍ପର୍ଶକୁ ଏବଂ ତା'ର କାବ୍ୟିକ ସଂବେଦନାକୁ ଟିକେ ଟିକେ ଅନୁରଣିତ କରିବାର ଯଥାସାଧ୍ୟ ପ୍ରୟାସ କରିବା ହିଁ ଏହି ଆଲେଖର ଉଦ୍ଦେଶ୍ୟ।

୧୯୩୯ ମସିହାରେ ବୈପ୍ଲବିକ କାବ୍ୟ "ବାଜିରାଉତ"ର ଅଗ୍ନିଗର୍ଭା ବାଣୀ ଓଡ଼ିଶାର ଯୁବମାନସରେ ଆଣିଦେଲା ବୈପ୍ଲବିକ ଅନୁପ୍ରେରଣା। ତାଙ୍କ କବିତାର ନାୟକ ନଥିଲେ କୌଣସି ବିଖ୍ୟାତ ସେନାପତି, ଜନନାୟକ କିମ୍ବା ଜମିଦାର। ତାଙ୍କ କବିତାର ପ୍ରଧାନ ଉପଜୀବ୍ୟ ଥିଲା ବାରବର୍ଷର ଏକ ଛୋଟ ନାଉରୀ ବାଳକ ଯାହାର ନାମ "ବାଜି ରାଉତ"। ତାଙ୍କର କାବ୍ୟ କରିସ୍ମା ବାର ବର୍ଷର ସେଇ ଅବୋଧ ବାଳକକୁ ସଜେଇ ଦେଲା ଏକ ବିରାଟ ଅନୁଷ୍ଠାନରେ, ଯେଉଁଠୁ ଯୁଗ ଯୁଗ ଧରି ପ୍ରେରଣା ପାଇ ଚାଲିଲା ଗୋଟେ ଜାତି। ତାଙ୍କର ବୈପ୍ଲବିକ ଅନୁଚିନ୍ତା ଓ ସାର୍ଥକ ପରୀକ୍ଷା ସମକାଳୀନ ଓ ଏଯାଏଁ ପ୍ରମୁଖ କବିମାନଙ୍କୁ ଅନେକାଂଶରେ ପ୍ରଭାବିତ କରୁଥିବାରୁ ତାଙ୍କୁ କବିଙ୍କର କବି ମହାକବି ନକହି ଆଉ କ'ଣ କହିବା?

ନୂତନ ଚିନ୍ତା ଓ ଚେତନାର ପ୍ରଭାବଶାଳୀ ପ୍ରବର୍ତ୍ତକଭାବେ ତାଙ୍କର ଅବିସ୍ମରଣୀୟ ସାରସ୍ୱତ ଅବଦାନର ବଳିଷ୍ଠ ପ୍ରମାଣ ଦିଏ ଏଇ "ବାଜିରାଉତ" କାବ୍ୟ। ରାଜାର ନଅର, ସାମନ୍ତବାଦୀ ଆଟୋପ, ସମ୍ରାଟ, ସାମ୍ରାଜ୍ଞୀ, ଗୌନ୍ତିଆ, ଜମିଦାର ଆଦିଙ୍କ ପ୍ରଚଣ୍ଡ ଦୌରାତ୍ମ୍ୟ ଭିତରେ ନିଶ୍ଚିହ୍ନ ହେଇଯାଉଥିବାର ଆଶଙ୍କା ଉପୁଜିଥିବା ଶ୍ରମିକ ଓ ସାଧାରଣ ମଣିଷର ସ୍ଥିତି, ମର୍ଯ୍ୟାଦା, ପରାକ୍ରମ ଓ ଅପରିହାର୍ଯ୍ୟତାକୁ ଏବଂ ପାଂଶୁଳ ହୋଇଯାଉଥିବା ତା'ର ଆଖିକୁ ଯିଏ କବିତାର ଚେହେରା ଭିତରେ ଏକ ଅସୁମାରୀ ଅନନ୍ତ ସମ୍ଭାବନାର ଖିଅରେ ଯୋଡ଼ି ଦେଇପାରେ, ସେଇ ଅଗ୍ରପୂଜ୍ୟ କବିଙ୍କର କାବ୍ୟନାୟକ "ବାଜି ରାଉତ" ଭିନ୍ନ ଆଉ କିଏ ହୋଇପାରେ? କାରଣ ସିଏ ମାଟିର କବି, ମାଆର କବି, ମଣିଷର କବି, ମାନବିକତାର କବି, ମୃତ୍ୟୁର ଶୀତଳ ପଞ୍ଝାରୁ ଝଡ଼ର ଇଗଲ୍ ଉଡ଼େଇ ପାରୁଥିବା ବାସ୍ତବ କବି। ସେଇଥିପାଇଁ ତାଙ୍କ ବଜ୍ର ସମ ତୂଳୀରୁ ଝରିପଡେ ---

"ଜ୍ୱଳନ୍ତ ଏ ଲେଲିହାନ,ସ୍ୱାହାହୀନ ଶିଖାର ଅନଳେ
ଜୀବନର ମାଲ୍ୟ ଥରେ, ମରଣର ଚାରୁ ସ୍ୱୟଂବରେ
ରଚିବାକୁ ସୃଷ୍ଟିର ଭୂମିକା
ଉଷାର ଗୋପନ ଅର୍ଥ, ରଜନୀର ଲୁପ୍ତ ପାଦଟୀକା
ରଖେ ଯଥା ଧରି
ଆପଣା ମୃତ୍ୟୁରେ ଫୁଟେ, ଆଜି ସେତ ଝରି ସେହିପରି"

କବି ନିଜେ କହିଛନ୍ତି - ଗଛ କାଟିଲା ପରି ଗୋଟିକି ଗୋଟି ବୀର ଶହୀଦ୍ ହୋଇ ଭୂଇଁରେ ଲୋଟି ପଡ଼ିଲେ। ସେମାନେ ଥିଲେ ବାଜି ରାଉତ, ହୁରୁଷି ପ୍ରଧାନ, ରଘୁ ନାୟକ, ଗୁରି ନାୟକ, ନଟ ମଳିକ, ଲକ୍ଷଣ ମଳିକ ଏବଂ ଫଗୁ ସାହୁ। ସମସ୍ତେ ମୂର୍ଚ୍ଛାର ହୋଇ ତଳେ ପଡ଼ିଗଲେ। ଅନ୍ଧାରୀ ମୂଳକର ସେଇ ନିଛାଟିଆ କଳା କିଟି କିଟି ରାତିରେ ସାତ ସାତଟା ମଣିଷ ଦେହର ଗରମ ଲହୁରେ ବ୍ରାହ୍ମଣୀର କଳା ମଚମଚ ପାଣି ସେଦିନ ହଠାତ୍ ଲାଲ ହୋଇ ଉଠିଥିଲା। ସେଇ ଶୋଣିତର ଲାଲିମା କବିଙ୍କ ଚେତନାରେ ଯେଉଁ ଜାଗରଣ ସୃଷ୍ଟି କରିଥିଲା ସେଇଠୁ ଗର୍ଭଧାରଣ କରିଥିଲା - ବାଜିରାଉତ।

ଶବଗୁଡିକୁ କଟକକୁ ଅଣାଯାଇ ଶହୀଦ୍ ସମ୍ମାନ ଦେଖାଗଲାପରେ ଡାକ୍ତର ମାଇନା କରାଗଲା। ତା'ପରେ କବି, ସାଥୀ ଅନନ୍ତ ପଟ୍ଟନାୟକ, ରବି ଘୋଷ, ମୋତିଲାଲ୍ ତ୍ରିପାଠୀ, ଗୋବିନ୍ଦ ମହାନ୍ତି ଆଦିଙ୍କ ସାହାଯ୍ୟରେ ଶବଗୁଡିକୁ ନେଇ ଆଉ ଏକ ଅସହାୟ ଅନ୍ଧାର ରାତିରେ କାଠଯୋଡ଼ି କୂଳ ଖାନନଗର ମଶାଣିରେ ଗୋଟିଏ ଚିତାରେ ଶୁଆଇ ଦେଇ ଆସିଥିଲେ। ସେଦିନ ସେଇ ଭୟାନକ ଓ ପବିତ୍ର ଚିତାର ଲେଲିହାନ ଜିଭ ତଳେ ବସି କବିଙ୍କ ମନରେ ଯେଉଁ ଚେତନାର ଉଦ୍ରେକ ହୋଇଥିଲା ତାହାରି ନିଦର୍ଶନ ହିଁ "ବାଜିରାଉତ"। ସେଇଠୁ ଅନୁରଣିତ ହୋଇଥିଲା ଯେଉଁ ପ୍ରଥମ ପଂକ୍ତି ତାହା ଏହିପରି -

"ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଠି
ଜାଳି ପୋଡ଼ି ଦେବାକୁ ଧସାଇ।"

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

### ବିପଦ ସଂକୁଳ ଘରେ ଚାଲିଛି ଆୟୁର୍ବେଦିକ ଡାକ୍ତରଖାନା

# କେବେ ପଡିବ ପ୍ରଶାସନର ନଜର

**ଉଦଳା,(ନିରୁପମା ରଣା) :** ରାଜ୍ୟ ସରକାର ପ୍ରାଥମିକ ସ୍ତରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଉଥିଲକ୍ଷ ବେଳେ ଉଦଳା ଆୟୁର୍ବେଦିକ ଡାକ୍ତରଖାନରେ ବାସ୍ତବ ସ୍ଥିତି ନକହିବା ଭଲ କ୍ଷ ତେବେ ଅନ୍ୟ ଦିନ ଅପେକ୍ଷା ବର୍ଷା ଦିନ ରେ ହସ୍ପିଟାଲ ର ଅବସ୍ଥା ସଙ୍ଗୀନ ହୋଇଯାଏ ! ଭଗବାନ ଙ୍କୁ ଭରସା କରି ଏହି ଗୃହ ରେ ଚାଲିଛି ଡାକ୍ତରଖାନା ! ମୟୁରଭଞ୍ଜ ଜିଲ୍ଲା ଉଦଳା ର ଏ ହେଉଛି ପୁରାତନ ଆୟୁର୍ବେଦିକ ଚିକିତ୍ସାଳୟ କ୍ଷ ୧୯୯୧ ମସିହାରେ ଏହି ଡାକ୍ତରଖାନା ଟି ଉଦଳା ପାଠାଗାର ଅଫିସ ଗୃହ କୁ ଲାଗି ଚାଲିଛି କ୍ଷ ତେବେ ଏହି ଡାକ୍ତରଖାନା ଗୃହ ଟି ବିପଦ ସଂକୁଳ ଅବସ୍ଥାରେ ଥିବା ବେଳେ ପ୍ରଶାସନିକ ସ୍ତରରେ ଏହାର ନଜର କେମିତି ପଡିନି ତାହା ସାଧାରଣ ରେ ପ୍ରଶ୍ନବାଚି ସୃଷ୍ଟି କରିଛି କ୍ଷ ଏହି ଆୟୁର୍ବେଦିକ ଚିକିତ୍ସାଳୟର ଭିତର ସ୍ଥିତି ଭଲ ଭାବରେ ଟିକେ ଦେଖନ୍ତୁ କ୍ଷ ଏହି ଚିକିତ୍ସାଳୟ ଗୋଟିଏ ମାତ୍ର ଗୃହ ରେ ଚାଲିଥିବା ବେଳେ ଛାତରୁ ସିମେଣ୍ଟ ଖସି ଛାତ ର ରୋଡ଼ ଦେଖାଗଲାଣି କ୍ଷ ଏହିପରିକି ଅନେକ ସମୟରେ ଛାତ ରୁ କଂକ୍ରିଟ ଖସୁଥିବକ୍ଷ ବେଳେ କେତେବେଳେ ବିପଦ ଆସିବ ତାହାକୁ ନେଇ ରୋଗୀ ମାନେ ନିରାପଦ ମଣୁନାହାନ୍ତି କ୍ଷ ଏହି ହସ୍ପିଟାଲ ଟି ଆଗରୁ ଦେଖିଲେ ଯେମିତି ଭିତରୁ ତାହାର ଦୃଶ୍ୟ ଆହୁରି ସଙ୍ଗୀନ ! ତେବେ ବର୍ଷା ଦିନ ହେଲେ ଏହି ଡାକ୍ତରଖାନା ର ଅବସ୍ଥା ସଂଗୀନ ହୋଇଯାଏ କ୍ଷ ଭଲ ଭାବରେ ଦେଖନ୍ତୁ ସାମାନ୍ୟ ବର୍ଷା ରେ ହସ୍ପିଟାଲ ଭିତରେ ପାଣି ଜମି ରହୁଛି ! ଏହି ପରିକି ଲୋକଙ୍କ ମୁଣ୍ଡ ଉପରେ ବିପଦ ହାତ ଠାରି ଡାକୁଛି ! କେତେ ବେଳେ ବିପଦ ଆସିବ ତାହା କହିବା ମୁସ୍କିଲ ! ବେଳ ଥାଉ ଥାଉ ଏହି ଡାକ୍ତଖାନ ଉପରେ ପ୍ରଶାସନ ର ନଜର ଆବଶ୍ୟକତା ରହିଛି ! ସୂଚନା ଅନୁଯାୟୀ ଏହି ଡାକ୍ତରଖାନା ପାଇଁ ଉଦଳା କୃଶକ ବଜାର ନିକଟରେ ଏକ ଜାଗା ଚିହ୍ନଟ ହୋଇଥିବା ବେଳେ ଉକ୍ତ ଜାଗାକୁ ଜବର ଦଖଲ କରାଯାଇଥିଲା ! ତେବେ ପୁଣି ଆଉ ହସ୍ପିଟାଲ ପାଇଁ ସ୍ଥାନ ନିରୂପଣ ହୋଇ ଥିବାବେଳେ କାମ ସରିବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଭଡା ଘରେ ଚାଲିବ ବୋଲି ଆୟୁର୍ବେଦିକ ଡାକ୍ତରଖାନାର ଦାୟିତ୍ୱରେ ଥିବା ଡାକ୍ତର ପ୍ରକାଶ କରିଛନ୍ତି କ୍ଷ ତେବେ ସରକାରଙ୍କର ଏହି ଆୟୁର୍ବେଦିକ ଡାକ୍ତରଖାନା ଉପରେ ଶୁଭ ଦୃଷ୍ଟି ପଡିଲେ ରୋଗୀ ମାନେ ଉତ୍ତମ ସେବା ପାଇପକ୍ଷରିବେ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅନୁପ୍ରବେଶକାରୀଙ୍କ ...

କାରଣ ଏସବୁର ଚାରି ପାଖରେ ଅହରହ ବୁଲୁଛନ୍ତି ମାଳ ମାଳ ବାଂଲାଦେଶୀ ଅନୁପ୍ରବେଶକାରୀ। ସ୍ଥାନୀୟ ଶରଣାର୍ଥୀଙ୍କ ସହଯୋଗରେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ନିୟମିତ ଯିବାଆସିବା କରୁଛନ୍ତି। ବାଲେଶ୍ୱର, ଭଦ୍ରକ ସହ କେନ୍ଦ୍ରାପଡ଼ା ଓ ପୁରୀ ପର୍ଯ୍ୟନ୍ତ ସମୁଦ୍ର ବେଳାଭୂମୀକୁ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏକ ପ୍ରକାର ସ୍ଥାୟୀ ଠିକଣା କରି ସାରିଲେଣି। ଯେହେତୁ ଚାନ୍ଦିପୁର ଓ ହ୍ୱିଲର ଦ୍ୱୀପଠାରୁ ବାଂଲାଦେଶର ଦୂରତ୍ୱ ଜଳପଥରେ ବହୁତ କମ୍ ଏବଂ ସମୁଦ୍ରରେ ଏମାନଙ୍କ ଅବାଧ ଚଳପ୍ରଚଳ ରହିଛି, ତେଣୁ ଅନୁପ୍ରବେଶକାରୀଙ୍କ ମାଧ୍ୟମରେ ଅନାୟସରେ ଗୁପ୍ତ ତଥ୍ୟ ଶତ୍ରୁ ପକ୍ଷର ହାତକୁ ଚାଲିଯିବାରେ କିଛି ବି ଅସୁବିଧା ନାହିଁ ବୋଲି ପୂର୍ବତନ ପୋଲିସ ଅଧିକାରୀ ଓ ବୁଦ୍ଧିଜୀବୀ କହିଛନ୍ତି। ସେପଟେ ଏନଆଇଏ ଅଧିକାରୀ ଆଜି ଆଇଟିଆରର କିଛି ବରିଷ୍ଠ ଅଧିକାରୀଙ୍କ ସହ ଦୀର୍ଘ ସମୟ ଧରି ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ତେଣେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ ଭାର ହାତକୁ ନେଉ ନେଉ ପ୍ରଥମେ ଉଭୟ ଠିକା ଓ ସ୍ଥାୟୀ କର୍ମଚାରୀଙ୍କ ବିଦେଶୀ ଲିଙ୍କ ଖୋଜିବା ଆରମ୍ଭ କରିଦେଇଛି। ତା'ସହ ପ୍ରତିରକ୍ଷା ସମ୍ବନ୍ଧୀୟ ଗୁପ୍ତ ତଥ୍ୟ ଲିକ୍‌ର ମୂଳ ଯାଏଁ ଯିବାକୁ ଚେଷ୍ଟା ଚଳାଇଛି। ସେପଟେ ଏଭଳି ଦେଶଦ୍ରୋହୀ କାର୍ଯ୍ୟରେ କେବଳ ଏଇ ୫ ତଳିଆ କର୍ମଚାରୀ ଅଛନ୍ତି ନା ବଡ଼ ମାଛ ବି ସାମିଲ ଅଛନ୍ତି ? ଯେହେତୁ ଗୁରୁବାର ଗିରଫ ହୋଇଥିବା ସଚିନ କୁମାର ନାମକ ଡ୍ରାଇଭର କିଛି ବର୍ଷ ତଳେ ଆଟିଆରର ବରିଷ୍ଠ ଅଧିକାରୀଙ୍କ ଗାଡ଼ି ଚଳାଉଥିଲେ, ତେଣୁ ଅଫିସର ଓ ବୈଜ୍ଞାନିକଙ୍କ ଆତଯାତ ସମ୍ପର୍କରେ ତାଙ୍କ ପାଖରେ ବିସ୍ତୃତ ତଥ୍ୟ ଥିବ ନିଶ୍ଚୟ। ତେଣୁ ସେ ଏବେ ସବୁଠାରୁ ଅଧିକ ସ୍କାନରରେ। ଅଭିଯୁକ୍ତ ୫ଜଣ ଡିଆରଡିଓ ବୈଜ୍ଞାନିକଙ୍କ କଥାବାର୍ତ୍ତା ରେକର୍ଡିଂ କରିଥିବା ସନ୍ଦେହ କରାଯାଉଛି। ତେବେ ତଦନ୍ତ ଚାଲିଥିଲେ ମଧ୍ୟ ଦେଶର ସୁରକ୍ଷା ପ୍ରସଙ୍ଗ ହୋଇଥିବାରୁ, ସେ ନେଇ ଏବେ ଅଧିକ କିଛି ତଥ୍ୟ ଦେଇ ହେବନି ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଆଡିସନାଲ ଏସ୍‌ପି ପ୍ରଶାନ୍ତ ବିଶୋଇ। ସେପଟେ କୋଲକାତାରୁ ଆସିଥିବା ଏନ୍‌ଆଇଏର ଦୁଇ ଜଣିଆ ଟିମ୍ ଚାନ୍ଦିପୁର ଆଇଟିଆର ପରିସରକୁ ଯାଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଘଟଣା ବାବଦରେ ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି।

### ସୁରଟ୍‌ର ଓଡ଼ିଆ ...

ଯୋଗ ଦେଇ ବିଶେଷ ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି। ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଦିଲ୍ଲୀପ ମଲ୍ଲିକ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରତିନିଧି ଦଳର ସୁରଟ ଗସ୍ତ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ,ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ନିର୍ଦ୍ଦେଶରେ ଦଳୀୟ ତଥା ରାଜନୀତିକ ସାଂଗଠନିକ ସଂରଚନା ଓ କାର୍ଯ୍ୟଶୈଳୀରେ ବିଶେଷ ଅନୁଧ୍ୟାନ ନିମନ୍ତେ ରାଜ୍ୟସ୍ତରୀୟ ୯ଜଣିଆ ଟିମ୍ ସୁରଟ ଗସ୍ତ କରିଛନ୍ତି। ଏହି ଟିମରେ ଭୁବନେଶ୍ୱର ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ, ପୃଥ୍ୱୀରାଜ ହରିଚନ୍ଦନ, ଭୃଗୁ ବକ୍ସିପାତ୍ର, ବିଧାୟକ ନାଉରୀ ନାଏକ ଓ ମୁକେଶ ମହାଲିଙ୍ଗ, ଅଭିମନ୍ୟୁ ସେଠୀ, ଶାରଦା ଶତପଥୀ, ଅଶୋକ ମିଶ୍ର ଓ ବିଜେପି ଆଇଟି ସେଲ୍ ମୁଖ୍ୟ ସ୍ୱୟଂପ୍ରକାଶ ବରାଳ ସୁରଟ ଗସ୍ତ କରିଛନ୍ତି। ଏହି ଟିମ୍ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ସୁରଟଠାରେ ଦଳୀୟ ସାଂଗଠନିକ ସ୍ଥିତି ଓ ବ୍ୟବସ୍ଥା, ସାଂଗଠନିକ ବୈଠକ ଓ ପ୍ରଶିକ୍ଷଣ କାର୍ଯ୍ୟରେ ଯୋଗ ଦେଇ ବିଶେଷ ଅନୁଧ୍ୟାନ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆଗାମୀ ଦିନରେ ରାଜ୍ୟରେ ଉଭୟ ପୌର ଓ ପଂଚାୟତ ନିର୍ବାଚନ ହେବାକୁ ଥିବାରୁ ସୁରଟରେ ରହୁଥିବା ଓଡ଼ିଆ ଭୋଟରଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ରାଜ୍ୟ ବିଜେପି ଏବେଠୁ ପ୍ରୟାସ ଆରମ୍ଭ କରିଛି। ସୁରଟରେ ପ୍ରାୟ ୭ଲକ୍ଷ ଓଡ଼ିଆ ରହୁଥିବାବେଳେ ସେଠାରେ ୧ଲକ୍ଷରୁ ଅଧିକ ଓଡ଼ିଆ ନିଜର ମତାଧିକାର ସୁରଟରେ ସାବ୍ୟସ୍ତ କରିଥାନ୍ତି। ବାକି ୬ଲକ୍ଷ ଲୋକ ଓଡ଼ିଶାରେ ନିଜର ମତାଧିକାର ସାବ୍ୟସ୍ତ କରିଥାନ୍ତି। ଏହି ଲୋକମାନେ ସୁରଟର ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରି, ଜୁଏଲାରୀ ଆଦି କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ବିଶେଷକରି ଉଧାନା, ଲିମ୍ବାୟତ୍, ପାଣ୍ଡସେରା, ସଚିନ, କାଟାରଗାମ୍ ଆଦି ଅଂଚଳରେ ଗଞ୍ଜାମ ଅଂଚଳରୁ ଯାଇଥିବା ଓଡ଼ିଆ ଲୋକମାନେ ବହୁ ପରିମାଣରେ ରହୁଛନ୍ତି। ଏହି ଓଡ଼ିଆ ଭୋଟରମାନେ ମୁଖ୍ୟତଃ ସୁରଟ ଓ ନଭସାରୀ ନିର୍ବାଚନମଣ୍ଡଳୀରେ ରହୁଥିବାବେଳେ ଗତ ଫେବୃୟାରୀରେ ଶେଷ ହୋଇଥିବା ସୁରଟ ମହାନଗର ନିର୍ବାଚନରେ ବିଜେପି ନିଜର ଦବଦବା କାଏମ ରଖିଛି। ଆସନ୍ତାବର୍ଷ ଡିସେମ୍ବରରେ ଗୁଜୁରାଟ ବିଧାନସଭା ନିର୍ବାଚନ ଥିବାବେଳେ ଆସନ୍ତାବର୍ଷ ପ୍ରଥମାର୍ଦ୍ଧରେ ଓଡ଼ିଶାରେ ପଂଚାୟତ ଓ ପୌର ନିର୍ବାଚନ ହେବାର ସମ୍ଭାବନା ରହିଛି। ତେଣୁ ବିଜେପିର ପ୍ରତିନିଧି ଦଳ ଏବେଠୁ ସୁରଟ ଗସ୍ତ କରି ସେଠାରେ ରହୁଥିବା ଓଡ଼ିଆଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି। ଗଞ୍ଜାମ ଜିଲ୍ଲା ବିଜେଡିର ଗଡ଼ ପାଲଟିଥିବାବେଳେ ସୁରଟରେ ରହୁଥିବା ଜିଲ୍ଲାର ପ୍ରାୟ ୬ଲକ୍ଷ ଭୋଟରଙ୍କ ମାଧ୍ୟମରେ ବିଜେପି ନିଜର ସ୍ଥିତି ସୁଦୃଢ଼ କରିବାକୁ ଯୋଜନା କରିଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ସେଠାରେ ଏକାଧିକ କାର୍ଯ୍ୟକ୍ରମ ଓ ପ୍ରତିଶ୍ରୁତି ଦେଇ ଓଡ଼ିଆ ଭୋଟରଙ୍କୁ ଆକୃଷ୍ଟ କରିଥିଲା । ମାତ୍ର ନିର୍ବାଚନ ପରେ ସେମାନଙ୍କୁ ଭୁଲି ଯାଇଥିବାରୁ ରାଜ୍ୟ ବିଜେପି ତା'ର ଫାଇଦା ନେବାକୁ ରଣନୀତି ପ୍ରସ୍ତୁତ କରିଛି ବୋଲି ଜଣାପଡ଼ିଛି।

### 'ମୂର୍ତ୍ତି ଉଚ୍ଚତା ...

ହାଇକୋର୍ଟ ସିଧାସିଧା କହିଛନ୍ତି ଯେ ସରକାରଙ୍କ କୋଭିଡ୍ ନିୟମାବଳୀରେ ହସ୍ତକ୍ଷେପ କରାଯାଇପାରିବ ନାହିଁ। ତେଣୁ ହାଇକୋର୍ଟ ଏବେ ନିଷ୍ପତ୍ତି ସରକାରଙ୍କ ଉପରେ ଛାଡ଼ି ଦେଇଛନ୍ତି। ଅନ୍ୟପକ୍ଷରେ ହାଇକୋର୍ଟରୁ ନିରାଶ ହୋଇଥିବା ବାଲୁବଜାର ପୂଜା କମିଟି ଆଗକୁ କ'ଣ କରିବ, ସେ ନେଇ କିଛି ଜଣା ପଡ଼ିନାହିଁ। ଏହି କମିଟି ଆଗକୁ ସୁପ୍ରିମକୋର୍ଟ ଯିବ କି ନାହିଁ, ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ତେବେ ଯାହା ସୂଚନା ମିଳିଛି, ସରକାରଙ୍କ କୋଭିଡ୍ ନିୟମାବଳୀ ମୁତାବକ ଏଥର ଦୁର୍ଗା ପୂଜା ହେବ। ଅର୍ଥାତ୍ ମୂର୍ତ୍ତିର ଉଚ୍ଚତା ୪ ଫୁଟ୍ ରହିବ ବୋଲି ଜଣାପଡ଼ିଛି।

### ଶାନ୍ତି ଓ ସୁରକ୍ଷା ...

ବର୍ଦ୍ଧିତ କଠୋରତାବାଦ। ନିକଟରେ ଆଫଗାନରେ ଘଟିଥିବା ଘଟଣା ଏହି ଚ୍ୟାଲେଞ୍ଜକୁ ଆହୁରି ସ୍ପଷ୍ଟ କରିଦେଇଛି। ଇସଲାମ ସହ ଜଡ଼ିତ ସଂଯମତା, ସହିଷ୍ଣୁତା, ସମ୍ମେଳନ ଓ ପରମ୍ପରା ଆଦିକୁ ଅଧିକ ସଶକ୍ତ କରିବା ପାଇଁ ଏସ୍‌ସିଓ ରାଷ୍ଟ୍ରଗୁଡ଼ିକୁ ଗୋଟିଏ ଶକ୍ତ ନେଟଓ୍ୱର୍କ ବିକାଶ ଦିଗରେ କାର୍ଯ୍ୟ କରିବା ଦରକାର। ଭାରତ ସବୁବେଳେ କେନ୍ଦ୍ରୀୟ ଏସିଆ ସହ ଯୋଗାଯୋଗ ସମ୍ପର୍କ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଭାରତର ବିଶାଳ ମାର୍କେଟ ସହ କେନ୍ଦ୍ରୀୟ ଏସିଆର ରାଷ୍ଟ୍ରଗୁଡ଼ିକ ଯୋଡ଼ି ହେଲେ ସେମାନଙ୍କର ବି ଲାଭ ହେବ। କୌଣସି ଯୋଗାଯୋଗର ମାଧ୍ୟମ ବା ସମ୍ପର୍କ ଗୋଟିଏ ପକ୍ଷର ଉଦ୍ୟମରେ ସମ୍ଭବ ନୁହେଁ। ପରସ୍ପରର ସହଭାଗିତା ଓ ବିଶ୍ୱାସରେ ସବୁ ପ୍ରକଳ୍ପ କରାଯାଇଥାଏ। ସେହିପରି ସବୁ ଦେଶ ଅନ୍ୟ ଦେଶର ରାଷ୍ଟ୍ରୀୟ ଅଖଣ୍ଡତକୁ ସମ୍ମାନ ଦେବା ଦରକାର।" ପଡୋଶୀ ରାଷ୍ଟ୍ର ସହିତ ଶାନ୍ତିପୂର୍ଣ୍ଣ ଆଚରଣ, ଆତଙ୍କବାଦ ଦମନ ଓ ମାଦକଦ୍ରବ୍ୟ ଚୋରା କାରବାରକୁ ନିୟନ୍ତ୍ରଣ ଭଳି ସୁରକ୍ଷା ପ୍ରତିଶ୍ରୁତିଗୁଡିକ ପାଳନ କରିବା ଲାଗି ଆଫଗାନିସ୍ତାନର ତାଲିବାନ ସରକାରକୁ ଚୀନ ଓ ରୁଷ୍ ନିବେଦନ କରିଛନ୍ତି। ଶୁକ୍ରବାର ସାଙ୍ଘାଇ ସମନ୍ୱୟ ସଂଗଠନ (ଏସସିଓ) ବୈଠକକୁ ସମ୍ବୋଧନ କରି ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏହା କହିଛନ୍ତି। ପୁତିନ କହିଛନ୍ତି ଯେ ଏସସିଓ ଏହାର ରାଜନୈତିକ ପ୍ରଭାବ ଦ୍ୱାରା ଆଫଗାନିସ୍ତାନର ନୂଆ ସରକାରକୁ ପ୍ରୋତ୍ସାହିତ କରିବା ଦରକାର। ବିଶେଷକରି ନୂଆ ସରକାରକୁ ତା'ର ପ୍ରତିଶ୍ରୁତି ପୂରଣ କରାଇବା, ଆଫଗାନିସ୍ତାନବାସୀଙ୍କ ଜୀବନକୁ ସ୍ୱାଭାବିକ ଓ ସୁରକ୍ଷିତ କରିବା ଦିଗରେ ଏସସିଓ ସଦସ୍ୟ ରାଷ୍ଟ୍ରଗୁଡିକ କାର୍ଯ୍ୟ କରିବା ଦରକାର। ସେହିପରି ଜିନପିଙ୍ଗ କହିଛନ୍ତି ଯେ ଆଫଗାନିସ୍ତାନ ଏକ ସମ୍ମିଳିତ ସରକାର ଗଠନ ସହିତ ଆତଙ୍କବାଦକୁ ଦମନ କରିବା ଦରକାର।

### ଜିଏସ୍‌ଟି ପରିସର ...

ଜିଏସ୍‌ଟି ପରିସର ଭୁକ୍ତ କରିବାକୁ ଆଜିର ବୈଠକରେ ପ୍ରସ୍ତାବ ଆସିଥିଲା। କିନ୍ତୁ ବୈଠକରେ ସଦସ୍ୟମାନେ ବେଶ ସ୍ପଷ୍ଟ ଭାବେ ସେମାନେ ଏହାକୁ ଜିଏସ୍‌ଟି ପରିସର ଭୁକ୍ତ କରିବାକୁ ଚାହୁଁ ନଥିବା କହିଥିଲେ। ବର୍ତ୍ତମାନ ସମୟରେ ଜିଏସ୍‌ଟି ପରିଷଦ ପେଟ୍ରୋଲିୟମ ପ୍ରଡକ୍ଟକୁ ଜିଏସ୍‌ଟିରେ ସାମିଲ କରିବାକୁ ଚାହୁଁ ନଥିବା ଆମେ କୋର୍ଟଙ୍କୁ ଅବଗତ କରାଇବୁ। ତେବେ ବାୟୋ ଡିଜେଲକୁ ୧୨% ଟିକସ ସ୍ଲାବରୁ ୫% ସ୍ଲାବକୁ ହ୍ରାସ ପରାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସ୍‌ଟି ପରିଷଦରେ ଆଜି କରୋନା ଲଢ଼େଇକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କରୋନା ଲଢ଼େଇ ପାଇଁ ବ୍ୟବହାର ହେଉଥିବା ସାମଗ୍ରୀ ଉପରେ ଲାଗୁଥିବା ସଂଶୋଧିତ ଜିଏସ୍‌ଟି ଡିସେମ୍ବର ୩୧ ଯାଏ ବଳବତ୍ତର ରହିବ। ପୂର୍ବରୁ ଏହି ନିୟମ ସେପ୍ଟେମ୍ବର ୩୦ ଯାଏ ଲାଗୁ ହେବ ବୋଲି କୁହାଯାଇଥିଲା। ୪୪ତମ ଜିଏସ୍‌ଟି ପରିଷଦ ବୈଠକରେ କରୋନା ମେଡିସିନ, ପଲସ ଅକ୍ସିମିଟର, ଭେଣ୍ଟିଲେଟର, ମେଡିକାଲ ଅକ୍ସିଜେନ, ହ୍ୟାଣ୍ଡ ସାନିଟାଇଜର, ଅକ୍ସଜେନ କନସେନଟ୍ରେଟର ଓ ମାସ୍କ ଭଳି ସାମଗ୍ରୀ ଉପରେ ଏଣିକି ୫% ଜିଏସ୍‌ଟି ଲାଗୁ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ୪୫ତମ ବୈଠକରେ ଏଥିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ପୂର୍ବଭଳି କରୋନା ଟିକା ଉପରେ ମଧ୍ୟ ୫% ଜିଏସ୍‌ଟି ଲାଗୁ ହେବ। ସେହିପରି ଜୋଲୋଜିନସ୍କା ଏବଂ ଭିଲ୍‌ଟେସ୍ପୋ ଭଳି ଦାମୀ ଜୀବନ ରକ୍ଷାକାରୀ ଔଷଧକୁ ମଧ୍ୟ ଜିଏସ୍‌ଟି ବାହାରେ ରଖିବାକୁ ନିଷ୍ପତ୍ତି ହୋଇଛି। ଏହି ଦୁଇ ଔଷଧର ଦାମ ୧୬ କୋଟି ଟଙ୍କା। ତେଣୁ ଏହାକୁ ଜିଏସ୍‌ଟି ପରିସର ବାହାରେ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି। ଦେଶରେ କରୋନାରୁ ସୁସ୍ଥ ହେଉଥିବା ଲୋକଙ୍କ ଶରୀରରେ ବ୍ଲାକ ଫଙ୍ଗସ ରୋଗ ଦେଖିବାକୁ ମିଳୁଛି। ଏହାର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଟୋସିଲଜୁମାବ ଓ ଆମଫୋଟ୍ରିସିନ୍ ବି' ଭଳି ମେଡିସିନ ଗୁଡ଼ିକ ଉପରେ ମଧ୍ୟ କୌଣସି ଟିକସ ଲାଗୁ ହେବନି। ଏହି ନିୟମ ଡିସେମ୍ବର ୩୧ ଯାଏ ବଳବତ୍ତର ରହିବ। ଜିଏସ୍‌ଟି ହ୍ରାସ ପାଇଥିବା ମେଡିସିନ ଗୁଡ଼ିକ ମଧ୍ୟରେ ହେପାରିନ ଓ ରେମଡେସିଭିର ରହିଛି। ଏହାବାଦ୍ କ୍ୟାନସର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା କେଟ୍ରୁଡା ଭଳି ଔଷଧ ଗୁଡ଼ିକୁ ୧୨% ଜିଏସ୍‌ଟି ସ୍ଲାବରୁ ୫% ସ୍ଲାବକୁ ଅଣାଯାଇଛି। ଦିବ୍ୟାଙ୍ଗମାନେ ବ୍ୟବହାର କରୁଥିବା ରିଟ୍ରୋ ଫିଟ୍‌ମେଣ୍ଟ କିଟ୍‌ସ ଫର ଭେଇକେଲ୍ସ ପୂର୍ବରୁ ୧୨% ଜିଏସ୍‌ଟି ସ୍ଲାବରେ ଥିଲା। କିନ୍ତୁ ଏହାକୁ ଏବେ ୫% ଜିଏସ୍‌ଟି ସ୍ଲାବ ପରିସରକୁ ଅଣାଯାଇଛି।

### ବଢୁଛି ଖାଉଟିଙ୍କ ...

ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏହି ଖୁଚୁରା ବେପାରୀମାନେ ବୈଦ୍ୟୁତିକ ମାପ ଓଜନ ମେସିନ୍ ଜରିଆରେ ଓଜନ ହେରଫେର କରି ଲାଭବାନ୍ ହେଉଛନ୍ତି। ଏପରିକି ଡିଲରମାନେ ଗ୍ରାହକମାନଙ୍କୁ ପ୍ରଦାନ କରୁଥିବା ରେସନ ସାମଗ୍ରୀ ଯଥା ଚାଉଳ ଓ ଗହମ ଦେଉଥିବା ବେଳେ ସେଥିରେ ବ୍ୟାପକଭାବେ ହେରଫେର କରିବାରେ ସକ୍ଷମ ହେଉଛନ୍ତି। ସେହିପରି ଚିକେନ କାଉଣ୍ଟର, ମାଛ ଦୋକାନ ଓ ଧାନ ବେପାରୀମାନେ ଖଣ୍ଡେ ଖଣ୍ଡେ ବୈଦ୍ୟୁତିକ ମାପ ଓଜନ ରଖି କଳାବଜାରୀ କରିବାରେ ସକ୍ଷମ ହେଉଛନ୍ତି। ସବୁଠାରୁ ଦୁଃଖଦାୟକ ଘଟଣା କୌଣସି ଗ୍ରାହକ ଗୋଟିଏ ଦୋକାନରୁ ସଉଦା କ୍ରୟ କରି ସେହି ସଉଦା ଅନ୍ୟ କୌଣସି ଦୋକାନରେ ଓଜନ କଲାବେଳକୁ ଏଥିରେ ବି ବିଭ୍ରାଟ ଦେଖାଦେଉଛି। ତେଣୁ ବୈଦ୍ୟୁତ୍ ମାପ ଓଜନ ମେସିନ୍ ଗୁଡିକରେ ବ୍ୟାପକ ଭାବେ ହେରଫେର ଘଟଣା ଘଟୁଥିବାରୁ ଏହା ଉପରେ ଏକ ଅଙ୍କୁଶ ଲଗାଯିବାର ବ୍ୟବସ୍ଥା କରାଯାଉ। ବୈଦ୍ୟୁତିକ ମାପ ଓଜନ ଗୁଡିକର ଚାହିଦା ଦିନକୁ ଦିନ ବୃଦ୍ଧି ହେଉଥିବା ବେଳେ ଏହାର ମରାମତି ପାଇଁ କୌଣସି ସରକାରୀ ବ୍ୟବସ୍ଥା କରାନଯିବା ଦ୍ୱାରା ବୈଦ୍ୟୁତିକ ମାପ ଓଜନ ମରାମତି ପାଇଁ ବିଭିନ୍ନ ଅଞ୍ଚଳରେ ଦଲାଲମାନେ ସକ୍ରିୟ ହୋଇ ତାହାର ମରାମତି ବାହାନ କରି ହେରଫେର କରୁଥିବା ବେଳେ ଖାଉଟିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଉଛି। ସରକାରୀ ନିୟମ ଅଛି ଯେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ଓଜନମାପ ଯନ୍ତ୍ର ଗୁଡିକର ରେଜିଷ୍ଟ୍ରେସନ ଓ ଅନ୍ୟାନ୍ୟ କାଗଜପତ୍ର ପ୍ରତ୍ୟେକ ବର୍ଷ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯାଞ୍ଚ କରାଯିବାର ଦାୟିତ୍ୱ ବୈଧ ମାପ ଓ ଓଜନ ନିରୀକ୍ଷକମାନଙ୍କୁ ଦିଆଯାଇଛି। କିନ୍ତୁ ଏହି ନିରୀକ୍ଷକମାନେ କେଉଁସ୍ଥାନରେ ରହି କି କାର୍ଯ୍ୟ କରୁଛନ୍ତି ସେ ନେଇ ଆମ ପ୍ରତିନିଧି ସବୁଆଡେ ବୁଲୁଥିଲେ ବି ଜଣେ ହେଲେ ନିରୀକ୍ଷକଙ୍କୁ ଦେଖିବାକୁ ପାଇନଥିଲେ। ଜଗତ୍‌ସିଂହପୁର ଜିଲ୍ଲାରେ ଏପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅପାରଗତା ଏବଂ ନିମ୍ନମାନର ଖାଦ୍ୟ ସାମଗ୍ରୀ ଯୋଗାଇ ଦେବା ଓ ବୈଦ୍ୟୁତିକ ମାପ ଓଜନରେ ହେରାଫେରି ଘଟଣା ଉପରେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

# ବଦଳି ପାରୁନି ଡାବୁଗାଁ ବସଷ୍ଟାଣ୍ଡର ଭାଗ୍ୟ



**ନବରଙ୍ଗପୁର :** ଡାବୁଗାଁ ବ୍ଲକ ଠାରୁ ମାତ୍ର ୨୦ ମିଟର ଏବଂ ଡାବୁଗାଁ ତହସିଲ ଠାରୁ ମାତ୍ର ୧୦୦ ମିଟର ଦୂରରେ ଅବସ୍ଥିତ ଏହି ବଷ୍ଟାଣ୍ଡ। କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି କେବେ ବଦଳିବ ଏହି ବସ୍ତାଣ୍ଡର ଭାଗ୍ୟ। ସୁଧୁରିବାର ନାଁ ଧରୁନି ଡାବୁଗାଁ ବସଷ୍ଟାଣ୍ଡ ର ଅବସ୍ଥା। ରାସ୍ତାକୁ କୁ ନିଜ ଅକ୍ତିଆର ରେ ନେଇ କିଛି ଦୋକାନ ମାଲିକ ନିଜ ଜିନିଷ ଦୋକାନ ଗୃହ ନିର୍ମାଣ କରିବା ଫଳରେ ଏବଂ ସରକାରୀ ଜମିରେ ଦୋକାନ ଗୃହ ଗୁଡିକ ବେଆଇନ ଭାବରେ ଗଢିତୋଳିବା ଯୋଗୁଁ ଟ୍ରାଫିକ ସମସ୍ୟା ବଢିବା ସହ ଗାଡି ମଟର ଯିବା ଆସିବାରେ ଅସୁବିଧା ମଧ୍ୟ ହେଉଛି । ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି ସ୍ଥାନୀୟ ଲୋକେ। ଏମିତିକି ଯାତ୍ରୀ ଙ୍କ ପାଇଁ କୌଣସି ବ୍ୟବସ୍ଥା ମଧ୍ୟ ନାହିଁ। ଫଳରେ ଦିନ କୁ ଦିନ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ବର୍ଷା ଦିନ ଆସିଲେ କୃତ୍ରିମ ପୋଖରୀ ରେ ପରିଣତ ହୁଏ ବସଷ୍ଟାଣ୍ଡ ।ଏଭଳି ପରିସ୍ଥିତି ରେ ବସଷ୍ଟାଣ୍ଡ ର ପୁନଃନିର୍ମାଣ ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନଥିବା ଦେଖାଦେଇଛି ।ନିର୍ବାଚନ ଭିତରେ ଆଉ ଏକ ନିର୍ବାଚନ ମୁଣ୍ଡ ଉପରେ, ହେଲେ ବସଷ୍ଟାଣ୍ଡ ନିର୍ମାଣ ତ ଦୂର କଥା ମାଟି ଟିକିଏ ବି ପଡିନି। ସ୍ୱଚ୍ଛତାର କଥା ତ ନକହିବା ଭଲ, କାରଣ ବସଷ୍ଟାଣ୍ଡ ଏକ ପ୍ରକାର ଅଳିଆ ଗଦାରେ ପରିଣତ ହୋଇଛି କହିଲେ ଚଳେ । ଯଥା ଶୀଘ୍ର ପ୍ରଶାସନ କିଛି ପଦକ୍ଷେପ ଗ୍ରହଣ କରିବା ପାଇଁ ସହର ବାସୀଙ୍କ ନିବେଦନ। ଦେଖିବାକୁ ବାକି ରହିଲା ପ୍ରଶାସନ କେବେ କାମ କରୁଛି ବସଷ୍ଟାଣ୍ଡକୁ।

# ହାତୀ ଉଜାଡୁଛି ଫସଲ, ମିଳୁନି କ୍ଷତି ପୂରଣ

**ନରସିଂହପୁର :** କରୋନା ମହାମାରୀ ଯୋଗୁଁ ଲୋକମାନଙ୍କର ଆର୍ଥୀକ ଅବସ୍ଥା ଶୋଚନୀୟ ଥିବା ବେଳେ ଧାର କରଜ କରି ଧାନ ଚାଷ କରିଥିବା ଚାଷୀ ଏବେ ଜଙ୍ଗଲ ଜନ୍ତୁଙ୍କ ଉପଦ୍ରବ ଯୋଗୁଁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମରୁଡି ଆଶଙ୍କାରେ ଥିବା ଚାଷୀଙ୍କ ପାଇଁ ଲଘୁଚାପ ବର୍ଷା ଟିକେ ବଞ୍ଚିବାର ରାହା ଦେଖାଇଥିବା ବେଳେ ହାତି ପଲ ସେହି ଆଶାକୁ ଭାଙ୍ଗି ଦେଇଛନ୍ତି। ଏଭଳି ଅଭିଯୋଗ କରିଛନ୍ତି। ନରସିଂହପୁର ବ୍ଲକ ଅନ୍ତର୍ଗତ ଚତରାପଦା ଗ୍ରାମର ଚାଷୀମାନେ ଏକର ଏକର ଜମିରେ ହାତୀ ପଲ ଉପଦ୍ରବ କରି ଧାନ ଫସଲ ନଷ୍ଟ କରିଥିବାରୁ ଚାଷୀର ଚିନ୍ତା ବଢାଇଥିବା ଦେଖିବାକୁ ମିଳିଛି। ଧାର କରଜ କରି ଧାନ ଚାଷ କରିଥିବା ଚତାରା ପଦା ଗ୍ରାମରେ କିଛି ଚାଷୀଙ୍କ ଜମିରେ ଗତରାତିରେ ହାତୀ ପଲ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ପୂର୍ବରୁ ଅନେକ ଥର ହାତୀ ଏବଂ ବାରାହା ଜଙ୍ଗଲୀ ଜନ୍ତୁ ଚାଷୀମାନଙ୍କର ଅନେକ କ୍ଷୟକ୍ଷତି କରିଛନ୍ତି। ଏହି ବାବଦରେ ବନ ବିଭାଗକୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି କ୍ଷତି ପୂରଣ ଅନୁକମ୍ପା ରାଶି ମିଳୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏବଂ ବନ ବିଭାଗ ତରଫରୁ କୌଣସି ପ୍ରକାର ବ୍ୟବସ୍ତା କରାଯାଉନଥିବାରୁ ଆଗକୁ ଚାଷୀମାନେ ଅନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଆମେ ନରସିଂହପୁର ପୂର୍ବାଞ୍ଚଳ ବନ ବିଭାଗ ରେଞ୍ଜରଙ୍କ ସହିତ ଯୋଗାଯୋଗ କରିଥିଲୁ। ସେ ଚାଷୀମାନଙ୍କ ପାଖରୁ କୌଣସି ପ୍ରକାରର ଅଭିଯୋଗ ପାଇନଥିବା ସୂଚନା ଦେଇନଥିବା ବେଳେ କ୍ୟାମେରା ସମ୍ମୁଖରେ କିଛି କହିବାକୁ ମନାକରିଦେଇଥିଲେ। ପୂର୍ବରୁ ଚାଷୀମାନେ କୌଣସି ଅନୁକମ୍ପା ରାଶି ପାଇନଥିବା ଅଭିଯୋଗ କରିଛନ୍ତି। ଆଗକୁ ଏମିତି ହେଲେ ମଣିଷ ହାତୀଙ୍କ ମଧ୍ୟରେ ଲଢେଇ ହେବା ନିଶ୍ଚିତ ବୋଲି କ୍ଷୋଭରେ ଚାଷୀ କହିଛନ୍ତି। ବନ ବିଭାଗ ହାତୀ ପଲଙ୍କ ଉପଦ୍ରବରୁ ଚାଷୀମାନଙ୍କ ଫସଲକୁ ସୁରକ୍ଷା ଦେବା ସହିତ ଚାଷୀମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



# ପରିବେଶ ସୁସ୍ଥ ରହିଲେ ଜୀବ ଜଗତ ରହିବେ ସୁସ୍ଥ: ଗଛ ମଣିଷ ଦୁଲାରାମ ସାର



**ଉଦଳା :** ପେଶା ହେଉଛି ଶିକ୍ଷକ, ନିଶା ଗଛ ଲଗାଇବା ! ପରିବେଶ କିପରି ସୁସ୍ଥ ରହିବ ସେଥି ପାଇଁ ସମସ୍ତଙ୍କୁ ଦେଉଛନ୍ତି ପ୍ରେରଣା ! ବିଭିନ୍ନ ସ୍ଥାନ ରେ ଗଛ ଲଗାଇ ସେ ହୋଇଛନ୍ତି ପ୍ରଶଂସା ର ପାତ୍ର ! ସେଥି ପାଇଁ ସେ ଆଖ ପାଖ ଅଞ୍ଚଳ ରେ ଗଛ ମଣିଷ ଭାବେ ବେଶ ପରିଚିତ ! ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ ଗଡିଗାଁ ଗ୍ରାମର ଏ ହେଉଛନ୍ତି ଦୁଲାରାମ ହାଁସଦା ! ଦୁଲାରାମ ଜଣେ ଶିକ୍ଷକ ! ନିଶା ତାଙ୍କର ଶିକ୍ଷକ ହେଲେ ପରିବେଶ କିପରି ଠିକ ରହିବ ଓ ଜୀବ ଜଗତ କିପରି ସୁସ୍ଥ ରହିବେ ସେଥି ପାଇଁ ସେ ଆରମ୍ଭ କରିଛନ୍ତି ପରିବେଶ ପାଇଁ ସଚେତନତା ! ନିଜ ଘରେ ହେଉ କି ଯେ କୌଣସି ସ୍ଥାନ ରେ ହେଉ ଗଛ ଲଗାଇ ପରିବେଶ ସଚେତନତା ର ବାର୍ତ୍ତା ବାଣ୍ଟି ଚାଲିଛନ୍ତି ! ଦୁଲାରାମ ନିଜ ଘରେ ବିଭିନ୍ନ ପ୍ରକାର ଫୁଲ ଗଛ ଓ ଫଳ ଗଛ ଲଗାଇବା ସହ ପରିବେଶ କୁ ଅତି ମନଲୋଭା କରିଛନ୍ତି ! ଦୁଲାରାମ ସାର କୁହନ୍ତି ପ୍ରତେକ ଘରେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ! ପରିବେଶ ଚିନ୍ତା ପାଇଁ ସକାଳେ ବାହାରି ପଡନ୍ତି ଦୁଲାରାମ ! ହାତ ରେ ଦାଆ ଓ କୋଦାଳ ଧରି ଗଛ କଡ଼ ରେ ପରିଷ୍କାର କରିବା ସହ ଯତ୍ନ ନେଇଥାନ୍ତି ଦୁଲାରାମ ! ଦୁଲାରାମଙ୍କ ସ୍ତ୍ରୀ ମାଣିକେଶ୍ୱରୀ ମଧ୍ୟ ଗଛ ଲଗାଇବାରେ ସହଯୋଗ କରିଥାନ୍ତି ! ଏହି ପରିକି ଦୁଲାରାମ ଅନେକ ଶାଗୁଆନ ଲଗାଇଛନ୍ତି ! ଦୁଲାରାମଙ୍କ ବାଡ଼ିରେ ବିଭିନ୍ନ ପ୍ରକାର ଗଛ ଲାଗି ରହିଥିବାବେଳେ ପରିବେଶ ର ସୌନ୍ଦର୍ଯ୍ୟ ବେଶ ମୋନଲୋଭା ହୋଇପାରିଛି ! ପରିବେଶ ଏତେ ମନଲୋଭା ହୋଇଛି ଯେ ଯିଏ ବୁଲିବାକୁ ଆସେ ସେ ଆଉ ଭୁଲି ପରେ ନାହିଁ ! ସତରେ ଏ ପରିବେଶ ସମସ୍ତ କୁ କରି ଥାଏ ଆକୃଷ୍ଟ ! ଗ୍ରାମର ଅନେକ ଲୋକ ଏହି ମନଲୋଭା ବଗିଚା କୁ ବୁଲିବାକୁ ଆସି ମଜା ନେଇଥାନ୍ତି ! ଦୁଲାରାମ ଙ୍କ ଏହି ପରିବେଶ ଉଦ୍ୟମ ପାଇଁ ସେ ଅନେକ ସ୍ଥାନ ରେ ସମ୍ମାନିତ ହୋଇଛନ୍ତି ! ୧୨ ବର୍ଷ ହେବ ଦୁଲାରାମ ପରିବେଶ ପାଇଁ ବିଭିନ୍ନ ସ୍ଥାନ ରେ ଗଛ ଲଗାଇ ଆସୁଛନ୍ତି !ତେବେ ଅନ୍ୟ ମାନଙ୍କୁ ନିଜ ବାଡ଼ି ହେଉ କି ଅନ୍ୟ ସ୍ଥାନ ରେ ହେଉ ଗଛ ଲଗାଇବା ପାଇଁ ସେ ଦେଉଛନ୍ତି ପ୍ରେରଣା !

# ଅମ୍ଳାନ ବରପୁତ୍ର



ଜୟଲକ୍ଷ୍ମୀ ସେଠୀ

*"ଫେରି ଆସନ୍ତ କି ଅମୃତ ପୁରୁଷ*
*ଓଡ଼ିଶା ମାଟିର କୋଳେ*
*ଅମର ହୋଇଛି ତୁମ ପ୍ରୀତି କଳ୍ପ*
*ରାଜ୍ୟ ସଙ୍ଗୀତ ମାନ୍ୟରେ।।"*

ଆମ ଭାରତ ଭୂମିରେ ଅନେକ ବୀର ପୁରୁଷ ନିଜକୁ ତିଳ ତିଳ କରି ଉତ୍ସର୍ଗ କରିଦେଇଛନ୍ତି। ଭାରତୀୟଙ୍କ ଏକତାର ଅଭାବ ଯୋଗୁଁ ଭାରତ, ବହୁବର୍ଷ ଧରି ପରାଧିନ ହୋଇଆସିଛି। ଦେଶକୁ ପରାଧିନତାରୁ ମୁକ୍ତ କରିବା ଏବଂ ମାତୃଭୂମିର ସୁରକ୍ଷା ଓ ସ୍ୱାଧୀନତା ଦେବାକୁ ଅନେକ ମହାନ ବ୍ୟକ୍ତିତ୍ୱ ବୀର ସନ୍ତାନ ନିଜକୁ ତିଳ ତିଳ କରି ଉତ୍ସର୍ଗ କରିଦେଇଛନ୍ତି। ସ୍ୱାଧୀନତା ଆନ୍ଦୋଳନକୁ ସମୁହ ସ୍ୱାର୍ଥ ପାଇଁ ନିଜ ବୀରତ୍ୱର ଅଣ୍ଟା ଭିଡି ଅନେକ ଯୁଗଜନ୍ମା ପୁରୁଷ ଦେଶଜାତି ଓ ମାନବ ସମାଜ ପାଇଁ ଓହ୍ଲାଇ ଆସିଥିଲେ ଜୀବନକୁ ବାଜି ଲଗେଇ। ତାଙ୍କରି ଭିତରେ ଓଡ଼ିଶା ଇତିହାସରେ ଏକ ମହାନ ବ୍ୟକ୍ତିତ୍ୱର ଶିଖା ରୂପେ ପ୍ରଜ୍ୱଳିତ ହୋଇ ଉଠିପଡିଥିଲେ ଓଡ଼ିଶାର ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ତାଙ୍କ ଜୀବନ ଦର୍ଶନକୁ ପର୍ଯ୍ୟାଲୋଚନା କଲେ ଜଣାପଡେ ତାଙ୍କର ଅତୁଳନୀୟ ବ୍ୟକ୍ତିତ୍ୱ ଯୁଗେ ଯୁଗେ ଉତତର ପୁରୁଷଙ୍କ ପାଇଁ ଅନୁକରଣୀୟ। ତାଙ୍କର ମାତୃଭୂମି ପାଇଁ ଅନାବିଳ ପ୍ରେମ ଚିର ସ୍ମରଣୀୟ ଓ ଚିର ବନ୍ଦନୀୟ। ତାଙ୍କର ମାତୃଭୂମି ନିବିଡତାର ଭାଷା ନିଜର ସହ ପରିବାରକୁ ସ୍ୱାଧୀନତା ସଂଗ୍ରାମରେ ସଂଯୋଗ କରିଦେଇଥିଲା। କାନ୍ତ କମଳ ପଦାବଳୀରେ ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ନିଜର ସ୍ୱରଚିତ କଥା ସାହିତ୍ୟ କାବ୍ୟ କବିତା କ୍ଷେତ୍ରରେ ତାଙ୍କର ସିଦ୍ଧି କାଳଜୟୀ 'ବନ୍ଦେ ଉତ୍କଳ ଜନନୀ' ଜାତୀୟ ଗୀତରେ ସ୍ମରଣୀୟ । ଯାହା ଆଜି ତାଙ୍କର ଲେଖନୀରେ ରାଜ୍ୟ ସଂଗୀତ ଭାବରେ ସମ୍ମାନ ପ୍ରଦାନ କରାଯାଇଛି । ତାହା ଛଡା ଜୀବନ ସଂଗୀତ କଲ୍ଲୋଳ ଓ ଚଟକ ଚନ୍ଦ୍ର ହାସ ଚଂପୁ ବିବିଧ କବିତା ମଧ୍ୟରେ ଲକ୍ଷ୍ମୀକାନ୍ତ କବି ପ୍ରତିଭାର ସ୍ୱାକ୍ଷର ନୀହିତ । କଣାମାମୁଁ ଉପନ୍ୟାସ ଓ ବୁଢ଼ା ଶଙ୍ଖାରି ଗଳ୍ପ କାନ୍ତ କବିଙ୍କର ଅମ୍ଳାନ ସୃଷ୍ଟି । ଯାହା ହାସ୍ୟମଧୁର ବେଦନାର ଜୀବନ୍ତ ହୋଇରହିଛି ଆଜିର ଇତିହାସରେ। ପିତା ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମାତା ରାଧାମଣୀଙ୍କ କୋଳରେ ୧୮୮୮ ମସିହା ଡ଼ିସେମ୍ବର ୯ ତାରିଖ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ତାଳପଦା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଲକ୍ଷ୍ମୀପୂଜା ଦିନ ଜନ୍ମ ହୋଇଥିବାରୁ ତାଙ୍କୁ ଲକ୍ଷ୍ମୀକାନ୍ତ ନାମରେ ନାମିତ ରଖାଯାଇଥିଲା । ପରେ ଜମିଦାର ଲାଲମୋହନ ଦାସଙ୍କ କନ୍ୟାଙ୍କୁ ବିବାହ କରି ୧୯୧୨ରେ ଏକ ପୁତ୍ର ସନ୍ତାନର ଜନକ ହୋଇ, ୧୯୧୩ରେ ସ୍ନାତକ ଡ଼ିଗ୍ରୀ ହାସଲ କରିଥିଲେ । କିନ୍ତୁ ହାଇସ୍କୁଲ ପଢୁ ଥିବା ସମୟରେ ଶିକ୍ଷା ଛାଡ଼ି ଇଂରେଜମାନଙ୍କ ବିରୋଧରେ ସ୍ୱାଧିନତା ସଂଗ୍ରାମକୁ ଓହ୍ଲାଇ ଆସିଥିଲେ । ଏବଂ ଇଂରେଜ ଦ୍ୱାରା ବନ୍ଦୀ ମଧ୍ୟ ହୋଇଥିଲେ । ତାଙ୍କର ଲେଖା ମାଧ୍ୟମରେ ଦେଶପ୍ରେମ କବିତା ଗୁଡ଼ିକ ଲେଖି ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ଏକଜୁଟ କରାଇବାରେ ଅନେକ ସାହାର୍ଯ୍ୟ କରିପାରିଥିଲେ । ଯାହା ୧୯୩୩ରେ ତାଙ୍କୁ ଭଦ୍ରକ ହାଇସ୍କୁଲ ପ୍ରାଙ୍ଗଣରେ କାନ୍ତକବି ଉପାଧିରେ ସମ୍ମାନିତ କରାଯାଇଥିଲା । ୧୯୨୦-୨୧ରେ ମହାତ୍ମା ଗାନ୍ଧୀଙ୍କ ଡ଼ାକରାରେ ଅସହଯୋଗ ଆନ୍ଦୋଳନ ପାଇଁ ନିଜ ପରିବାର ପିତା ଭାଗବତ ପ୍ରସାଦ, ଭଉଣୀ କୋକିଳା ଦେବୀ ଓ ଜାହ୍ନବୀ ଦେବୀ ଏବଂ ସାନ ଭାଇ କମଳାକାନ୍ତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୩୦ ମସିହାରେ ଇଂଚୁଡ଼ି ଲବଣ ସତ୍ୟାଗ୍ରହରେ ପ୍ରତ୍ୟେକ୍ଷ ଭାବରେ ନିଜକୁ ଅର୍ପଣ କରିଥିଲେ । କାନ୍ତ କବିଙ୍କର ବଡ଼ ପୁତ୍ର ନିତ୍ୟାନନ୍ଦ ମହାପାତ୍ର ମଧ୍ୟ ନିଜକୁ ଅତି ଭକ୍ତିର ସହିତ ଭୂମିକା ଲିଭାଇଥିଲେ । ଏହାଛଡ଼ା ସାଧାରଣ ଜନତା ଆନ୍ଦୋଳନରେ ସାମିଲ ହବାକୁ ପ୍ରବର୍ତ୍ତେଇ ମାତୃଭୂମିର ସ୍ୱାଧିନତାକୁ ମୂଳ ଲକ୍ଷ ସୃଷ୍ଟି କରିବାକୁ କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ନିଜର କଲମର ଅତି ଗଭୀର ଚାଳନା କରିଥିଲେ ଯାହା ଅନେକ ଗଳ୍ପ ଉପନ୍ୟାସ ନାଟକ ଓ କବିତାମାନ ରଚନା କରି ଲୋକମାନଙ୍କ ମଧ୍ୟରେ ଦେଶ ପ୍ରେମର ଶିଖା ଜଳାଇଦେଲେ । ତାଙ୍କର ଉତମ ଶକ୍ତିଶାଳୀ ଦେଶାତ୍ମାବୋଧ କବିତାମାନ ଲୋକମାନଙ୍କୁ ଏକତ୍ରିତ କରାଇ ସ୍ୱାଧିନତା ପ୍ରାପ୍ତ କରିବା ପାଇଁ ଇଂରେଜମାନଙ୍କ ବିରୋଧରେ ଲଢିବାକୁ ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ । ତାଙ୍କର ସେହି ଅମର କବିତା ମାଧ୍ୟମରେ ଓଡ଼ିଆ ଜାତି ଭିତରେ ଥିବା ନିକୃଷ୍ଟତାକୁ ଦୂର କରି ଦୃଢ଼ ଆତ୍ମ ବିଶ୍ୱାସର ଝଡ଼ ସୃଷ୍ଟି କରିଦେଇଥିଲେ । ଓଡ଼ିଆମାନେ ଇଂରେଜମାନଙ୍କ କୁମନ୍ତ୍ରଣାରେ ହଯାଇଥିବା ଖ୍ୟାତି ଏବଂ ମାତୃଭାଷା ପ୍ରତି ପ୍ରେମ ଓ ଭକ୍ତି ଜାଗ୍ରତ କରିବା ପାଇଁ ତାଙ୍କର କବିତା ଗୁଡିକ ଅତି ଗୁରୁତ୍ୱ ଭୂମିକା ସୃଷ୍ଟି କରିଥିଲା । ତାଙ୍କ ରଚନାରେ ଦେଶ ଓ ଜାତି ପ୍ରେମର ନିବିଡ଼ତା ସମସ୍ତ ହୃଦୟକୁ ଦୋହଲାଇ ଦେଇଥିଲା । ଦିନେ ଭଦ୍ରକରେ କଂଗ୍ରେସ ତରଫରୁ ସେଠାକାର ସମ୍ଭ୍ରାନ୍ତ ବ୍ୟକ୍ତି ମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ କରାଯାଇଥିଲା । ଏହି ସଭାର ପ୍ରାରମ୍ଭରେ କାନ୍ତକବିଙ୍କ ରଚିତ ଜାତୀୟ ସଂଗୀତ ପାଠ କରାଯାଇଥିଲା , ଯାହା ସମସ୍ତିଙ୍କୁ ଜାତୀୟତା ପ୍ରେମରେ ଭାବ ପ୍ରବଣତା ରଙ୍ଗଭରି ହୃଦୟସ୍ପର୍ଶୀ କରିଦେଇଥିଲା । ସଭାର ମାନସିକ ଚିନ୍ତା ଓ ଗଭୀରତାର ମଳୟକୁ ଆଡ଼େଇ ଦେଇ ସମସ୍ତଙ୍କ ବ୍ୟକ୍ତିତ୍ୱ ହଠାତ୍ ମନ୍ତ୍ର ମୁଗ୍ଧ ହୋଇଉଠିଲା। ଗରମ ହୋଇଗଲା ଶିରା ପ୍ରସିରାର ରକ୍ତ ବିନ୍ଦୁ। ସ୍ୱାଧିନତା ପାଇଁ ସଂଗ୍ରାମର ଝଡ଼ ଆଙ୍କିଦେଲା । ଉତ୍କଳମଣି ଗୋପବନ୍ଧୁ ଦାସ ଆତ୍ମହରା ହୋଇଉଠି ସଭାର ମଂଚ ତଳକୁ ଆସି ଲକ୍ଷ୍ମୀକାନ୍ତଙ୍କୁ ଅନେକ ପ୍ରଶଂସା କରିଥିଲେ । ଯାହା କାନ୍ତକବିଙ୍କୁ ଆହୁରି ଲେଖିବାକୁ ପ୍ରେରଣା ଜାଗ୍ରତ କରିଥିଲା । ଦେଶ ପ୍ରେମ ଜଗାଇବା ସହ ମାତୃପ୍ରୀତିର ଉଦ୍ଦିପନା ସୃଷ୍ଟି କରିବାକୁ 'ଆର୍ଯ୍ୟ ବାହିନୀ' କବିତାରେ ତାଙ୍କର ଅନେକ ଗୁଡ଼ିଏ ଦେଶପ୍ରେମର ଭାବ ଅମର ହୋଇରହିଛି , ଯାହା ଓଡ଼ିଶାର ଆତ୍ମ ଶକ୍ତିକୁ ଏକତ୍ରିତ କରିବାରେ ଉତ୍ସାହ ପ୍ରେରଣା ଯୋଗାଇଦେଇଥିଲା । ସ୍ୱରାଜ ଓ ସ୍ୱଦେଶୀ ଭାବରେ କବିତା ହୃଦୟସ୍ପର୍ଶୀ ହୋଇପାରିଥିଲା । ତାଙ୍କର ରଚନାଗୁଡ଼ିକ ଦୁଇଟି ଭାଗରେ ଥିଲା । ଯଥା କାନ୍ତ ସାହିତ୍ୟାୟନ ଏବଂ ଜାତି ପ୍ରେମ କବିତା ୩୩ଟିକୁ ନେଇ ରଚନା କରିଥିଲେ । ଏହା ଭିତରୁ 'ବନ୍ଦେ ଉତ୍କଳ ଜନନୀ' ଆଜି ଜାତୀୟ ସଂଗୀତ ଭାବରେ ମନୋନିତ ହେବାକୁ ଯାଉଥିବା ବେଳେ ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ଏହି କବିତାଟି ସମଗ୍ର ରାଜ୍ୟରେ ରାଜ୍ୟ ଗାନ ଭାବରେ ଆଦୃତି ଲାଭ କରିଥିଲା । ୧୯୯୪ରେ ବଚସ୍ପତି ଯୁଧିଷ୍ଠିର ଦାସ ଏହାକୁ ରାଜ୍ୟ ସଙ୍ଗୀତ ଭାବରେ ମାନ୍ୟତା ଦେବା ପାଇଁ ବିଧାନ ସଭାରେ ନିଷ୍ପତି ନେଇଥିଲେ। ୧୯୯୪ ଡ଼ିସେମ୍ବର ୨୧ରେ ବିଧାନ ସଭାରେ ସମସ୍ତ ସଦସ୍ୟ ଦଣ୍ଡାୟମାନ ହୋଇ ଏହାକୁ ଜାତିୟ ସଂଗୀତ ପରି ମାନ୍ୟତା ଦେଇ ଗାନ କରିଥିଲେ। ସେହି ଦିନରୁ ବିଧାନ ସଭାରେ ଏହି ପରମ୍ପରା ଚାଲିଆସୁଛି । ହେଲେ ୨୦୦୨ ମସିହା ପର୍ଯ୍ୟନ୍ତ ସରକାରୀ ମାନ୍ୟତା ନ ମିଳିବାରୁ ବାଚସ୍ପତି ଶରତ କୁମାର କରଙ୍କ ସହାୟତାରେ ବାଳକୃଷ୍ଣ ଦାଶଙ୍କ ଦ୍ୱାରା ମୂଳ କଣ୍ଠ ସ୍ୱର ପରିବେଶିତ କରି କେନ୍ଦ୍ରସରକାରଙ୍କୁ ସ୍ପଟିକରଣ ମାଗିଥିଲେ। ତାହା ହୋଇ ନପାରିବାରୁ ପରେ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇଥିଲା । ୨୦୧୨ରେ ସଂସ୍କୃତି ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଂଗୀତ ମାନ୍ୟତା ଦିଆଯିବାକୁ ନିଷ୍ପତି ନିଆଗଲା,ଯାହା ଦୁଇଟି ଫର୍ମାଟରେ ପ୍ରଦର୍ଶନ କରାଗଲା। ବଦ୍ୟଯନ୍ତ୍ରରେ କେବଳ କଣ୍ଠ ସଂଗୀତ , ଅନ୍ୟଟି ପୁଲିସ ବ୍ୟାଣ୍ଡ ସହାୟତାରେ ପ୍ରତିଷ୍ଠା କରାଗଲା । ୨୦୧୯ ନଭେମ୍ବର ୧୧ ତାରିଖରେ ଉଚ୍ଚ ନ୍ୟାୟାଳୟର ଜଷ୍ଟିସ ସିଆର ଦାସଙ୍କ ଅଧିନରେ ଗଠିତ ଖଣ୍ଡ ପୀଠ ଏକ ମାମଲାରେ ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଛଅ ମାସ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମାନ୍ୟବର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଓଡ଼ିଶାରେ କୋଭିଡ଼ – ୧୯ ମହାମାରୀ ସମୟରେ ୨୦୨୦ ମଇ ୩୦ ରେ ସଂନ୍ଧ୍ୟା ୫:୩୦ ସମୟରେ ସମଗ୍ର ଦେଶର ଓଡ଼ିଆ ଲୋକମାନେ ଗାନ କରିଥିଲେ। ୨୦୨୦ ମସିହା ଜୁନ ୭ ତାରିଖରେ ଓଡ଼ିଶା ସରକାର ରାଜ୍ୟ ସଂଗୀତ ମାନ୍ୟତା ପ୍ରଦାନ କରିବା ସହିତ ସ୍କୁଲ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଅଛି ଏବଂ ସ୍କୁଲ ଛୁଟି ସମୟରେ ଗାନ କରିବାକୁ ସରକାରୀ ନିର୍ଦ୍ଦେଶ ରଖାଯାଇଛି । ଏହାଛଡ଼ା ତାଙ୍କର ଆହୁରି ଜାତୀୟ ସଂଗୀତ,ଚମ୍ପୁ,ଉପନ୍ୟାସ, ଗଳ୍ପ, ନାଟକ ସହିତ ୧୦୦ ରୁ ଉର୍ଦ୍ଧ ଭକ୍ତି କବିତା ରଚନା କରିଥିଲେ। ମାସିକ ପତ୍ରିକା 'ଡ଼ଗର' ନାମରେ ମଧ୍ୟ ପ୍ରତିଷ୍ଠା କରିଥିଲେ। ସାଗରକୁ ଯେମିତି ଆଖି ପାଏନା ସେମିତି ଅସମ୍ଭବ ତାଙ୍କର ପାଣ୍ଡିତ୍ୟ ଓ ଦେଶ ପ୍ରେମକୁ କଳିବା । ବିଶାଳ ପ୍ରେମର ଗଭୀରତା ମାତୃ ଭୂମି ପାଇଁ ଅନାବିଳ ଅଗାଧ ଆତ୍ମତୃପ୍ତି ର ଭାଷା ତାଙ୍କୁ ଅମର କରିଦେଇଛି। ସେହି ମହାନ ଓଡ଼ିଆ ରକ୍ତରେ ଚୀର ସ୍ମରଣୀୟ । ତାଙ୍କରି ସ୍ମୃତି ସଦା ପାଠ କରି ଅମର ଆତ୍ମାକୁ ଆଗାମୀ ପୀଢ଼ିରେ ମାତୃପ୍ରୀତିର ନିବିଡ଼ତା ସୃଷ୍ଟି କରିବ ନିଶ୍ଚୟ । ଭାଷା ସଂସ୍କୃତିର ଯିଏ ମମତା ତଟିନୀ, ମାନବିକତା ଯୋଉ ମାନଙ୍କର ଧର୍ମ,ଭାରତୀୟ ଯୋଉ ମାନଙ୍କର ଜାତି, ଅହିଂସା ଯୋଉମାନଙ୍କର ସଂପ୍ରଦାୟ,ପ୍ରେମ ଯୋଉମାନଙ୍କର ଭାଷା,ଘର ଯୋଉମାନଙ୍କର ମଣିଷର ଅନ୍ତର,ଆଦର୍ଶ ଯୋଉମାନଙ୍କର ତ୍ୟାଗ ସେଇ ଦେଶପ୍ରେମୀ ମହାନ ବ୍ୟକ୍ତିତ୍ୱଙ୍କର ମାତ୍ର ପଚିଶ ବର୍ଷ ବୟସରେ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ଆର୍ଥିକ ଦୁଃଖରେ ୧୯୫୩ ମସିହା ଫେବୃଆରୀ ୨୪ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତେଣୁ ସମସ୍ତିଙ୍କ ପାଖରେ ତାଙ୍କର ଅମୃତ ଅନାବିଳ ମାତୃପ୍ରୀତିର ସ୍ୱର ସର୍ବଦା ପବିତ୍ର ମଳୟ ହୋଇ ପ୍ରତି ହୃଦୟରେ ବିସ୍ତାର କରି ରହୁ ଏବଂ ଅଗାଧ ପାଣ୍ଡିତ୍ୟକୁ ତର୍ଜମା କରି,ଅମର ବ୍ୟକ୍ତିତ୍ୱର ଅବଦାନକୁ ନିଜ ଚଳାପଥରେ ବିଛାଇ ଦେଶର ସୁରକ୍ଷା ତଥା ମାଟିର ଗର୍ବକୁ ପ୍ରତିଷ୍ଠା କରିପାରିବା ପାଇଁ ସଂକଳ୍ପ ବଦ୍ଧ ହୋଇଉଠୁ ॥

'ଜୟ ହିନ୍ଦ୍'

*ସାମ୍ବାଦିକା,ଲେଖିକା*
*ଦୂରଭାଷୀ- ୯୯୩୭୭୩୪୭୩୧୮*






# 'ଆର୍ଶୀବାଦ ଯୋଜନା ନାଁରେ ରାଜ୍ୟ ସରକାର ଓଡିଶାର ଶିଶୁଙ୍କୁ ଉପେକ୍ଷିତ କରିଛନ୍ତି'



**ଭୁବନେଶ୍ୱର :** ରାଜ୍ୟ ସରକାର ଘୋଷଣା ସର୍ବସ୍ୱ ସରକାର। ପ୍ରତ୍ୟେକ ଦିନ ଗଣମାଧ୍ୟମ ଆଗରେ ନୂଆ ନୂଆ ମିଥ୍ୟା କଥା କହୁଛନ୍ତି। ଯେତେବେଳେ କରୋନା ଭଳି ଭୟଙ୍କର ମହାମାରୀ ବିଶ୍ୱକୁ ଘାରିଲା ସେତେବେଳେ ସର୍ବପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କଲେ ଯେ କୋଭିଡ୍‌ରେ ଅନାଥ ହୋଇଥିବା ଶିଶୁ ମାନଙ୍କ ପାଇଁ ଆର୍ଥିକ ସହାୟତାର ଗୋଟିଏ ବିସ୍ତୃତ ଯୋଜନା। ଯେଉଁଥିରେ ଶିଶୁ ମାନଙ୍କୁ ସ୍କୁଲ ପାଠ ପଢିବା ପାଇଁ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲ କିମ୍ବା ରେସିଡେଂଟ୍ ସ୍କୁଲ ସବୁଠି ଆଡ୍‌ମିଶନ ହୋଇପାରିବ। ୧୮ବର୍ଷ ପରେ ତାଙ୍କୁ ଷ୍ଟାଇପେଣ୍ଡ ମିଳିବ ଏବଂ ୨୩ ବର୍ଷ ବେଳକୁ ତାଙ୍କୁ ୧୦ଲକ୍ଷ ଟଙ୍କାର ଗୋଟିଏ କର୍ପସ୍ ଫଣ୍ଡ ମିଳିବ ଏହି ସବୁ ବ୍ୟବସ୍ଥା ପାଇଁ ପିଏମ କେୟାରସ୍ ଫଣ୍ଡ୍‌ରୁ ଅର୍ଥ ଆସିବ। ସାଙ୍ଗେ ସାଙ୍ଗେ ଏହି ଘୋଷଣାକୁ ଦେଖି ଓଡିଶାର ୨୧ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ପାଟିରୁ ଲାଳ ଗଡିଲା ଯେ ସେ ବି ଓଡିଶାବାସୀଙ୍କ ଠୁ ପୁଣି ବାହାଃ ବାହାଃ କିଛି ପାଇବାର ବାଟ ତାଙ୍କୁ ଦେଖାଗଲା ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ତୁରନ୍ତ ପରେ ପରେ ଓଡିଶାର ମୁଖ୍ୟମନ୍ତ୍ରୀ ଘୋଷଣା କଲେ ଯେ ଓଡିଶାରେ କରୋନାରେ ହରାଇଥିବା ବାପା ମାଙ୍କୁ ସେହି ଅନାଥ ଶିଶୁ ମାନଙ୍କୁ ମାସିକ ବାପା ମା ହରାଇଥିବା ଶିଶୁଙ୍କୁ ୨୫୦୦ ଓ ଯଦି ଜଣଙ୍କୁ ହରାଇଥାନ୍ତି ତେବେ ୧୫୦୦ ଦେବେ ବୋଲି ଏକ ଯୋଜନା ଓଡିଶା ସରକାର ଘୋଷଣା କଲେ। ଦୁଃଖ ଏବଂ ପରିତାପର ବିଷୟ ଯେ କେତେ ପିଲା ଏବଂ କେଉଁମାନେ ଏହି ଯୋଜନାରେ ଉପକୃତ ହେଲେ ରାଜ୍ୟସରକାର ଏପର୍ଯ୍ୟନ୍ତ କହିନାହାଁନ୍ତି। ଅପରପକ୍ଷରେ ହଠାତ୍ ଘୋଷଣା କଲେ ସେପ୍ଟେମ୍ବର ୧୫ ପାଖରୁ ଏହି ଯୋଜନା ବନ୍ଦ ହୋଇଗଲା ତେବେ ଆମର ପ୍ରଶ୍ନ ସେପ୍ଟେମ୍ବର ୧୫ପାଖରୁ ରାଜ୍ୟରୁ ସମ୍ପୂର୍ଣ୍ଣ ହଟିଗଲା ନା କରୋନାରେ ଆଉ କେହି ମୃତ୍ୟୁ ବରଣ କଲେନାହିଁ। କୌଣସି ପିଲା ଅନାଥ ହେଉନାହାଁନ୍ତି କି ? ଯଦି ସେମିତି କଥା ତେବେ ରାଜ୍ୟ ସରକାର ଘୋଷଣା କରନ୍ତୁ ଯେ ସେପ୍ଟେମ୍ବର ୧୫ରୁ ଓଡିଶା କରୋନା ମୁକ୍ତ ହେଲା। ଗଣମାଧ୍ୟମରୁ ଯାହା ପ୍ରକାଶ ହେଉଛି ଏବେ ମଧ୍ୟ କରୋନା ଚାଲିଛି ବହୁ ସଂଖ୍ୟାରେ ଲୋକେ ସଂକ୍ରମିତ ହୋଇ ପ୍ରାଣ ହରାଉଛନ୍ତି। ପ୍ରଥମତଃ ସେପ୍ଟେମ୍ବର ୧୫ ପାଖରୁ ଯେଉଁ ବାପା ମା କରୋନାରେ ପ୍ରାଣ ହରାଉଛନ୍ତି ତାଙ୍କ ପିଲା କାହିଁକି ଏହି ଯୋଜନାରୁ ବଂଚିତ ହେବେ ଏ କଥା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ରାଜ୍ୟ ବିଜେପି ସାଧାରଣ ସମ୍ପାଦିକା କହିଛନ୍ତି। ଦ୍ୱିତୀୟରେ ଇତି ମଧ୍ୟରେ ରାଜ୍ୟ ସରକାର ଏହି ଯୋଜନାକୁ ଅର୍ଥ ଦେବା ଆରମ୍ଭ କଲେ ୨୦ଜୁନ୍ ୨୦୨୧ପାଖରୁ ସେହି ସମୟରୁ ଆଜି ପର୍ଯ୍ୟନ୍ତ କେତେ ପିଲା ଉପକୃତ ହେଲେ ସେହି ପିଲା ମାନଙ୍କର ନାମ ଠିକଣା କେଉଁଠି ତାଙ୍କର ପାଠପଢାର ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି ଏବଂ କେତେ ଅର୍ଥ ଏ ପିଲାଙ୍କୁ ଦିଆଯାଇଛି ଏହାର ବେନିଫିସିଆରି ଲିଷ୍ଟ୍ ହିତାଧିକାରୀ ମାନଙ୍କର ସୂଚୀ ଏକଥାକୁ ସର୍ବଜନୀନ କରିବା ପାଇଁ ଡ. ସାମନ୍ତସିଂହାର ଦାବୀ କରିଛନ୍ତି। ନଚେତ୍ ରାସନ୍‌କାର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଏହା ବି ଏକ ମିଥ୍ୟା ଯୋଜନା ଏଥିରେ କୌଣସି ହିତାଧିକାରୀ ନାହିଁ କେବଳ କାଗଜପତ୍ରରେ ଲମ୍ବା ଲମ୍ବା ସଂଖ୍ୟା ଦେଇ ଓଡିଶାବାସୀଙ୍କୁ ଭଣ୍ଡାଇବା ବ୍ୟବସ୍ଥା କରୁଛନ୍ତି ରାଜ୍ୟ ସରକାର। ତୃତୀୟ କଥା ପ୍ରଧାନମନ୍ତ୍ରୀଙ୍କ ଯୋଜନା ପିଏମକେୟାରସ୍ ଫଣ୍ଡ୍‌ରୁ ଅର୍ଥ ଦିଆଯିବ କିନ୍ତୁ ଓଡିଶା ସରକାର କରୋନା ସମୟରେ ଅନାଥ ହୋଇଥିବା ପିଲା ମାନଙ୍କୁ ଯେଉଁ ଆର୍ଥିକ ସହାୟତା ଦେବେ ବୋଲି ଘୋଷଣା କଲେ ସେ ଫଣ୍ଡ୍ କେଉଁଠୁ ଆସିବ ତାହା ପାଇଁ ବ୍ୟୟବରାଦ ଓ ଆର୍ଥିକ ସୁବିଧାର କୌଣସି ବ୍ୟବସ୍ଥା କରିନାହାଁନ୍ତି।

# ଜମିକୁ ପାଣି ନାହିଁ; ମସ୍ୟାର ସମାଧାନ ନହେଲେ ରାସ୍ତାକୁ ଓହ୍ଲାଇବେ ଚାଷୀ

**ନରସିଂହପୁର (ବିନୋଦ ସାହୁ):** ନରସିଂହପୁର ବ୍ଲକର ଚାଷ ଜମିକୁ ଜଳସେଚନ ସୁବିଧା ସୁଯୋଗ ଦେବା ପାଇଁ ୩୭୮କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ବୃହତ ଜଳସେଚନ ପ୍ରକଳ୍ପ ବର୍ଷା ଅଭାବ ସମୟରେ ଏହି ପ୍ରକଳ୍ପ ଚାଷ ଜମିକୁ ପାଣି ଯୋଗାଇବ ମାତ୍ର ପ୍ରକଳ୍ପ ଅଛି କିନ୍ତୁ ଜମିକୁ ପାଣି ନାହିଁ ଚାଷ ଜମି ପଡିଆ ପଡିଛି। ଯାହା ଫଳରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ସମସ୍ୟାର ସମାଧାନ ନହେଲେ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀଙ୍କ ପକ୍ଷରୁ ଏନେଇ ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛି ଏକଡାଳ ଗୋକୁଳାନନ୍ଦ ଜୀୟୁ ସ୍ୱେଚ୍ଛାସେବୀ ସଂଗଠନ। ସ୍ୱେଚ୍ଛାସେବୀ ସଂଗଠନର ଅଭିଯୋଗ ଅନୁଯାୟୀ ଏକଡାଳ ଗ୍ରାମ ପଞ୍ଚାୟତର କୃଷକ ମାନେ ବିଶେଷ ଭାବେ ଗରିବ ଶ୍ରେଣୀର ଓ ନାମମାତ୍ର ଚାଷୀ ସମସ୍ତେ ଚାଷୀ ବିଶେଷ ଭାବେ କୃଷି ଉପରେ ନିର୍ଭର କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଏଠି କେବଳ ଚାଷକୁ ଛାଡିଦେଲେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ ପ୍ରାୟତଃ ୮୦ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଏଠାକାର ଚାଷୀ ମାନଙ୍କ ପାଇଁ ଜଳସେଚନର ବ୍ୟବସ୍ଥା ନଥିବାରୁ ଚାଷୀ ମାନେ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରି ଅନେକ ସମୟରେ ମରୁଡିର ସମ୍ମୁଖୀନ ହେଉଥିଲେ। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟସରକାର ଚାଷୀ ମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ପାଇଁ ଓ ମରୁଡି କୁ ରୋକିବା ପାଇଁ ମହାନଦୀର ପାଣିକୁ ବୃହତ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ରାଜ୍ୟ ସରକାର ମହତ ଉଦ୍ଦେଶ୍ୟ ରଖି ନରସିଂହପୁର ବ୍ଲକର ଚାଷୀମାନଙ୍କ ପାଇଁ ବୃହତ ଜଳ ପ୍ରକଳ୍ପ ଯୋଜନାରେ ଚାଷୀମାନଙ୍କ ଉନ୍ନତି ପାଇଁ ଜଳଯୋଗାଣର ବ୍ୟବସ୍ଥା କରିଥିଲେ। ବ୍ୟୟ ବରାଦରେ ୯ଟି ସ୍ଥାନରେ ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଉକ୍ତ ବୃହତ ଜଳସେଚନ ପ୍ରକଳ୍ପ ଟିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ୨୩/୦୨/୨୦୧୯ରିଖ ରେ ବୃହତ ଜଳପ୍ରକଳ୍ପଟି କୁ ଉଦଘାଟନ କରିଗଲା କିନ୍ତୁ ଏବେ ଚାଷୀମାନେ ତାର ସୁଫଳ ପାଇପାରୁ ନାହାନ୍ତି। କାରଣ ପ୍ରକଳ୍ପ ମାଧ୍ୟମରେ ପାଣି ଚ୍ୟାମ୍ବର ପଏଣ୍ଟ ଗୁଡିକ ବିଶେଷ ଭାବେ ଖାଲ ଜମି ଗୁଡିକରେ ଦିଆଯାଇଛି। ଡିପ ଜମି ଗୁଡିକରେ ପାଣି ଚ୍ୟାମ୍ବର ପଏଣ୍ଟ ଦିଆଯାଇ ନାହିଁ। ଏହା ଦ୍ୱାରା ଏକଡାଳ ଗ୍ରାମପଞ୍ଚାୟତ ଓ ନରସିଂହପୁର ବ୍ଲକର ହଜାର ହଜାର ଏକର ଚାଷଜମିକୁ କୌଣସି ଜଳସେଚନ ର ବ୍ୟବସ୍ଥା କରାଯାଇ ନଥିବାରୁ ଉକ୍ତ ବିଷୟଟିକୁ ଗୋକୁଳାନନ୍ଦ ଜୀଉ ସ୍ୱେଚ୍ଛାସେବୀ ସଂଗଠନ ଓ ଏକଡାଳ ଗ୍ରାମବାସୀଙ୍କ ତରଫରୁ ପୂର୍ବରୁ ଦରଖାସ୍ତ ମାଧ୍ୟମରେ ଅବଗତ କରିଥିଲୁ। ଅନେକ ଦିନ ବିତିଯାଇଥିଲେ ମଧ୍ୟ ଆମ୍ଭେ ମାନେ ତାର କୌଣସି ସୁଫଳ ପାଇପାରିଲୁ ନାହିଁ। ଏବେ ସ୍ୱଳ୍ପ ବର୍ଷା କାରଣରୁ ଆମେମାନେ ସମ୍ପୂର୍ଣ୍ଣ ଭାବେ ମରୁଡିର ସମ୍ମୁଖୀନ ହେବାକୁ ଯାଉଛୁ। କାରଣ ଯେଉଁ ଖାଲ ଜମି ଗୁଡିକରେ ପାଣି ଚୟାମ୍ବର ବସା ଯାଇଥିଲା ଉକ୍ତ ଚ୍ୟାମ୍ବର ପଏଣ୍ଟ ରେ ଏବେ ପାଣି ଆସୁନଥିବା ରୁ ଏକଡାଳ ଗ୍ରାମପଞ୍ଚାୟତ ସମେତ ନରସିଂହପୁର ବ୍ଲକ ର ସମସ୍ତ ଗ୍ରାମପଞ୍ଚାୟତର ଚାଷୀମାନେ ମରୁଡି ର ସମ୍ମୁଖୀନ ହେବା ସହ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ତେଣୁ ଯୁଦ୍ଧ କାଳୀନ ଭିତ୍ତିରେ ଯେଉଁ ଜମି ଗୁଡିକରେ ପାଣି ଚ୍ୟାମ୍ବର ପଏଣ୍ଟ ବସାଯାଇଛି ଉକ୍ତ ପଏଣ୍ଟ ଗୁଡିକରେ ଠିକ ଭାବେ ଜଳ ଯୋଗାଣର ବ୍ୟବସ୍ଥା। ୨ ଏକଡାଳ ଗ୍ରାମପଞ୍ଚାୟତ ସମେତ ନରସିଂହପୁର ବ୍ଲକକୁ ମରୁଡି ଘୋଷଣା କରି ଚାଷୀ ମାନଙ୍କୁ ମରୁଡି ସହାୟତା ଘୋଷଣା ପ୍ରଦାନ କରାଯାଉ। ୩ ଡିପ ଜମି ଗୁଡିକରେ ଖୁବ ଶ୍ରୀଘ୍ର ପାଣି ଚ୍ୟାମ୍ବର ପଏଣ୍ଟ ବସାଇ ଜଳସେଚନ ର ବ୍ୟବସ୍ଥା କରାଇବା ଆଦି ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ଗୋକୁଳାନନ୍ଦ ଜୀଉ ସ୍ୱେଚ୍ଛାସେବୀ ସଂଗଠନ ଓ ସମସ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ। ଗୋକୁଳାନନ୍ଦ ଜୀଉ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସୁନୀଲ କୁମାର ପାଣି, ସଞ୍ଜୟ କୁମାର ପଣ୍ଡା, ଦୁର୍ଯ୍ୟୋଧନ ରାଉତଙ୍କ ସମେତ ଏକଡାଳ ଗ୍ରାମପଞ୍ଚାୟତର ଚାଷୀ ସମୂହ ଏକ ଦାବିପତ୍ର ନରସିଂହପୁର ବିଡିଓ ପ୍ରଦୀପ କୁମାର ସାହୁ ଏବଂ ତହସିଲଦାର ଆଲୋକ ରଞ୍ଜନ ଦେହୁରୀଙ୍କୁ ପ୍ରଦାନ କରିଛନ୍ତି।



# ବନ୍ୟା ବିଭୀଷିକାର ଭବିଷ୍ୟବାଣୀ



**ଭୁବନେଶ୍ୱର, (ଦୀପକ କୁମାର କର)** : ଆସନ୍ତା ୨୦ ରୁ ୨୫ ତାରିଖ ଭିତରେ ହେବାକୁ ଥିବା ଭିସଣ ବନ୍ୟାର ସଫଳ ମୁକାବିଲା ପାଇଁ କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା ସତ୍ତ୍ୱେ ରାଜ୍ୟରେ ଭିଷଣ ବନ୍ୟା ସଫଳତା ସହିତ କରାଯାଇପାରିବ। ଛତିଶଗଡରେ ହଠାତ୍ ବାଦଲଫଟା ବର୍ଷା ହେଲା ଯାହା ବିଗତ ଶହେ ବର୍ଷର ରେକର୍ଡଁକୁ କାଟିଦେବ ବୋଲି କହିଲେ। ତା'ର ଯୁକ୍ତିଯୁକ୍ତତାକୁ କେହି ସମୀକ୍ଷା କରିପାରିବେ ନାହିଁ। ଏଣୁ ପ୍ରସ୍ତୁତି ଠାରୁ ପ୍ରକୃତିର ତାଣ୍ଡବ ଅଧିକ ହେବାରୁ ବନ୍ୟା ସଂଗଠିତ ହୋଇପାରିବ। ହଠାତ୍ ପୂର୍ଣ୍ଣିମି ହେବାରୁ ସମୁଦ୍ରରେ ଜୁଆର ଆସି ଆଉ ଫେରିଲା ନାହିଁ। ଏଣୁ ମହାନଦୀ ପାଣି ନିଷ୍କାସନ ହୋଇପାରିଲାନାହିଁ। ତା ଉପରେ ୧୭ ତାରିଖରେ ଲଘୁଚାପ ଜନିତ ବର୍ଷା ସବୁ ବୈଜ୍ଞାନିକ ଗଣିତକୁ ଭୁଲ କରିଦେବାର ତର୍କ ଆଗରେ ସାଧାରଣ ଜନତା ଓ ବିରୋଧୀ ନେତା କିଂକର୍ତ୍ତବ୍ୟ ବିମୁଢ଼ ହୋଇ ରହିଯିବେ। ମହାନଦୀରେ ସଫଳତା ପୂର୍ବକ ବନ୍ୟା କରାଇ ପାରିଲେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ବୈତରଣୀ ପାରିହେବା ସହଜ ହେବ। ଶେଷରେ ଦୁଇବର୍ଷ ହେଲା ପିଲାମାନଙ୍କୁ କୁଆଡେ ବୁଲାଇ ନେଇପାରି ନଥିଲୁ। ସରକାରଙ୍କ କୃପାରୁ ବନ୍ୟା ପରି ଆମୋଦଦାୟକ କାର୍ଯ୍ୟକ୍ରମ ହାତକୁ ନେଇ ସଫଳତାର ସହିତ ବିଭୀଷିକାମୟ ପରିସ୍ଥିତି ସୃଷ୍ଟି ନୂତନ ପ୍ରକାରର ପର୍ଯ୍ୟଟନ ସୃଷ୍ଟି କରି ଭ୍ରମଣର ସୁଯୋଗ ଦେଇଥିବାରୁ ଅଶେଷ ଧନ୍ୟବାଦ।

***ବିଶେଷ ଦ୍ରଷ୍ଟବ୍ୟ :*** ୧୪ ତାରିଖରୁ ମହାନଦୀ ଓ କାଠଯୋଡିରେ ପାଣି ଫୁଲି କି ଚାଲୁଥିଲେ ମଧ୍ୟ ୧୬ ତାରିଖଷର ଯାଇ ଟିଭିରେ ପ୍ରଚାର କରାଗଲା ମୁଣ୍ଡୁଳିରେ ମହାନଦୀର ଜଳସ୍ତର ଅଧିକ ରହିଲା ବୋଲି। ଏଣୁ ୧୪ ତାରିଖରୁ ମହାନଦୀର ଶାଖା ନଦୀ ଓ ନାଳ ମାଧ୍ୟମରେ ପୁରୀ, କେନ୍ଦ୍ରାପଡା, ଖୋର୍ଦ୍ଧା, ବାଙ୍କି, ବଡମ୍ବା, ଆଠଗଡ ଆଦି ତଳିଆ ଅଞ୍ଚଳରେ ମହାନଦୀର ଜଳ ମାଧ୍ୟମରେ ବିଲବାଡି ଉଥୁଲୁମୁଥୁଲୁ କରି ରଖାଗଲା। ଏବେ ୧୮ ତାରିଖରେ ହୀରାକୁଦ ପାଣି ମୁଣ୍ଡୁଳିରେ ପହଞ୍ଚିବ ବୋଲି ବଡଜୋରରେ ଘୋଷଣା କରାଗଲା। ୧୭/୧୮ ତାରିଖରେ ଲଘୁଚାପ ବର୍ଷା, ୧୭, ୧୮, ୧୯ ପୂର୍ଣ୍ଣମି ପାଇଁ ସମୁଦ୍ର ଜୁଆରିଆ ରହିବ ତ ମହାନଦୀର ଜଳ ସମ୍ପୂର୍ଣ୍ଣ ଖଲାସ ନ ହୋଇପାରି ଭଲ ବନ୍ୟା ହେବ। ସହଜେ ସରକାର ତ ଆଗରୁ ମଧ୍ୟମ ଧରଣର ବନ୍ୟା ହେବ କହି ଲୋକମାନଙ୍କ ଭିତରେ ଧାରଣା ସୃଷ୍ଟି କରିସାରିଛନ୍ତି ଏତେବେଳେ ମଧ୍ୟମ ବନ୍ୟା ବଡଧରଣର ବନ୍ୟାରେ ରୂପାନ୍ତରିତ ହୋଇଗଲା। ମୋଦି ବିକଳ ହେଲେ ମଧ୍ୟ ବିଦେଶଗସ୍ତ ଥିବାରୁ ପରିଦର୍ଶନରେ ଆସିପାରିବେ ନାହିଁ। ଶାରୀରିକ କାରଣରୁ ବିଧାନସଭାକୁ ଯାଉନଥିଲେ ମଧ୍ୟ ଆମ ଛାମୁ ହେଲିକପ୍ଟରରେ ନିରୀକ୍ଷଣ କରୁଥିବାର ଦୃଶ୍ୟ ପ୍ରଚାରିତ ହେବ। ଭିଷଣ କଷ୍ଟରେ ଥିବା ବନ୍ୟା ପୀଡିତଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଚୁଡା ଓ ଗୁଡ ଆକାରରେ ନେଳିଆ ପ୍ୟାକେଟରେ ଆକାଶ ମାର୍ଗରୁ ଫିଙ୍ଗା ଯାଉଥିବାର ଦୃଶ୍ୟ ମଧ୍ୟ ଟିଭିରେ ଦେଖି ଆମେ ନିଜ ଭିତରେ କେନ୍ଦ୍ର ଅବହେଳାର ତର୍କ କରି କରି ନିଜର ବୁଦ୍ଧିମତାକୁ ପ୍ରଦର୍ଶିତ କରିବା ପାଇଁ ଗାଲୁ ମାଲୁକରି ହାଲିଆ ନହେବା ପର୍ଯ୍ୟନ୍ତ ଛାଡିବା ନାହିଁ। ଅନ୍ତିମ ଦୃଶ୍ୟ ସମସ୍ତ ବିଧାୟକ ନିଜ ନିଜ ଅଞ୍ଚଳରେ ପାଣି ଭିତରେ ପସି ବିସ୍କୁଟ, ଛତୁଆ, ପଲିଥିନ ବାଣ୍ଟି ବାଣ୍ଟି ପଞ୍ଚାୟତ ନିର୍ବାଚନ ପାର ହୋଇଯିବେ।

# ନଭେମ୍ବରରେ କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ହକି ବିଶ୍ୱକପ୍ !



**ନୂଆଦିଲ୍ଲୀ :** ହକିର ହବ୍ ଭାବେ ପରିଚୟ ପାଇଥିବା ଓଡ଼ିଶା ଆଉ ଏକ ହକି ବିଶ୍ୱକପ୍ ଆୟୋଜନ କରିପାରେ। ନଭେମ୍ବର ମାସ ୨୫ରୁ ଡିସେମ୍ବର ୫ ତାରିଖ ଯାଏ ଭାରତରେ ଆୟୋଜିତ ହେବ ଜୁନିୟର ପୁରୁଷ ହକି ବିଶ୍ୱକପ୍। ହେଲେ ଏ ଯାଏ ବିଶ୍ୱକପ୍ ପାଇଁ ଭେନ୍ୟୁ ସ୍ଥିର ହୋଇପାରିନାହିଁ। ଟୁର୍ଣ୍ଣାମେଣ୍ଟର ମ୍ୟାଚ୍ ଗୁଡ଼ିକ ଗୌହାଟୀରେ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ପରେ ଲକ୍ଷ୍ନୌ ଏବଂ ଏବେ ଓଡ଼ିଶା ମଧ୍ୟ ଆୟୋଜନ ପାଇଁ ଦୌଡ଼ରେ ସାମିଲ୍ ହୋଇଥିବା ଜଣାପଡ଼ିଛି। ଟୁର୍ଣ୍ଣାମେଣ୍ଟକୁ ଆଉ ଦୁଇ ମାସ ସମୟ ବାକି ଥିବା ବେଳେ ଅନ୍ତର୍ଜାତୀୟ ହକି ଫେଡେରେସନ୍ (ଏଫଆଇଏଚ୍) ହକି ଇଣ୍ଡିଆର ନିଷ୍ପତ୍ତି ଅପେକ୍ଷାରେ ରହିଛି। ଜୁନିୟର ମହିଳା ହକି ବିଶ୍ୱକପର ଆୟୋଜନ ଦକ୍ଷିଣ ଆଫ୍ରିକାର ପୋଚେଫଷ୍ଟ୍ରୁମରେ ଡିସେମ୍ବର ୫ରୁ ୧୬ ତାରିଖ ଯାଏ ହେବ। ତେବେ ଜୁନିୟର ହକି ବିଶ୍ୱକପ୍ ପାଇଁ ଏଯାଏ ଭେନ୍ୟୁ ସ୍ଥିର ହୋଇନାହିଁ। ଏଫଆଇଏଚ୍ କମ୍ୟୁନିକେସନ୍ ଡିପାର୍ଟମେଣ୍ଟ ସୂଚନା ଦେଇ କହିଛି, ଏଫଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ୍ କେଉଁ ସହରରେ ଆୟୋଜିତ ହେବ, ସେ ନେଇ କିଛି ନିର୍ଦ୍ଧାରିତ ହୋଇପାରିନାହିଁ। ତେବେ ଆମେ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ନିମନ୍ତେ ହକି ଇଣ୍ଡିଆ ସହ ଲଗାତର ଯୋଗଯୋଗରେ ରହିଛୁ। ମିଳିଥିବା ସୂଚନା ଅନୁସାରେ ଆୟୋଜନ ପାଇଁ ଯେଉଁ ତିନୋଟି ସହର ଧାର୍ଯ୍ୟ ହୋଇଛି, ସେଥିରେ ସବୁଠାରୁ ନିମ୍ନରେ ରହିଛି ଗୌହାଟୀ। ସେହିପରି ଓଡ଼ିଶାର ଆଉ ଏକ ସୂତ୍ରରେ ଜଣାପଡ଼ିଛି ଯେ ଓଡ଼ିଶାରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଏବେ କଥାବାର୍ତ୍ତା ଚାଲିଛି। ଟୋକିଓ ଅଲିମ୍ପିକ୍ସ ପରେ ଓଡ଼ିଶା ସରକାର ୨୦୩୨ ଯାଏ ହକି ଇଣ୍ଡିଆର ପ୍ରାୟୋଜକ ରହିବ ବୋଲି ଘୋଷଣା କରିଛି। ୨୦୧୮ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପ୍ ସଫଳତାପୂର୍ବକ ଆୟୋଜନ ହୋଇଥିଲା। ଯାହା ପରେ ଓଡ଼ିଶାରେ ମଧ୍ୟ ୨୦୨୩ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବା ନେଇ ମଧ୍ୟ ନିଷ୍ପତ୍ତି ହୋଇଥିଲା। ୨୦୧୬ରେ ଜୁନିୟର ପୁରୁଷ ହକି ବିଶ୍ୱକପର ଆୟୋଜନ କରିଥିବା ଲକ୍ଷ୍ନୌ ପୁଣିଥରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଦୌଡ଼ରେ ରହିଛି। ଉଭୟ ଲକ୍ଷ୍ନୌ ଓ ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ କରିବାର ସମ୍ପୂର୍ଣ୍ଣ ଭିତ୍ତିଭୂମି ଓ ଅଭିଜ୍ଞତା ରହିଛି। ତେବେ ଓଡ଼ିଶାରେ ଜୁନିୟର ହକି ବିଶ୍ୱକପ୍ ହେବ ନା ନାହିଁ, ତା' ଉପରେ ହକି ଇଣ୍ଡିଆ ଫାଇନାଲ୍ ନିଷ୍ପତ୍ତି ନେବ। ସୂଚନାଯୋଗ୍ୟ, ଉଭୟ ପୁରୁଷ ଓ ମହିଳା ଜୁନିୟର ହକି ବିଶ୍ୱକପ୍ ଆୟୋଜନ ପାଇଁ ଦୌଡ଼ରେ ଥିବା ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଏଥିରୁ ଓହରିଯାଇଥିଲା। ଯାହା ପରେ ପୁରୁଷ ହକି ବିଶ୍ୱକପ୍ ପାଇଁ ଭାରତ ଓ ମହିଳା ଜୁନିୟର ହକି ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକାକୁ ଆୟୋଜନ ଦାୟିତ୍ୱ ଦିଆଯାଇଥିଲା। ଅନ୍ୟପକ୍ଷରେ ଉଭୟ ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆର ଅଂଶଗ୍ରହଣକୁ ନେଇ ସନ୍ଦେହ ଦେଖା ଦେଇଛି। ଉଭୟ ଟିମ୍ କୋଭିଡ୍ କାରଣରୁ ଟୁର୍ଣ୍ଣାମେଣ୍ଟରୁ ଓହରିପାରନ୍ତି। ତେବେ ଏ ନେଇ ଉଭୟ ଦେଶ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ।

# 'ଦକ୍ଷତା ମାଧ୍ୟମରେ ଯୁବକଙ୍କୁ ଆତ୍ମନିର୍ଭର କରାଯାଉଛି'



**ଭୁବନେଶ୍ୱର :** ଆଗାମୀ ଦିନରେ ଦେଶରେ ଉତ୍ପାଦନ ଓ ଅର୍ଥନୀତିକୁ ବଢ଼ାଇବା ପାଇଁ ଯୁବକଯୁବତୀଙ୍କୁ ଦକ୍ଷତା ମାଧ୍ୟମରେ ସ୍ୱାବଲମ୍ବୀ ଓ ଆତ୍ମବିଶ୍ୱାସୀ କରିବାକୁ ପଡ଼ିବ। ଏହି ପୃଷ୍ଠଭୂମିରେ ସେମାନଙ୍କୁ ଆତ୍ମନିର୍ଭର କରିବା ହେଉଛି ଅମୃତ ମହୋତ୍ସବର ଅମୃତ ବିନ୍ଦୁ। ତେଣୁ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବା ତଥା ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଏହାକୁ ସଂକଳ୍ପରେ ପରିଣତ କରି ଯୁବକମାନଙ୍କୁ ସଶକ୍ତ କରିବା ପାଇଁ ଏହି ସୁଯୋଗକୁ ଉପଯୋଗ କରିବା ନିମନ୍ତେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ଦିନ ବିଶ୍ୱକର୍ମା ପୂଜା ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଦେଶର ବିଭିନ୍ନ ରାଜ୍ୟରୁ ଦକ୍ଷ ପ୍ରଶିକ୍ଷକମାନଙ୍କୁ ଭର୍ଚୁଆଲ ପ୍ଲାଟଫର୍ମରେ ଉଦ୍ୟମିତା ପ୍ରଶିକ୍ଷକ ସମେତ ବିଭିନ୍ନ ବିଭାଗରେ ୩୬ ଜଣ ପ୍ରଶିକ୍ଷକଙ୍କୁ କୌଶଳାଚାର୍ଯ୍ୟ ପୁରସ୍କାର-୨୦୨୧ରେ ସମ୍ମାନିତ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାରୁ ଅଛନ୍ତି ଜନ ଶିକ୍ଷଣ ସଂସ୍ଥାନର ହସ୍ତକଳା ପ୍ରଶିକ୍ଷକ ଚନ୍ଦ୍ରାବଳୀ ଖଟୁଆ, ଜନ ଶିକ୍ଷଣ ସଂସ୍ଥାର ବୈଷୟିକ ପ୍ରଶିକ୍ଷକ ଅଜୟ କୁମାର ସ୍ୱାଇଁ, ଆଇଟିଆଇରେ ମାଷ୍ଟର ଟ୍ରେନର ବିପିନ ବିହାରୀ ଗୌଡ଼ ଏବଂ ଆଇଟିଆଇରେ ଡିଜିଟି ମାଷ୍ଟର ଟ୍ରେନର ନିବେଦିତା ମୋହନପାତ୍ର। ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଥିବା ବେଳେ ମୋଦୀ ସରକାର ସବ୍କା ସାଥ୍, ସବ୍କା ବିକାଶ, ସବ୍କା ବିଶ୍ୱାସ ଏବଂ ସବ୍କା ପ୍ରୟାସ ଉପରେ ଗୁରୁତ୍ୱ ଦେଇଛନ୍ତି। ନୂତନ ବ୍ୟବସାୟ ଏବଂ ସ୍କିଲିଂ ମଡେଲଗୁଡିକ ବିକଶିତ ହେଉଛି, ଯାହା ମହାମାରୀ ପରବର୍ତୀ ଦୁନିଆରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏ ଦୃଷ୍ଟିରୁ ଆଗାମୀ ୨୫ ବର୍ଷ ଆମ ପାଇଁ ମହତ୍ୱପୂର୍ଣ୍ଣ। ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାରରେ ଅଣାଯାଇଥିବା ଜାତୀୟ ଶିକ୍ଷା ନୀତି ବିଦ୍ୟାର୍ଥୀଙ୍କୁ କୌଶଳ ସହ ରୋଜଗାର ଆଧାରିତ ଶିକ୍ଷା ପ୍ରଦାନ କରିବ। ପ୍ରଧାନମନ୍ତ୍ରୀଙ୍କ ମେକ୍ ଅନ୍ ଇଣ୍ଡିଆ ଏବଂ ଭାରତକୁ ବିଶ୍ୱର ଦକ୍ଷତା ରାଜଧାନୀ କରିବା ବାସ୍ତବରେ ଦୂରଦୃଷ୍ଟିରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଆଗାମୀ ଦିନରେ ଦେଶର ଆବଶ୍ୟକତା ବଢୁଥିବା ବେଳେ ଦକ୍ଷତା ଏବଂ ଉଦ୍ୟମିତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୁବକ ଯୁବତୀଙ୍କୁ ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

# ଲଘୁଚାପ ବର୍ଷାରେ ଜଗତ୍‌ସିଂହପୁରରେ ସ୍ଥିତି ସଙ୍ଗୀନ, ବ୍ୟାପକ ଅଞ୍ଚଳ ଜଳମଗ୍ନ




**ଜଗତ୍‌ସିଂହପୁର :** ଦୁଇ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ଜିଲ୍ଲାର ଆଠଗୋଟି ବ୍ଲକ୍ ବିଭିନ୍ନ ଅଞ୍ଚଳରେ ବନ୍ୟାପରିସ୍ଥିତି ସଙ୍ଗୀନ ହୋଇପଡିଛି। ଏପରି ଲଗାଣ ଲଘୁଚାପ ବର୍ଷାରେ ଧାନଫସଲଠାରୁ ଆରମ୍ଭ କରି ଲୋକମାନଙ୍କ ପନିପରିବା ଚାଷ ଏକ ପ୍ରକାର ଠପ ହୋଇଯାଇଛି। ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିର୍ଦ୍ଦେଶ ବଳରେ ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ କ୍ଷୟକ୍ଷତି ହୋଇଥିବା ଅଞ୍ଚଳ ଗ୍ରସ୍ତକରି ବିପନ୍ନ ପରିବାରଙ୍କୁ ଖାଦ୍ୟସାମଗ୍ରୀ ଓ ଜରିପାଲ ଇତ୍ୟାଦି ପ୍ରଦାନ କରୁଛନ୍ତି। ଏପରି ବନ୍ୟାବିପ୍ଳାତ ଘଟଣା ବୋଧେ ଦୀର୍ଘ ୫୦ବର୍ଷ ମଧ୍ୟ ଏପରି ହୋଇନଥିଲା ବୋଲି ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଆଲୋଚନା କରୁଛନ୍ତି। ଧାନ ଓ ପନିପରିବା ବିଲମାନଙ୍କରେ ଯେଉଁ ପ୍ରକାର ବର୍ଷାପାଣି ସବୁ ବୁଡି ରହିଛି ଚଳିତ ବର୍ଷ ଚାଷୀମାନଙ୍କ ସମସ୍ତ ରୋଜଗାର ସବୁ ଉଜୁଡି ଯିବାର ଆଶଙ୍କା ସୃଷ୍ଟି ହୋଇଛି। ଲଘୁଚାପ ବର୍ଷା ସାଙ୍ଗକୁ ପବନର ଗତି ବଢୁଥିବାରୁ ବିଭିନ୍ନ ସ୍ଥାନରେ ଗଛ ସବୁ ବି ଭାଙ୍ଗିପଡିଛି ତେବେ ପାଣି ଘେରର ଦିନ ଯେତିକି ବଢୁଛି ବନ୍ୟା ଦୁର୍ଗତଙ୍କ ଦୁଃଖ ସେତିକି ପରିମାଣରେ ବଢ଼ିବାରେ ଲାଗିଛି। ଜିଲ୍ଲାପାଳଙ୍କ ପକ୍ଷରୁ ସମସ୍ତ ମରାମତି କାର୍ଯ୍ୟ ସାଙ୍ଗକୁ ରିଲିଫ କାର୍ଯ୍ୟ ଜାରି ରହିଥିବାର ଦେଖାଯାଉଛି। ସବୁଠାରୁ ଉଦ୍‌ବେଗଜନକ ଘଟଣା ହେଉଛି ଯେ, ଆଗକୁ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଥିବା ବେଳେ ବନ୍ୟାପ୍ରଭାହିତ ଅଞ୍ଚଳମାନଙ୍କରେ କୌଣସି ଦଳର ନେତା ବା ମନ୍ତ୍ରୀମାନଙ୍କୁ ଦେଖିବାକୁ ମିଳୁନାହିଁ। ଜିଲ୍ଲାପାଳ ଶ୍ରୀ ମହାପାତ୍ର ବନ୍ୟାପ୍ରବାହିତ ଅଞ୍ଚଳସବୁ ଗ୍ରସ୍ତକରି ଉଦ୍ଧାର କାର୍ଯ୍ୟ ଓ ଥଇଥାନ କାର୍ଯ୍ୟ ସବୁର ତଦାରଖ କରିବା ସହିତ ବନ୍ୟାପାଣିରେ ବୁଡିଯାଇଥିବା ମାଣମାଣ ଧାନବିଲଗୁଡିକର ସଠିକ୍ ତଦନ୍ତ କରି ରିପୋର୍ଟ ଦେବାକୁ ତହସିଲଦାର ଓ କୃଷିବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଦୁଇଦିନ ଧରି ଅବିଶ୍ରାନ୍ତ ବର୍ଷା ଫଳରେ ଆଗଠଗୋଟି ବ୍ଲକ୍ ମଧ୍ୟରୁ ରଘୁନାଥପୁରରେ ୩୨୩ମିମି, ବିରିଡିରେ ୨୫୮ମିମି, କୁଜଙ୍ଗରେ ୨୬୫, ତିର୍ତ୍ତୋଲରେ ୨୪୫, ଏରସମାରେ ୨୭୩, ଜଗତ୍‌ସିଂହପୁରରେ ୨୬୪, ବାଲିକୁଦାରେ ୪୪୦ ଓ ନାଉଗାଁରେ ୩୮୦ମିଲି ବର୍ଷା ହୋଇଥିବା ଘଟଣା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲାର ବାଲିକୁଦା ବ୍ଲକ୍, ନାଉଗାଁ ବ୍ଲକ୍ ଓ ରଘୁନାଥପୁର ବ୍ଲକ୍‌ମାନଙ୍କରେ ଚାଷଜମି ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ଯେଉଁଚାଷୀମାନଙ୍କର ଏକର ଏକର ବିଲମାନଙ୍କରେ କ୍ଷତି ହୋଇଛି ତାହାର ଆକଳନ କରି ସାହାଯ୍ୟ ପ୍ରଦାନ କରିବା ସମ୍ଭବ ନହୋଇପାରେ। ଏଠାରେ ଉଲ୍ଲେଖଯୋଗ୍ୟଯେ, ଯେଉଁ ଗରିବ ଦିନ ମଜୁରିଆ ଚାଷୀମାନେ ଭାଗ ବା କାଟ ଜରିଆରେ ବିଲରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଧାନ ଅମଳ କରିଥିଲେ ନିଜ ପରିବାର ପ୍ରତିପୋଷଣ କରିଥାନ୍ତେ ସେମାନଙ୍କ ଦୁଃଖ ଏହି ମହାମାରୀ ବନ୍ୟାପରିସ୍ଥିତି ଏକ ପ୍ରକାର ସଙ୍ଗୀନ କରିଦେଇଛି। ବହୁ ଚାଷୀମାନେ ବିଭିନ୍ନ ବ୍ୟାଙ୍କ ବା ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚାଷ କାର୍ଯ୍ୟପାଇଁ କରଜ ଆଣିଥିଲେ ଏହି ଚାଷୀମାନଙ୍କ ଭାଗ୍ୟ ସୁତାଖିଅରେ ଝୁଲିଲା ପରି ଲାଗୁଛି। ଏହି ଦିଗ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆର୍ଥିକ ସାହାଯ୍ୟ ପାଇଁ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ବିଶେଷ କରି ଲଘୁଚାପ ଜନିତ ପ୍ରବଳ ବର୍ଷା କାରଣରୁ ଭାଙ୍ଗିପଡିଥିବା ଗଛ କାଟିବା ଓ ଜମି ରହିଥିବା ପାଣିଗୁଡିକର ନିଷ୍କାସନ ପାଇଁ ଦମକଳ ବାହିନୀ ତତ୍ପରତା ସାଧରଣରେ ଚର୍ଚ୍ଚା ହେଉଛି। ଦମକଳ ବାହିନୀର ସମସ୍ତ କର୍ମଚାରୀମାନଙ୍କର ସହଯୋଗ ଯୋଗୁଁ ରାସ୍ତାଘାଟ ସଫା ଖୁବ୍ କମ୍ ସମୟରେ ହୋଇପାରିଥିଲା। ବିଭିନ୍ନ ସ୍ଥାନମାନଙ୍କରୁ ସୂଚନା ମିଳୁଛି ଯେ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମସ୍ତ ସ୍ଥାନକୁ ଯାତାୟତ କରି ଗରିବ ଲୋକମାନଙ୍କ ଠାରୁ ସେମାନଙ୍କ ଦୁଃଖ କଥା ବୁଝି ଆର୍ଥିକ ସହାୟତା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହିତ ସରକାରଙ୍କ ନିକଟରେ ଜିଲ୍ଲାବାସୀଙ୍କ ଦୁଃଖର କଥା ଜଣାଇବାର ବ୍ୟବସ୍ଥାବି କରୁଛନ୍ତି ଜିଲ୍ଲାପାଳ।



# ଲୟର୍ସ ଗ୍ରୁପ୍ ପକ୍ଷରୁ ଶ୍ରୀ ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା ଦିନ ସଂକ୍ରାନ୍ତି ହୋମ

**ଭୁବନେଶ୍ୱର :** ପ୍ରତିବର୍ଷ ଭଳି ଚଳିତ ବର୍ଷ ଭୁବନେଶ୍ୱର କୋର୍ଟ ପରିସରରେ ଲୟର୍ସ ଗ୍ରୁପ୍ ପକ୍ଷରୁ ଶ୍ରୀ ଗଣେଶ ପୂଜା ପାଳିତ ହୋଇଯାଇଛି। ସରକାରଙ୍କ କୋଭିଡ୍ କଟକଣା ମଧ୍ୟରେ ପୂଜା କାର୍ଯ୍ୟ କରାଯାଇଥିଲା। ଏଥିରେ ଗ୍ରୁପ୍‌ର ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିଭଳି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅବସରରେ ଏଠାରେ ସଂକ୍ରାନ୍ତି ହୋମର ଆୟୋଜନ କରାଯାଇଥିଲା। ଦିନ ବେଳା ସଂକ୍ରାନ୍ତି ହୋମ ହେବା ସହିତ ସଂଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

# ଟି-୨୦ ଅଧିନାୟକ ପଦ ଛାଡ଼ିବେ କୋହଲି



**ନୂଆଦିଲ୍ଲୀ :** କ୍ୟାପ୍ଟେନ୍ ପଦ ଛାଡିବେ କୋହଲି। ଭାରତୀୟ ଦଳର ଅଧିନାୟକ ପଦରୁ ଇସ୍ତଫା ଦେବେ ବିରାଟ କୋହଲି। ଭାରତୀୟ କ୍ରିକେଟ ଫ୍ୟାନ୍‌ଙ୍କ ପାଇଁ ସବୁଠାରୁ ବଡ ଖବର। ଟ୍ୱେଣ୍ଟି ଟ୍ୱେଣ୍ଟି ବିଶ୍ୱକପ ପରେ ଅଧିନାୟକ ପଦ ଛାଡିବା ନେଇ ଘୋଷଣା କରିଛନ୍ତି ବିରାଟ କୋହଲି। ଏ ନେଇ ନିଜେ କୋହଲି ଟ୍ୱିଟ୍ କରି ସୂଚନା ଦେଇଛନ୍ତି। କେବଳ ଟ୍ୱେଣ୍ଟି ଟ୍ୱେଣ୍ଟି ପଦ ଛାଡିବେ କୋହଲି। ପୂର୍ବପରି ଦିନିକିଆ ଏବଂ ଟେଷ୍ଟ କ୍ରିକେଟରେ ଅଧିନାୟକ ପଦ ଜାରି ରଖିବେ। ଏ ନେଇ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି କୋହଲି । ଟ୍ୱିଟ୍ କରି କୋହଲି କହିଛନ୍ତି, 'ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଏବଂ ବ୍ୟାଟ୍ସମ୍ୟାନ୍ ରୋହିତ ଶର୍ମାଙ୍କ ସହିତ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନେଇଛି।












Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**